ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୫/୨୦୨୫ (୧୨ ପୃଷ୍ଠା) Bhubaneswar, Tuesday, April 15/2025 Page 12 ₹ 7.00

୫୧ଶ ଭାଗ ୧୪୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 140 ମୂଲ୍ୟ ₹୭/-



କରୀନାଙ୍କ ଆଗାମୀ ପ୍ରୋଜେକ୍ଟ 'ଦାୟରା'

ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାନ୍ ଆଗାମୀ ଦିନରେ 'ଦାୟରା' ଫିଲ୍ମରେ ନଜରକୁ ଆସିବେ ବୋଲି ସୋମବାର ଇନ୍‌ଷ୍ଟାଗ୍ରାମରେ ଘୋଷଣା କରିଛନ୍ତି।

୦୨

୧୨

ଆଶୁତୋଷ ଚାମ୍ପିୟନ

ବକ୍‌ଲାଇନ ସ୍ନୁକର ଜୋନାଲ କ୍ୱାଲିଫାଇଂ ଟୁର୍ନାମେଣ୍ଟରେ ଆଶୁତୋଷ ପାଡ଼ା ଚାମ୍ପିୟନ ହୋଇଛନ୍ତି।

ଓଡ଼ିଆ ନବବର୍ଷ ଓ ବିଷୁବ ପଣା ସଂକ୍ରାନ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଘଟଗାଁସ୍ଥିତ ମା'ତାରିଣୀଙ୍କ ଦର୍ଶନ ସାରି ଫେରୁଛନ୍ତି।

ମା' ତାରିଣୀଙ୍କ ମନ୍ଦିର ପାଇଁ ୨୧୫ କୋଟି

ଓଡ଼ିଆ ନବବର୍ଷରେ ମା'ଙ୍କୁ ଦର୍ଶନକଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୧୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଓଡ଼ିଆ ନବବର୍ଷ ଓ ବିଷୁବ ପଣା ସଂକ୍ରାନ୍ତି ଅବସରରେ କେନ୍ଦୁଝର ଜିଲା ଘଟଗାଁ ବାସିନୀ ମା' ତାରିଣୀଙ୍କ ଦର୍ଶନକରି ଆଶିଷ ଭିକ୍ଷା କରିଛନ୍ତି। ଏହି ଅବସରରେ ପୀଠର ଉନ୍ନତୀକରଣ ପାଇଁ ୨୧୫ କୋଟି ଟଙ୍କାର ଡିପିଆର୍ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବା ସହ ପରିକ୍ରମା ପ୍ରକଳ୍ପ ବି ଶୀଘ୍ର ସରିବା ନେଇ ସୂଚନା ଦେଇଥିଲେ।

ସୋମବାର ମା'ଙ୍କ ଚଇତି ପର୍ବ ଶେଷ ଦିନ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦିନିକିଆ ଗସ୍ତରେ କେନ୍ଦୁଝର ଆସି ମା' ତାରିଣୀଙ୍କୁ ଦର୍ଶନ କରିଛନ୍ତି। ମାଆଙ୍କ ଦର୍ଶନ ଲାଭକରି କେନ୍ଦୁଝର ଜିଲା ଓ ଓଡ଼ିଶାର ବିକାଶ ପାଇଁ ମଙ୍ଗଳ ମନାସିଛନ୍ତି। ଅନ୍ୟପକ୍ଷରେ ଖୁବ୍‌ଶୀଘ୍ର ତାରିଣୀ ମନ୍ଦିର ଓ ମନ୍ଦିର ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଥିଲେ। ☞ ପୃଷ୍ଠା–୪

ସରକାରୀ ନୋଟିସ ମୂଲ୍ୟହୀନ

କେନ୍ଦ୍ରାପଡ଼ାରେ ସର୍ବାଧିକ ବାଂଲାଦେଶୀ ଅନୁପ୍ରବେଶକାରୀ



ଅମିତ ରାୟଙ୍କ ବାଂଲାଦେଶ ପାସ୍‌ପୋର୍ଟ (ବାମ) ଏବଂ ସେ ହାସଲ କରିଥିବା ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପାସ୍‌ପୋର୍ଟ ଓ ଆଧାର କାର୍ଡ।

ରାଜ୍ୟରେ ୩,୭୩୮ ବାଂଲାଦେଶୀ ବେଆଇନ ଭାବେ ରହିଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୧,୬୪୯ ଜଣ ଚିହ୍ନଟ ହୋଇଛନ୍ତି ବୋଲି ବିଧାନସଭାରେ ଉପସ୍ଥାପିତ ତଥ୍ୟରୁ ଜଣାପଡିଛି। ୨୦୦୪ରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଏଠାରେ ରହୁଥିବା ୧,୬୪୯ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଥିଲା। ୨୦୦୫ରେ ଏମାନଙ୍କ ମଧ୍ୟରୁ ୧,୫୫୧ ଜଣଙ୍କୁ ଦେଶାନ୍ତର ନୋଟିସ ହୋଇଥିଲା। ୨୦ବର୍ଷ ବିତିଥିଲେ ମଧ୍ୟ ଏମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏବେବି ସେମାନେ ଏଠାରେ ରହୁଛନ୍ତି। ଅନୁପ୍ରବେଶକାରୀମାନେ ଜାଲ ପ୍ରମାଣପତ୍ର ବଳରେ ସାର୍ଟିଫିକେଟ, ପାସ୍‌ପୋର୍ଟ ଆଦି ହାସଲ କରୁଛନ୍ତି। ଏପରିକି ସରକାରୀ ସୁବିଧା ହାତେଇବାରେ ମଧ୍ୟ ସଫଳ ହେଉଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସହ ସାମାଜିକ ପରିବେଶ ବିଗୁଡ଼ୁଥିବା ଅଭିଯୋଗ ହେଉଛି

କେନ୍ଦ୍ରାପଡ଼ା,୧୪।୪ (ଜଗନ୍ନାଥ ଧଳ)

ବାଂଲାଦେଶ ଓ କେନ୍ଦ୍ରାପଡ଼ା ଜିଲା ମଧ୍ୟରେ ଖୋଲାମେଲା ସମୁଦ୍ର। ଏହି ଦୂରତା ଅତିକ୍ରମ କରିବା ପାଇଁ ସି ସର୍‌ଲକୁ ମାତ୍ର ୮ ଘଣ୍ଟା ଆବଶ୍ୟକ। ତଟରକ୍ଷା ବାହିନୀ, ୩ ସାମୁଦ୍ରିକ ଥାନା ସତ୍ତ୍ୱେ ଅନୁପ୍ରବେଶ ରୋକି ହେଉନାହିଁ। ଫଳରେ ଜିଲାରେ ଅନୁପ୍ରବେଶ ବଢ଼ିଚାଲିଛି। ଏହି ଅନୁପ୍ରବେଶକାରୀ ଜିଲାରେ ଆଙ୍କା ଜମାଇ ଜଙ୍ଗଲ ଜମି ହଡ଼ପ କରୁଥିବା ଅଭିଯୋଗ ହେଉଛି। ଏପରିକି ଜାଲ ସଂରକ୍ଷିତ ଜାତି ପ୍ରମାଣପତ୍ରରେ ସରକାରୀ ଚାକିରି ମଧ୍ୟ ହାତଉଛନ୍ତି।

ଗତ ମାର୍ଚ୍ଚରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ୩,୭୩୮ ବାଂଲାଦେଶୀ ବେଆଇନ ଭାବେ ରହିଥିବା ସୂଚନା ଦେଇଥିଲେ। ସେଥିମଧ୍ୟରୁ କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୧,୬୪୯ ଅନୁପ୍ରବେଶକାରୀ ବାଂଲାଦେଶୀ ଅଛନ୍ତି। ତେବେ ଏହି ସଂଖ୍ୟା ୨୦୦୪ ମସିହାରୁ ଗଢ଼ିଆସୁଛି। ୨୦୦୪ରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ୧,୬୪୯ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଥିଲା। ୨୦୦୫ ମସିହାରେ ଏମାନଙ୍କ ମଧ୍ୟରୁ ୧,୫୫୧ ଜଣଙ୍କୁ ଦେଶାନ୍ତର ନୋଟିସ ହୋଇଥିଲା। ମାତ୍ର ଏମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏମାନେ ଅଦ୍ୟାବଧି ଜିଲାରେ ରହିଛନ୍ତି ବୋଲି ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି। ☞ ପୃଷ୍ଠା–୪

ମେହୁଲ ଚୋକ୍‌ସି ବେଲ୍‌ଜିୟମରେ ଗିରଫ

ନୂଆଦିଲ୍ଲୀ,୧୪।୪

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରୁ ୧୩ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଜାଲିଆତିରେ ସମ୍ପୃକ୍ତ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କୁ ବେଲ୍‌ଜିୟମରେ ଗିରଫ କରାଯାଇଛି। ତାଙ୍କ ପ୍ରତ୍ୟର୍ପଣ ପାଇଁ ଭାରତର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବେଲ୍‌ଜିୟମ୍ କର୍ତ୍ତୃପକ୍ଷଙ୍କୁ ନିବେଦନ କରାଯାଇଥିଲା ବୋଲି ସେଠାର ସଂଘୀୟ ନ୍ୟାୟିକ ସେବା ସୋମବାର ସ୍ପଷ୍ଟ କରିଛି। ତଦନୁଯାୟୀ ଗତ ଶନିବାର ଚୋକ୍‌ସିଙ୍କୁ ଗିରଫ କରାଯାଇ ଅଧିକ ନ୍ୟାୟିକ ପ୍ରକ୍ରିୟା ପାଇଁ ଅଟକ ରଖାଯାଇଛି। ପ୍ରତ୍ୟର୍ପଣ ପ୍ରକ୍ରିୟାକୁ ଆଗେଇନେବା ଲାଗି ଭାରତରୁ ଏକ ଟିମ୍ ଖୁବ୍‌ଶୀଘ୍ର ବେଲ୍‌ଜିୟମ ଯିବ ବୋଲି ଜଣାପଡ଼ିଛି। ୬୫ ବର୍ଷୀୟ ଚୋକ୍‌ସି ୨୦୧୮ରେ ଭାରତରୁ ପଳାଇଯାଇ ଆଣ୍ଟିଗୁଆରେ ରହିଆସୁଥିଲେ। ନିକଟରେ ତାଙ୍କୁ ବେଲ୍‌ଜିୟମରେ ଠାବ କରାଯାଇଥିଲା। ସେ ଡାକ୍ତରୀ ଚିକିତ୍ସା ପାଇଁ ସେଠାକୁ ଯାଇଥିବା ଖବର ମିଳିଥିଲା। ପିଏନ୍‌ବି ବ୍ୟାଙ୍କ ଜାଲିଆତି ମାମଲାରେ ଚୋକ୍‌ସି ଦ୍ୱିତୀୟ ମୁଖ୍ୟ ଅଭିଯୁକ୍ତ। ମୁଖ୍ୟ ଅଭିଯୁକ୍ତ ତାଙ୍କ ପୁଅରା ନୀରବ ମୋଦି ଏବେ ଲଣ୍ଡନ ଜେଲରେ ରହିଥିବାବେଳେ ଭାରତ ପ୍ରତ୍ୟର୍ପଣ ବିରୋଧରେ ☞ ପୃଷ୍ଠା–୪

ମେହୁଲ ଚୋକ୍‌ସି

ଇସ୍ପାତ ସହରରେ ୫ ଦିନରେ ୫ ହତ୍ୟା

ମାତୃହତ୍ୟାର ପ୍ରତିଶୋଧ ନେଇ ବାପାଙ୍କୁ ମାରିଦେଲେ

ଇସ୍ପାତ ସହର ରାଉରକେଲା ଅଶାନ୍ତ ହୋଇପଡ଼ିଲାଣି। ସହରର ବିଭିନ୍ନ ଥାନା ଅଞ୍ଚଳରେ ଛୋଟ ଛୋଟ କଥାକୁ ନେଇ ମୁଣ୍ଡ ଗଡ଼ୁଛି। କେଉଁଠି ମଦ ନ ଦେବାରୁ ଯୁବକଙ୍କୁ ହତ୍ୟା କରାଯାଉଛି ତ' ଆଉ କେଉଁଠି ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରାଯାଉଛି। ଏପରି କି ସାମାନ୍ୟ ବଚସାକୁ କେନ୍ଦ୍ରକରି ମଧ୍ୟ ଜଣେ ଯୁବକଙ୍କୁ ମାରି ଦିଆଯାଇଛି। ବିଶେଷକରି ରବିବାର ରାତିରେ ଜଣେ ପୁଅ ମାତୃହତ୍ୟାର ପ୍ରତିଶୋଧ ନେବାକୁ ନିଜ ବାପାଙ୍କୁ ମଧ୍ୟ ହତ୍ୟା କରିବାକୁ ପଛାଇ ନାହାନ୍ତି। ସହରରେ ୫ ଦିନରେ ୫ ଜଣଙ୍କୁ ହତ୍ୟା କରାଯିବା ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷରେ ସମସ୍ତ ଘଟଣା ଉପରେ ଗୁରୁତ୍ୱ ଦିଆଯାଇ ତଦନ୍ତ କରାଯାଉଛି, ଅଭିଯୁକ୍ତମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଏସ୍‌ପି ନୀତେଶ ଓ୍ୱାଧଓ୍ୱାନି କହିଛନ୍ତି।

ରାଉରକେଲା,୧୪।୪(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲାରେ ମାତୃହତ୍ୟାର ପ୍ରତିଶୋଧ ନେବାକୁ ଯାଇ ରବିବାର ରାତିରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଭାଲୁପଡ଼ା ଗ୍ରାମର ଜଣେ ଯୁବକ ନିଜ ବାପାଙ୍କୁ ଲୁହା ପାଇପ୍‌ରେ ପିଟିହତ୍ୟା କରିଛନ୍ତି। ମୃତକ ହେଲେ କ୍ରାନ୍ତି କୁମାର ବର୍ମା(୬୦)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପୁଅ ବିଷ୍ଣୁ ବର୍ମା(୨୨)ଙ୍କୁ ଗିରଫ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ.୧୮୫/୨୫) ରୁଜୁ ହୋଇଛି।

ପୋଲିସ ସୂଚନାନୁସାରେ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଭାଲୁପଡ଼ା ଗ୍ରାମର କ୍ରାନ୍ତିକୁମାର ବଡ଼ପୁଅ ଶିବା ବର୍ମା ଓ ସାନପୁଅ ବିଷ୍ଣୁଙ୍କ ସହ ଗାଁରେ ରୁହନ୍ତି। ୨୦୦୯ରେ କ୍ରାନ୍ତି କୌଣସି କାରଣରୁ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ଉକ୍ତ ଘଟଣାରେ ସେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଯାଇଥିଲେ। ୧୫ ବର୍ଷ ଜେଲ୍‌ଦଣ୍ଡ ଭୋଗିବା ପରେ ୨୦୨୪ ଡିସେମ୍ବର ମାସରେ ସେ ଜେଲରୁ ମୁକୁଳିଥିଲେ। ଜେଲରୁ ଫେରିବା ପରଠାରୁ କ୍ରାନ୍ତି ପୁଅ ବିଷ୍ଣୁଙ୍କୁ ବିଭିନ୍ନ ସମୟରେ ଗାଳିଗୁଳଜ ସହ ମାରପିଟ୍ କରୁଥିଲେ। ଏପରି କି ଗ୍ରାମର ମହିଳାମାନଙ୍କୁ ହଇରାଣ କରୁଥିଲେ। ରବିବାର ରାତି ୮ଟାରେ କ୍ରାନ୍ତି ଘରକୁ ଆସି ବିଷ୍ଣୁଙ୍କ ସହ ଝଗଡ଼ା କରିଥିଲେ। ଏଥିରେ ଅତିଷ୍ଠ ହୋଇ ବିଷ୍ଣୁ ରାସ୍ତାପାର୍ଶ୍ୱରେ ପଡ଼ିଥିବା ଏକ ଲୁହା ପାଇପ୍ ଆଣି କ୍ରାନ୍ତିଙ୍କ ମୁଣ୍ଡକୁ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ବିଷ୍ଣୁ ନିକଟସ୍ଥ ଜଙ୍ଗଲକୁ ଯାଇ ଲୁଚିଥିଲେ। ସୋମବାର ସକାଳେ ଗାଁରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ କ୍ରାନ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ମୃତକଙ୍କ ବଡବୋହୂ ପ୍ରିୟା ବାର୍ଲା ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା।

ଉଲ୍ଲେଖଯୋଗ୍ୟ, ଗତ ବୁଧବାର ରାତିରେ ୨ଟି ହତ୍ୟାକାଣ୍ଡ ଘଟିଥିଲା। ପ୍ଲାଣ୍ଟସାଇଟ୍ ଥାନା ଗାନ୍ଧୀରୋଡ୍‌ରେ ଶୋଇଥିବା ଅବସ୍ଥାରେ ଏକ ଧାରୁଆ ଛୁରିରେ ମଧୁସୂଦନପାଲି ଅଞ୍ଚଳର ସୁଦୀପ କର(୩୭) ଓରଫ ବଙ୍ଗାଳିଙ୍କ ତଣ୍ଟିକାଟି ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ପୋଲିସ ଗୁରୁବାର ବିହାର ରାଜ୍ୟ ଗୟାର ମୂଳନିବାସୀ ତଥା ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ରହୁଥିବା ସଞ୍ଜୟ ରବିଦାସ(୪୪)ଙ୍କୁ ଗିରଫ କରିଥିଲା। ସଞ୍ଜୟ ଏବଂ ବଙ୍ଗାଳି ଜରି ଓ ବର୍ଜ୍ୟବସ୍ତୁ ସଂଗ୍ରହ କରି ଚଳୁଥିଲେ। ସଞ୍ଜୟ ମଦ ପିଇବା ପାଇଁ ବଙ୍ଗାଳୀଙ୍କୁ ଟଙ୍କା ମାଗିଥିଲେ। ହେଲେ ସେ ନ ଦେବାରୁ ବଙ୍ଗାଳିଙ୍କୁ ହତ୍ୟା କରିଥିଲେ। ଅନ୍ୟଏକ ଘଟଣାରେ ☞ ପୃଷ୍ଠା–୪

ଆଜିର ସମ୍ପାଦକୀୟ

ପିଲାଚୋରି ଓ ପୋଲିସ

୧୪ ବର୍ଷ ହେଲା ଜାପାନ ଜନସଂଖ୍ୟା କମିଚାଲିଛି

ଟୋକିଓ, ୧୪।୪

ଜାପାନର ଜନସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ୨୦୨୪ରେ ଜନସଂଖ୍ୟା ଲଗାତର ଚତୁର୍ଦ୍ଦଶ ବର୍ଷ ପାଇଁ ହ୍ରାସ ପାଇଥିବା ସୋମବାର ଜାପାନ ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ରିପୋର୍ଟ ଜାରି କରାଯାଇଛି। ରିପୋର୍ଟ ଅନୁଯାୟୀ, ୨୦୨୪ ଅକ୍ଟୋବର ସୁଦ୍ଧା ଜାପାନ ଜନସଂଖ୍ୟା ୧୨.୩୮ କୋଟି ଥିଲା। ୨୦୨୩ଠାରୁ ଜନସଂଖ୍ୟା ୫ ଲକ୍ଷ ୫୦ ହଜାର (୦.୪୪%) କମିଛି। ୨୦୦୮ରେ ଦେଶର ଜନସଂଖ୍ୟା ଶୀର୍ଷରେ ପହଞ୍ଚିବା ପରେ ୨୦୧୧ ପରଠାରୁ ଏହା ହ୍ରାସ ପାଉଥିବା ରିପୋର୍ଟ କହିଛି।

ଜନସଂଖ୍ୟା ହ୍ରାସ ଯୋଗୁ ଯୁବବର୍ଗଙ୍କ ସଂଖ୍ୟା କମୁଥିବାବେଳେ ତୁଳନାତ୍ମକ ଭାବେ ବୟସ୍କଙ୍କ ସଂଖ୍ୟା ବଢ଼ୁଛି। ୧୫ ବର୍ଷରୁ କମ୍ ବୟସର ଜନସଂଖ୍ୟା ୧.୩୮ କୋଟି ରହିଛି, ଯାହା ସମୁଦାୟ ଜନସଂଖ୍ୟାର ୧୧.୨%। ୨୦୨୪ରୁ ଏହି ବର୍ଗର ପିଲାଙ୍କ ସଂଖ୍ୟାରେ ସର୍ବାଧିକ ୩ ଲକ୍ଷ ୪୩ ହଜାର ହ୍ରାସ ଘଟିଛି। ସେହିପରି ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ସଂଖ୍ୟା ୩.୬୨ କୋଟି ରହିଛି। ସମୁଦାୟ ଜନସଂଖ୍ୟାର ଏହା ୨୯.୩%। ୨୦୨୩ ଅପେକ୍ଷା ୨୦୨୪ରେ ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ସଂଖ୍ୟାରେ ୧୭ ହଜାର ବୃଦ୍ଧି ଘଟିଛି।

ଜାପାନରେ ଜନସଂଖ୍ୟା ହ୍ରାସର ସବୁଠାରୁ ବଡ଼ କାରଣ ହେଉଛି ଜନ୍ମହାର ହ୍ରାସ ପାଇବା। ଜାପାନର ଅନେକ ଯୁବ ପରିବାର ପିଲା ଜନ୍ମ କରି ସେମାନଙ୍କୁ ଲାଳନ ପାଳନ କରିବାକୁ ଚାହୁଁଥିଲେ ମଧ୍ୟ ଆର୍ଥିକ ସମସ୍ୟା ଏବଂ ଅନ୍ୟାନ୍ୟ କାରଣ ଯୋଗୁ ସେମାନେ ଏହି ଇଚ୍ଛାକୁ ପୂରଣ କରିପାରୁନାହାନ୍ତି। ସେହିପରି ନିଯୁକ୍ତି ନ ମିଳିବା, କମ୍ ଦରମା, ଜବ୍ ସିକ୍ୟୁରିଟି ନ ରହିବା ଆଦି ବିଭିନ୍ନ କାରଣ ଯୋଗୁ ଯୁବପିଢ଼ି ବିବାହ କରିବାକୁ ପସନ୍ଦ କରୁନାହାନ୍ତି କିମ୍ବା ବିଳମ୍ବରେ ବିବାହ କରୁଛନ୍ତି ବୋଲି ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରଣାଳୟର ମୁଖ୍ୟ କ୍ୟାବିନେଟ ସଚିବ ୟୋଶିମାସା ହୟାଶି କହିଛନ୍ତି। ଏହିସବୁର ସମାଧାନ ପାଇଁ ଜାପାନ ସରକାର ବିଭିନ୍ନ ପଦକ୍ଷେପ ଆରମ୍ଭ କରିଛନ୍ତି। ପିଲାଙ୍କ ଲାଳନପାଳନ ପାଇଁ ଆର୍ଥିକ ସହାୟତା ବଢ଼ାଇବା, ଯୁବପିଢ଼ିଙ୍କୁ ☞ ପୃଷ୍ଠା–୪

SIKSHA 'O' ANUSANDHAN

SAAT-2025

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

ମୁସଲମାନ ଯୁବତୀଙ୍କ ସହ ହିନ୍ଦୁ ଯୁବକଙ୍କୁ ଦେଖି ଆକ୍ରମଣ

ଉତ୍ତରପ୍ରଦେଶର ମୁଜାଫରନଗର ଜିଲାରେ ଜଣେ ମୁସଲମାନ ଯୁବତୀଙ୍କ ସହ ହିନ୍ଦୁ ଯୁବକଙ୍କୁ ଏକାଠି ଦେଖି ସ୍ଥାନୀୟ ଲୋକେ ମାଡ଼ ମାରିଛନ୍ତି। ଯୁବତୀଙ୍କ ଅଭିଯୋଗକ୍ରମେ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏକ ବାଇକ୍‌ରେ ଜଣେ ହିନ୍ଦୁ ଯୁବକ ପଛରେ ହିଜାବ ପିନ୍ଧିଥିବା ଜଣେ ଯୁବତୀଙ୍କୁ ନେଉଥିବାର ଦେଖି କେତେଜଣ ଯୁବକ ସେମାନଙ୍କୁ ଅଟକାଇବା ସହ ଉଭୟଙ୍କୁ ଆକ୍ରମଣ କରିଥିଲେ।

ସଂକ୍ଷେପରେ

ସଲ୍‌ମାନଙ୍କୁ ପୁଣି ହତ୍ୟା ଧମକ

ସଲ୍‌ମାନ ଖାନ୍

ମୁମ୍ବାଇ, ୧୪।୪

ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍‌ଙ୍କୁ ପୁଣିଥରେ ହତ୍ୟା ଧମକ ମିଳିଛି। ସୋମବାର ଓ୍ୱର୍ଲିସ୍ଥିତ ମୁମ୍ବାଇ ପୋଲିସର ଟ୍ରାଫିକ ଡିପାର୍ଟମେଣ୍ଟର ହ୍ୱାଟ୍ସଆପ ନମ୍ବରକୁ ସଲମାନଙ୍କ ଉଦ୍ଦେଶ୍ୟରେ ଏକ ଧମକପୂର୍ଣ୍ଣ ମେସେଜ୍ ଆସିଛି। ଏହି ମେସେଜରେ ସଲମାନଙ୍କ ଘରେ ପଶି ତାଙ୍କୁ ହତ୍ୟା କରାଯିବା ସହ ତାଙ୍କ କାର୍‌କୁ ବୋମାରେ ଉଡ଼ାଇ ଦିଆଯିବ ବୋଲି ଧମକ ଦିଆଯାଇଛି। ଘଟଣାକୁ ନେଇ ମୁମ୍ବାଇ ପୋଲିସ ନିଜଆଡୁ ମାମଲା ରୁଜୁ କରିଛି। ଏହାସହ ସଲମାନଙ୍କ ଘର ବାହାରେ ରହିଥିବା ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଗତବର୍ଷ ମଧ୍ୟ ସଲମାନଙ୍କୁ ଜୀବନରୁ ମାରିଦେବା ପାଇଁ ଅନେକ ଧମକପୂର୍ଣ୍ଣ ମେସେଜ୍ ମୁମ୍ବାଇ ପୋଲିସକୁ ମିଳିଥିଲା।

ଅନୁସୂଚିତ ଜାତି ଉପବର୍ଗୀକରଣ ଲାଗୁକଲା ତେଲଙ୍ଗାନା

ହାଇଦ୍ରାବାଦ,୧୪।୪

ସମ୍ବିଧାନ ପ୍ରଣେତା ଡ. ବି.ଆର୍. ଆମ୍ବେଡ୍‌କରଙ୍କ ୧୩୪ତମ ଜନ୍ମବାର୍ଷିକୀ ଅବସରରେ ତେଲଙ୍ଗାନା ସରକାର ଏକ ଐତିହାସିକ ଘଟଣାକ୍ରମେ ସୋମବାର ରାଜ୍ୟରେ ଅନୁସୂଚିତ ଜାତି (ସଂରକ୍ଷଣର ସୁବ୍ୟବସ୍ଥୀକରଣ) ଆଇନ, ୨୦୨୫କୁ ଆନୁଷ୍ଠାନିକ ଭାବେ କାର୍ଯ୍ୟକାରୀ କରିଛନ୍ତି। ଅନୁସୂଚିତ ଜାତି (ଏସ୍‌ସି) ମଧ୍ୟରେ ରହିଥିବା ଆନ୍ତଃଜାତି ତାରତମ୍ୟ ଦୂର କରିବାରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କୁହାଯାଉଛି। ଏହି ଆଇନ ବଳରେ ଅନୁସୂଚିତ ଜାତି ସଂରକ୍ଷଣ ବ୍ୟବସ୍ଥାର ଉପବର୍ଗୀକରଣ କାର୍ଯ୍ୟକାରୀ କରିବାରେ ତେଲଙ୍ଗାନା ଦେଶର ପ୍ରଥମ ରାଜ୍ୟ ହୋଇଛି। ପୂର୍ବରୁ ସୁପ୍ରିମକୋର୍ଟ ପଞ୍ଜାବ ସରକାର ବନାମ ଦାବିନ୍ଦର ସିଂ ମାମଲାରେ ଦେଇଥିବା ନିର୍ଣ୍ଣାୟକ ରାୟ ଅନୁସୂଚିତ ଜାତି ବର୍ଗ ମଧ୍ୟରେ ଭିନ୍ନ କୋଟା ପାଇଁ ଆଇନ ଆଣିବାକୁ ରାଜ୍ୟକୁ କ୍ଷମତା ଦେଇଥିଲା। ନୂଆ ଆଇନ ବଳରେ ୧୫ ପ୍ରତିଶତ ଏସ୍‌ସି କୋଟାକୁ ଜନସଂଖ୍ୟା ଏବଂ ସାମାଜିକ-ଅର୍ଥନୈତିକ ସୂଚକାଙ୍କ ଆଧାରରେ ୩ଟି ପ୍ରମୁଖ ଗ୍ରୁପ୍ ମଧ୍ୟରେ ଭାଗ କରାଯିବ।

ଜେନେଭାରେ ନିଲାମ ହେବ ଭାରତର ଦୁର୍ଲଭ ହୀରା

ଜେନେଭା, ୧୪।୪

ଭାରତର ରାଜକୀୟ ଐତିହ୍ୟକୁ ଦର୍ଶାଉଥିବା ବିରଳ 'ଦି ଗୋଲକୋଣ୍ଡା ବ୍ଲୁ' ହୀରା ମେ ୧୪ରେ ଜେନେଭାସ୍ଥିତ 'କ୍ରିଷ୍ଟିଜ୍ ମାଗ୍ନିଫିସେଣ୍ଟ ଜୁଏଲ୍ସ ଅକ୍ସନ'ରେ ନିଲାମ ହେବ। ଐତିହାସିକଙ୍କ ଅନୁଯାୟୀ, 'ଏହି ହୀରା ବହୁ ବର୍ଷ ପୂର୍ବେ ଇନ୍ଦୋର ଏବଂ ବଡ଼ୋଦରାର ମହାରାଜାଙ୍କ ନିକଟରେ ରହିଥିଲା। ୨୩.୨୪ କ୍ୟାରେଟର ଏହି ଦୁର୍ଲଭ ହୀରାର ଆନୁମାନିକ ମୂଲ୍ୟ ୩୦୦ରୁ ୪୩୦ କୋଟି ମଧ୍ୟରେ ହୋଇଥିବା ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।

ଇଂଲିଶ୍ ପାଠ୍ୟପୁସ୍ତକର ହିନ୍ଦୀ ନାମକୁ ନେଇ ବିବାଦ

ହାଇଦ୍ରାବାଦ,୧୪।୪

ଇଂଲିଶ ମାଧ୍ୟମ ସ୍କୁଲଗୁଡ଼ିକରେ ପ୍ରଚଳିତ ନୂଆ ପାଠ୍ୟପୁସ୍ତକଗୁଡ଼ିକର ହିନ୍ଦୀ ନାମକରଣ କରାଇ ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ବିବାଦ ଘେରକୁ ଆସିଛି। ଏପରିକି ଇଂଲିଶ ଭାଷା ଶିକ୍ଷା ପାଇଁ ଉଦ୍ଦିଷ୍ଟ ପୁସ୍ତକର ନାଁ ମଧ୍ୟରେ ହିନ୍ଦୀରେ ରଖାଯାଇଛି, ଯାହାକୁ ନେଇ ବିଶେଷଜ୍ଞ ଏବଂ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି। ଏଭଳି ପଦକ୍ଷେପ ଦ୍ୱନ୍ଦ୍ୱ ସୃଷ୍ଟି କରିବା ସହ ଦୀର୍ଘବର୍ଷ ଧରି ରହିଆସିଥିବା ଶିକ୍ଷା ନିୟମାବଳୀଠାରୁ ଦୂରେଇ ଯାଇଥିବା ସେମାନେ କହିଛନ୍ତି।

ଷଷ୍ଠ ଶ୍ରେଣୀ ଇଂଲିଶ ପାଠ୍ୟପୁସ୍ତକର ନାମ 'ପୂର୍ବୀ' ରଖାଯାଇଛି, ଯାହା ଏକ ହିନ୍ଦୀ ଶବ୍ଦ। ପୂର୍ବରୁ ଏହାର ନାମ ହନିସକଲ୍ ଥିଲା। ପୂର୍ବୀର ଅର୍ଥ ପୂର୍ବଭାଗ ଏବଂ ଶାସ୍ତ୍ରୀୟ ସଙ୍ଗୀତରେ ଏକ ରାଗର ନାମ। ହିନ୍ଦୀ ନାମ ପୂର୍ବୀ ରଖାଯିବାର ତାତ୍ପର୍ଯ୍ୟ ସମ୍ପର୍କରେ ଏହାର ଲେଖକ ତଥା ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଦିନେଶ



ପ୍ରସାଦ ସକଲାନି ଏବଂ ଏକାଡେମିକ୍ କୋଅର୍ଡିନେଟର କୀର୍ତ୍ତି କପୁର କୌଣସି କାରଣ ଦର୍ଶାଇନାହାନ୍ତି। କେବଳ ଏତିକି କୁହାଯାଇଛି, ପୁସ୍ତକରେ ଭାରତୀୟ ଜ୍ଞାନବ୍ୟବସ୍ଥା, ସାଂସ୍କୃତିକ ଐତିହ୍ୟ, ଲିଙ୍ଗଗତ ସମାନତା, ସାଂଖ୍ୟିକ ଦକ୍ଷତା ଏବଂ ପରିବେଶ ଯତ୍ନ ଆଦି ଶୈକ୍ଷିକ ମୂଲ୍ୟବୋଧକୁ ସ୍ଥାନିତ କରାଯାଇଛି। ସେହିପରି ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀ ପାଠ୍ୟପୁସ୍ତକର ନାମ ମୃଦଙ୍ଗ ରଖାଯାଇଥିବାବେଳେ ତୃତୀୟ ଶ୍ରେଣୀ ପୁସ୍ତକର ନାମ ସନ୍ତୁର ରଖାଯାଇଛି। ଏଗୁଡ଼ିକ ଭାରତୀୟ ସଙ୍ଗୀତର ବାଦ୍ୟଯନ୍ତ୍ର ନାମ। ଷଷ୍ଠ ଶ୍ରେଣୀର ନୂଆ ବିଜ୍ଞାନ ପୁସ୍ତକର ଇଂଲିଶ ନାଁ ରହିଛି କ୍ୟୁରିଓସିଟି। ଏହାର ହିନ୍ଦୀ ଏବଂ ଉର୍ଦ୍ଦୁ ସଂସ୍କରଣର ନାମ ଯଥାକ୍ରମେ ଜିଜ୍ଞାସା ଏବଂ ତାଜସୁସ୍ ରଖାଯାଇଛି। ସେହିପରି ସାମାଜିକ ବିଜ୍ଞାନର ଇଂଲିଶ ଭର୍ସନ ପୁସ୍ତକ ନାମ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ' ରଖାଯାଇଥିବାବେଳେ ହିନ୍ଦୀ ସଂସ୍କରଣର ନାମ 'ସମାଜ କା ଅଧ୍ୟୟନ: ଭାରତ ଔର ଉସ୍‌କେ ଆଗେ' ରହିଛି।

ଜାତୀୟ ଶିକ୍ଷାନୀତିରେ ତ୍ରିଭାଷୀ ନୀତିକୁ ତାମିଲନାଡୁ ସମେତ ବିଭିନ୍ନ ରାଜ୍ୟ ଦୃଢ଼ ବିରୋଧ କରୁଥିବାବେଳେ ଇଂଲିଶ ପାଠ୍ୟପୁସ୍ତକଗୁଡ଼ିକର ହିନ୍ଦୀ ନାମକରଣ ବିବାଦକୁ ଆହୁରି ବଢ଼ାଇଛି। ସ୍କୁଲ୍‌ରେ ତ୍ରିଭାଷୀ ନୀତି ଲାଗୁକରି ଅଣହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ହିନ୍ଦୀ ଭାଷାକୁ ଜବରଦସ୍ତ ଲଦିଦେବାକୁ କେନ୍ଦ୍ର ସରକାର ଉଦ୍ୟମ ଚଳାଇଥିବା କହି ବିଭିନ୍ନ ରାଜ୍ୟ ଏହାର ବିରୋଧ କରିଆସୁଛନ୍ତି। ଅତୀତରେ ମଧ୍ୟ ଏନ୍‌ସିଇଆର୍‌ଟି ବିଭିନ୍ନ ଭାଷାର ପୁସ୍ତକରେ ଭିନ୍ନ ନାମକରଣ କରିଆସିଛି। ଉଦାହରଣ ସ୍ୱରୂପ ଷଷ୍ଠ ଶ୍ରେଣୀର ଗଣିତ ପୁସ୍ତକକୁ ଲଂଲିଶରେ ମାଥ୍‌ମେଟିକ୍ସ କୁହାଯାଉଥିବାବେଳେ ହିନ୍ଦୀରେ ଗଣିତ ଏବଂ ଉର୍ଦ୍ଦୁରେ ରିୟାଜି କୁହାଯାଇଥାଏ। କିନ୍ତୁ ଏବେ ଏହାର ଉଭୟ ଇଂଲିଶ ଏବଂ ହିନ୍ଦୀ ସଂସ୍କରଣର ନାମ 'ଗଣିତ ପ୍ରକାଶ' ରଖାଯାଇଛି।

ବାଂଲାଦେଶୀ ମଡେଲ ଗିରଫ

ଢାକା, ୧୪।୪

ବାଂଲାଦେଶୀ ମଡେଲ, ଅଭିନେତ୍ରୀ ତଥା ପୂର୍ବତନ ମିସ୍ ଆର୍ଥ ବାଂଲାଦେଶ ବିଜେତା ମେଘନା ଆଲାମଙ୍କୁ ଗତ ୯ ତାରିଖରେ ଢାକା ପୋଲିସ ଗିରଫ କରିଥିଲା। ବାଂଲାଦେଶର ସ୍ପେଶାଲ ପାୱାର ଆକ୍ଟ ଅନ୍ତର୍ଗତ ଦେଶର କୂଟନୈତିକ ସମ୍ପର୍କକୁ ବିପଦରେ ପକାଇବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା ବୋଲି ସୋମବାର ସ୍ଥାନୀୟ ଖବରକାଗଜ ଡେଲିଷ୍ଟାର୍‌ରେ ଏକ ରିପୋର୍ଟ ପ୍ରକାଶ ପାଇଛି। ସାଉଦି ଆରବର ଜଣେ ବିବାହିତ କୂଟନୀତିଜ୍ଞଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ରହିଛି ବୋଲି କିଛିଦିନ ତଳେ ମେଘନା ନିଜ ସୋସିଆଲ ମିଡିଆରେ ଦାବି କରିଥିଲେ। ତେବେ ଉକ୍ତ କୂଟନୀତିଜ୍ଞ ଜଣକ ବିଭିନ୍ନ ଆଇନ ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକର ସହାୟତା ନେଇ ତାଙ୍କୁ ଚୁପ କରାଇବେକୁ ଚେଷ୍ଟା କରୁଥିବା ନେଇ ମେଘନା ଅଭିଯୋଗ ଆଣିଥିଲେ। ବାଂଲାଦେଶ-ସାଉଦି ଆରବ ମଧ୍ୟରେ ଥିବା ସମ୍ପର୍କକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମେଘନା ସାଉଦି କୂଟନୀତିଜ୍ଞଙ୍କ ବିରୋଧରେ ମିଥ୍ୟା ସୂଚନା ପ୍ରଚାର କରିଥିବାରୁ ତାଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ କହିଛି।

ସାଉଦି ସହ କୂଟନୈତିକ ସମ୍ପର୍କ ବିଗାଡ଼ିବା ଅଭିଯୋଗ

ମେଘନା ଆଲାମ

ବାବାସାହେବ ଭୀମରାଓ ଆମ୍ବେଡ୍‌କରଙ୍କ ଜନ୍ମବାର୍ଷିକୀ ଅବସରରେ ରାଜସ୍ଥାନର ବିୱାରଠାରେ ଆୟୋଜିତ ରାଲିରେ ମହିଳାମାନେ ସ୍ଲୋଗାନ ଦେଉଛନ୍ତି।

ଜାତି ଜନଗଣନା ରିପୋର୍ଟକୁ ନେଇ କର୍ନାଟକ କଂଗ୍ରେସରେ ମତଭେଦ

ବେଙ୍ଗାଲୁରୁ,୧୪।୪

କର୍ନାଟକ ଜାତି ଜନଗଣନା ରିପୋର୍ଟ ପ୍ରଘଟ ହେବା ପରେ ଏହାକୁ ନେଇ ଶାସକ କଂଗ୍ରେସ ଦଳ ମଧ୍ୟରେ ମତଭେଦ ତୀବ୍ର ହୋଇଛି। ରାଜ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ୩୨ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଥିବାବେଳେ ଏହାକୁ ୫୧ ପ୍ରତିଶତ ଏବଂ ମୁସଲମାନ କୋଟାକୁ ୪ରୁ ୮ ପ୍ରତିଶତକୁ ବଢ଼ାଇବା ପାଇଁ ରିପୋର୍ଟରେ ସରକାରଙ୍କୁ ସୁପାରିସ କରାଯାଇଥିଲା। ଏହି ରିପୋର୍ଟ ବିଭିନ୍ନ ବର୍ଗର ନେତାମାନଙ୍କୁ କ୍ଷୁବ୍ଧ କରିଛି। ଉକ୍ତ ରିପୋର୍ଟକୁ ସେମାନେ ଜ୍ଞାନହୀନ କହିବା ସହ ଏହାକୁ ରଦ୍ଦ କରିବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। ମୁସଲମାନମାନେ ଓବିସି ବର୍ଗରେ ରହିଥିଲେ।

ଜାତି ଜନଗଣନା ରିପୋର୍ଟ (ସାମାଜିକ-ଅର୍ଥନୈତିକ ଓ ଶିକ୍ଷାଗତ ସର୍ବେକ୍ଷଣ) ଉପରେ ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀ ସିଦ୍ଦାରାମାୟା ଆଗାମୀ ୧୭ ତାରିଖରେ କ୍ୟାବିନେଟ୍‌ର ସ୍ୱତନ୍ତ୍ର ବୈଠକ ଡାକିଥିବାବେଳେ ତାହା ପୂର୍ବରୁ ମତଭେଦ ତୀବ୍ର ହେବାରେ ଲାଗିଛି। ରିପୋର୍ଟର କପି ସମସ୍ତ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ରବିବାର ଦିଆଯାଇଥିଲା। କର୍ନାଟକର ମୋଟ ଲୋକସଂଖ୍ୟା ୫.୯ କୋଟି ହୋଇଥିବା ବେଳେ ଲିକ୍ ହୋଇଥିବା ରିପୋର୍ଟରେ ୨ ପ୍ରମୁଖ ଜାତି ଭୋକ୍କାଲିଗା ଏବଂ ଲିଙ୍ଗାୟତଙ୍କ ଅନୁପାତ କେତେ ତାହା ଉଲ୍ଲେଖ କରାଯାଇ ନାହିଁ। ବିଭିନ୍ନ ବର୍ଗ ପାଇଁ ପ୍ରସ୍ତାବିତ କୋଟାରେ ଦୁଇ ପରସ୍ପର ବିରୋଧୀ ଜାତିକୁ ରଖାଯାଇଛି। ବର୍ଗ ୩(ଏ)ରେ ଭୋକକାଲିଗା ଏବଂ ଅନ୍ୟ ଦୁଇଟି ପ୍ରମୁଖ ସମ୍ପ୍ରଦାୟକୁ ରଖାଯାଇଛି, ଯେଉଁମାନଙ୍କ ସଂଖ୍ୟା ୭୩ ଲକ୍ଷ। ସେମାନଙ୍କ ପାଇଁ ୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରଖାଯାଇଛି। ସେହିପରି ବର୍ଗ ୩(ବି)ରେ ବୀରାଶାଇବା-ଲିଙ୍ଗାୟତ ଏବଂ ଅନ୍ୟ ୫ଟି ସମ୍ପ୍ରଦାୟକୁ ରଖାଯାଇଛି, ଯେଉଁମାନଙ୍କ ମୋଟ ସଂଖ୍ୟା ୮୧.୩ ଲକ୍ଷ। ସେମାନଙ୍କ ପାଇଁ ରିପୋର୍ଟରେ ୮ ପ୍ରତିଶତ ସଂରକ୍ଷଣ ନିମନ୍ତେ ସୁପାରିସ କରାଯାଇଛି। ମୋଟ କୋଟା ପରିମାଣ ବର୍ତ୍ତମାନ ୫୦%ରେ ସୀମିତ ରହିଥିବାବେଳେ ଏହାକୁ ୭୩.୫%କୁ ବଢ଼ାଇବାକୁ ସୁପାରିସ କରାଯାଇଛି। ଲିଙ୍ଗାୟତଙ୍କ ମୋଟ ସଂଖ୍ୟା ଜଣା ନ ଥିବାରୁ ବାସ୍ତବତା ଏବଂ ସର୍ଭେ ରିପୋର୍ଟରେ ତାଳମେଳ ରହୁ ନ ଥିବା ଶିଳ୍ପମନ୍ତ୍ରୀ ତଥା ଲିଙ୍ଗାୟତ ନେତା ଏମ୍.ବି. ପାଟିଲ କହିଛନ୍ତି। ଅନୁସୂଚିତ ଜାତି ରାଜ୍ୟରେ ସର୍ବାଧିକ ଏବଂ ସେମାନଙ୍କ ସଂଖ୍ୟା ୧.୧ କୋଟି ହେବ। ସେମାନଙ୍କ ମଧ୍ୟରେ ୧୦୮ ଉପଜାତି ରହିଛି। ତେଣୁ ସର୍ଭେ ରିପୋର୍ଟ ଠିକ୍ ନୁହେଁ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ଅଲ୍ ଇଣ୍ଡିଆ ବୀରାଶାଇବା ମହାସଭା ଅଧ୍ୟକ୍ଷ ଶାମାନୁର ଶିବଶଙ୍କରାପ୍ପା କହିଛନ୍ତି।

ଭାରତ ପାଇଁ ହଜ୍ କୋଟା ୮୦% କମାଇଲା ସାଉଦି

ଶ୍ରୀନଗର,୧୪।୪

ସାଉଦି ଆରବ ଭାରତ ପାଇଁ ହଜ୍ କୋଟା ୮୦ ପ୍ରତିଶତ ହ୍ରାସ କରିଥିବାରୁ ଏହାକୁ ନେଇ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ସୋମବାର ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାଦ୍ୱାରା ୫୨,୦୦୦ରୁ ଊର୍ଦ୍ଧ୍ୱ ଭାରତୀୟ ହଜ୍ ଯାତ୍ରାରୁ ବଞ୍ଚିତ ହେବେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଅର୍ଥ ମଧ୍ୟ ପୈଠ କରିସାରିଛନ୍ତି। ସେମାନଙ୍କ ସ୍ୱାର୍ଥର ସମାଧାନ ବାଟ ବାହାର କରିବା ଲାଗି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତୁରନ୍ତ ସାଉଦି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଓମାର ଏବଂ ମେହବୁବା ଦାବି କରିଛନ୍ତି। ଭାରତ ପାଇଁ ହଜ୍ କୋଟା ହ୍ରାସ ରିପୋର୍ଟ ପ୍ରକାଶ ପାଇବା ପରେ ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଫାରୁକ୍

ଫାରୁକ୍ ଅବଦୁଲ୍ଲା

ପ୍ରତ୍ୟେକ ମୁସଲମାନ ଜୀବନରେ ଅନ୍ତତଃ ଥରେ ହଜ୍ ଯିବା ଲାଗି ସ୍ୱପ୍ନ ଦେଖିଥାନ୍ତି। ସାଉଦି ନେତୃତ୍ୱ ସହ ପ୍ରଧାନମନ୍ତ୍ରୀଙ୍କର ଭଲ ସମ୍ପର୍କ ରହିଥିବାରୁ ସେ ଉକ୍ତ ପ୍ରସଙ୍ଗ ସେମାନଙ୍କ ନିକଟରେ ଉପସ୍ଥାପନ କରିବାକୁ ଫାରୁକ୍ ନିବେଦନ କରିଛନ୍ତି।

ଅନ୍ୟ ଜିଲାକୁ ବ୍ୟାପିଲା ୱକ୍‌ଫ ହିଂସା

କୋଲକାତା,୧୪।୪

ୱକ୍‌ଫ ସଂଶୋଧନ ଆଇନକୁ ବିରୋଧ କରି ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାରେ ହିଂସାକାଣ୍ଡରେ ୩ ଜଣଙ୍କ ଜୀବନ ଯିବା ସହ ଅନେକେ ଆହତ ହୋଇଥିଲେ। ଏବେ ଏହି ହିଂସା ଦକ୍ଷିଣ ୨୪ ପ୍ରଗଣା ଜିଲାକୁ ବ୍ୟାପିଛି। ସୋମବାର ସାନ ହିଂସାରେ ୮ ଜଣ ପୋଲିସ କର୍ମଚାରୀ ଆହତ ହେବା ସହ ଗୋଟିଏ ପୋଲିସ ଭ୍ୟାନ୍ ଓ କେତେକ ମୋଟରସାଇକେଲ୍ ଭାଙ୍ଗିଚୁଜି ଯାଇଛି। ବିକ୍ଷୋଭକାରୀ କେତେକ ଗାଡ଼ିରେ ନିଆଁ ଲଗାଇଦେଇଛନ୍ତି। ହିଂସାରେ ସମ୍ପୃକ୍ତି ନେଇ ୨ ଜଣଙ୍କୁ ଗିରଫ କରାଯାଇଛି।

ହିଂସାକୁ ନେଇ କୋଲକାତା ପୋଲିସ ଅଧୀନ ଏକ ଥାନାରେ ମାମଲା ରୁଜୁ କରାଯିବା ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଛି। ଭଙ୍ଗାର ବିଧାୟକ ସୌଶାଦ ସିଦ୍ଦିକି ଭାଷଣ ଦେବାକୁ ଥିବା ଏକ ୱକ୍‌ଫ ଆଇନ ବିରୋଧୀ ରାଲିରେ ଯୋଗଦେବାକୁ ଯାଉଥିବା

୮ ପୋଲିସ ଆହତ, ଗାଡ଼ି ଭଙ୍ଗାରୁଜା

ବିକ୍ଷୋଭକାରୀ ପୋଲିସ ଭ୍ୟାନ୍ ଭାଙ୍ଗିବା ସହ ଗାଡ଼ି ଜାଳି ଦେଇଛନ୍ତି।

ଆଇଏସ୍‌ଏଫ୍ (ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ) ସମର୍ଥକମାନଙ୍କୁ ପୋଲିସ ଅଟକାଇବାରୁ ସେମାନଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ବିକ୍ଷୋଭକାରୀଙ୍କୁ ବାସନ୍ତୀ ହାଇୱେର ଭୋଜେରହାଟ ନିକଟରେ ଅଟକାଯାଇଥିଲା। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ରାମଲୀଳା ମଇଦାନରେ ରାଲି ପାଇଁ ଅନୁମତି ନ ଥିବାବେଳେ ପୋଲିସ ବିକ୍ଷୋଭକାରୀଙ୍କୁ ଅଟକାଇବାରୁ ହିଂସା ସୃଷ୍ଟି ହୋଇଥିଲା। ସଂଘର୍ଷରେ ଆଇଏସ୍‌ଏଫ୍‌ର ଜଣେ କର୍ମୀଙ୍କ ମୁଣ୍ଡ ଫାଟିଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗରେ ନୂଆ ୱକ୍‌ଫ ଆଇନ ଲାଗୁ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରତିଶ୍ରୁତି ଦେଇଥିଲାବେଳେ ବିକ୍ଷୋଭକୁ ବନ୍ଦ କରାଯାଉଛି କାହିଁକି ବୋଲି ଆଇଏସ୍‌ଏଫ୍ ପ୍ରଶ୍ନ କରିଛି।

ମୁସଲମାନ ବହୁଳ ମୁର୍ଶିଦାବାଦରେ ଶୁକ୍ରବାର ନୂଆ ୱକ୍‌ଫ ଆଇନ ବିରୋଧୀ ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟି ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଗଲାଣି। ଉକ୍ତ ଅଞ୍ଚଳ ଉତ୍ତେଜନାପୂର୍ଣ୍ଣ ରହିଥିବାରୁ କେନ୍ଦ୍ରୀୟ ସଶସ୍ତ୍ର ବାହିନୀକୁ ମୁତୟନ କରାଯାଇଛି। ହିଂସାର ଏସ୍‌ଆଇଟି ତଦନ୍ତ ଅଦାଲତଙ୍କ ତତ୍ତ୍ୱାବଧାନରେ କରାଯିବା ପାଇଁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଛି।

କରୀନା କପୁର

କରୀନାଙ୍କ ଆଗାମୀ ପ୍ରୋଜେକ୍ଟ 'ଦାୟରା'

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ କରୀନା କପୁର ତାଙ୍କ ନୂତନ ପ୍ରୋଜେକ୍ଟ ସମ୍ପର୍କରେ ସୋମବାର ଇନ୍‌ଷ୍ଟାଗ୍ରାମରେ ଘୋଷଣା କରିଛନ୍ତି। ଆଗାମୀ ଦିନରେ ସେ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶିକା ମେଘନା ଗୁଲଜାରଙ୍କ 'ଦାୟରା' ଫିଲ୍ମରେ ନଜରକୁ ଆସିବେ ବୋଲି କରୀନା ନିଜ ପ୍ରଶଂସକଙ୍କୁ ଜଣାଇଛନ୍ତି। ଫିଲ୍ମରେ କରୀନାଙ୍କ ବିପକ୍ଷରେ ଅଭିନେତା ପୃଥ୍ୱୀରାଜ ସୁକୁମାରନଙ୍କୁ ଦେଖିବାକୁ ମିଳିବ। 'ଦାୟରା' ଏକ ଏଣ୍ଟରଟେନ୍‌ମେଣ୍ଟ କ୍ରାଇମ୍ ଡ୍ରାମା ଫିଲ୍ମ ହୋଇଥିବାବେଳେ ଏହା ଅପରାଧ, ଏହାର ଦଣ୍ଡ ଏବଂ ନ୍ୟାୟ ମଧ୍ୟରେ

୮ ମାସ ପରେ ବି ମିଳୁନି ରାଜ୍ୟ ସ୍ୱତନ୍ତ୍ର କାର୍ଯ୍ୟ ଖସଡ଼ା

ସମନ୍ୱୟ ରକ୍ଷା କରୁଛି କିଏ: ଅନୁ

ଭୁବନେଶ୍ୱର,୧୪।୪ (ରବିନାରାୟଣ ଜେନା)

ସମନ୍ୱୟ ରକ୍ଷା କରୁଛି କିଏ? ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ନେଇ ଏହିଭଳି ମନ୍ତବ୍ୟ ଦେଇଛନ୍ତି ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ। ୮ ମାସ ପରେ ବି ଜଳସମ୍ପଦ ବିଭାଗ ପକ୍ଷରୁ ରାଜ୍ୟ ସ୍ୱତନ୍ତ୍ର କାର୍ଯ୍ୟ ଖସଡ଼ା(ଏସ୍‌ଏସ୍‌ଏପି) ସମ୍ପର୍କିତ କୌଣସି ପ୍ରସ୍ତାବ ନ ମିଳିବାରୁ ଚଳିତମାସ ୩ରେ ଉତ୍ତର-ପୂର୍ବାଞ୍ଚଳ ଆଞ୍ଚଳିକ ଜଳ ଓ ଭୂପରିଚାଳନା ଅନୁଷ୍ଠାନ (ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମ୍)ଙ୍କ ପତ୍ର ପାଇବା ପରେ ଉନ୍ନୟନ ଆୟୁକ୍ତ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏଭଳି ଟିପ୍ପଣୀ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମ୍ ପକ୍ଷରୁ ଜୁଲାଇ ୨୪ରେ ସବୁ ରାଜ୍ୟର ଜଳସମ୍ପଦ ବିଭାଗ ସହିତ ଏକ ସମୀକ୍ଷା ବୈଠକ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜଳ ପରିଚାଳନା ନେଇ ସ୍ୱତନ୍ତ୍ର କାର୍ଯ୍ୟ ଖସଡ଼ା ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ କୁହାଯାଇଥିଲା। ହେଲେ ଇତିମଧ୍ୟରେ ସାଢ଼େ ୮ମାସ ବିତି ଯାଇଥିଲେ ହେଁ ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି ଉତ୍ତର ଏପର୍ଯ୍ୟନ୍ତ ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମ୍‌କୁ ପ୍ରଦାନକରାଯାଇନାହିଁ।ଏହାକୁନେଇ ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମ୍‌ର ନିର୍ଦ୍ଦେଶକ ପ୍ରଦୀପ କୁମାର ବୋରା ଚଳିତମାସ ୩ରେ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କୁ ପତ୍ର ଲେଖି ଏଭଳି ଅବହେଳା କ'ଣ ପାଇଁ ବିଭାଗ ପକ୍ଷରୁ କରାଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ଏହି ପତ୍ରର ଅବିକଳ ନକଲ ଏଠାରେ ଛପାଯାଇଛି।

ବୋରା ଦର୍ଶାଇଛନ୍ତି, ଜାତୀୟ ଜଳ ଆୟୋଗଙ୍କ ପକ୍ଷରୁ ଜୁଲାଇ ୨୪ରେ ହୋଇଥିବା ସମୀକ୍ଷା ବେଳେ ରାଜ୍ୟ ସରକାର ଏସଂକ୍ରାନ୍ତରେ ସ୍ୱତନ୍ତ୍ର ପ୍ରସ୍ତାବ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଅନୁଯାୟୀ, ୨୦୨୪ ନଭେମ୍ବର ୧୦ ସୁଦ୍ଧା ଓଡ଼ିଶା ପକ୍ଷରୁ ଡିଏସ୍‌ଆର୍ ପ୍ରସ୍ତାବ ମିଳିବା କଥା। ସେହିପରି ମାର୍ଚ୍ଚ ସୁଦ୍ଧା ମଧ୍ୟବର୍ତ୍ତୀ ରିପୋର୍ଟ ପ୍ରଦାନ କରାଯିବା କଥା। ସେହିପରି ଜୁଲାଇ ୨୦୨୫ ସୁଦ୍ଧା ଏସ୍‌ଏସ୍‌ଏପି ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରଦାନ କରାଯିବା କଥା। ହେଲେ ଏପର୍ଯ୍ୟନ୍ତ କୌଣସି ପ୍ରସ୍ତାବ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିନାହିଁ। ଜଳସମ୍ପଦ ବିଭାଗ ପକ୍ଷରୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ନିରର୍ଥକ ହୋଇଛି। ତେଣୁ ତୁରନ୍ତ ଏସ୍‌ଏସ୍‌ଏପି ପଠାଇବାକୁ ବୋରା ପତ୍ରରେ ଉଲ୍ଲେଖ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୪ ଜୁଲାଇ ୨୭ରେ ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମ୍ ଅତିରିକ୍ତ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ୧୩ଟି ରାଜ୍ୟ ଓ ୬ଟି କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଜଳ ପରିଚାଳନା ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜ୍ୟ ପକ୍ଷରୁ କେବେସୁଦ୍ଧା ଡିଏସ୍‌ଆର୍ ରିପୋର୍ଟ ଓ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରାଯିବ ସେ ନେଇ ନିଶ୍ଚିତ୍ତି ହୋଇଥିଲା। ହେଲେ ୮ମାସ ପରେ ବି ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମ୍ ନିକଟରେ ରାଜ୍ୟର ଏସ୍‌ଏସ୍‌ଏପି ରିପୋର୍ଟ ପହଞ୍ଚି ପାରି ନାହିଁ। ଏହାକୁ ନେଇ ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମ୍ ରାଜ୍ୟ ଜଳସମ୍ପଦ ବିଭାଗକୁ ପତ୍ର ଲେଖି ତାଗିଦ କରିଥିବା ବେଳେ ବିଭାଗୀୟ ଅତିରିକ୍ତ ସଚିବ ଅନୁ ଗର୍ଗ ଏଭଳି ଅସନ୍ତୋଷ ବ୍ୟକ୍ତ କରିବା ସହିତ ସେଚସଦନସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କଠାରୁ ରିପୋର୍ଟ ଲୋଡ଼ିଛନ୍ତି। ରୁର୍‌କୀ ଆଇଆଇଟି ସହିତ ପରାମର୍ଶ କରି ଯଥାଶୀଘ୍ର ରିପୋର୍ଟ ଦେବାକୁ ପତ୍ରରେ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ କୁହାଯାଇଛି।



Downloaded from wrsec.or@nic.in

Website: www.neriwalm.gov.in
E-mail: director.neriwalm@gmail.com
Ph No.03712-291069

दोलाबारी, कलियाभोमोरा
Dolabari, P.O. Kaliabhomora
तेजपुर-784027, असम (भारत)
Tezpur-784027, Assam (India)

पूर्वोत्तर क्षेत्रीय जल और भूमि प्रबंधन संस्थान
NORTH EASTERN REGIONAL INSITITUTE OF WATER AND LAND MANAGEMENT
जलसंसाधन, नदीविकास और गंगा कायाकल्प विभाग, जल शक्ति मंत्रालय, भारत सरकार के अधीन एक संस्थान
An Institute under the Department of Water Resources, River Development and Ganga Rejuvenation, Ministry of Jal Shakti, Govt. of India, Registered under Societies Registration Act, 1860

No. NRWM/WRE/13/Part-VIII/86/2023-24/ Dated: 28/03/2025

To,
Principal Secretary,
Water Resources Department,
Govt. of Odisha,
Odisha State Secretariat, Lokshivalaya Marg, Unit-2, Bhubaneswar-751001
Bhubaneswar, Odisha 75100
Email: wrsec@ari.nic.in

Sub: Preparation of State Specific Action Plan (SSAP) for Water Sector for the state of Odisha-action pending fulfilling the commitments given in the review meeting held on 24.07.2024.

Ref: Minutes of review meeting dated 24.07.2024 vide No. M-93011/11/2024-O/o Adv (NWM-TECH)-MOWR/2491-2495 dated 30.07.2024.

Sir,
Kindly refer to the Minutes of the Review Meeting held on 24.07.2024, as communicated through the letter cited above from the National Water Mission, Department of Water Resources, River Development & Ganga Rejuvenation, Ministry of Jal Shakti, Government of India given as reference.

As per the deliberations of the said meeting, the following commitments were made by the State of Odisha with respect to the preparation of the State Specific Action Plan (SSAP) for the Water Sector:

Sl. No.	Name of the state	Commitment given by the state
1.	Odisha	a) Submission of DSR: 10th November, 2024 b) Submsiion of Interim Report: March, 2025 c) Submission of Final Report: July, 2025

However, it has been observed with concern that none of the above commitments have been fulfilled to date.

It is therefore requested to kindly take immediate necessary action to expedite the preparation and submission of the SSAP for the state of Odisha as per the agreed timelines.

With kind regards.

Yours faithfully

Enclosed: as above

Digitally signed by Pradip Kumar Bora
Date: 28-03-2025 16:26:35
(Pradip Kumar Bora)
Director

Copy for information to:
1. Additional Secretary and Mission Director, National Water Mission, Department of Water Resources, RD & GR, Ministry of Jal Shakti,Govt. of India,2nd Floor, Block No. 3, CGO Complex, Lodhi Road, New Delhi - 110 003. Email: md.nwm@gov.in.
2. Engineer in Chief, Water Resources Department, Bhubaneswar – 751001. Email: eic-wr.od@nic.in.

ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମର ନିର୍ଦ୍ଦେଶକ ପ୍ରଦୀପ କୁମାର ବୋରାଙ୍କ ଚିଠି ।

ବିଦ୍ୟୁତ୍ ସଂସ୍ପର୍ଶରେ ଆସିଲା ଡିଜେ: ୨ ମୃତ, ୭ ଆହତ

ପାଟୁଆ ଶୋଭାଯାତ୍ରାରେ ଅଘଟଣ

ଭଦ୍ରକ/ତିହିଡ଼ି,୧୪।୪ (ସନାତନ ରାଉତ/ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ନୂଆନନ୍ଦ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପାଟୁଆ ଶୋଭାଯାତ୍ରା ବେଳେ ଅଘଟଣ ଘଟିଛି। ଶୋଭାଯାତ୍ରାରେ ଆସୁଥିବା ଡିଜେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାରେ ୭ ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକ ହେଲେ ବ୍ଲକ୍ ଅଧୀନ ଆରସା ଗ୍ରାମର ଶରତ ମହାଳିକ (୩୪) ଓ ହାଟୁଆରି ଗ୍ରାମର ମୁନା ମଳିକ(୩୦)। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ଆହତଙ୍କ ମଧ୍ୟରେ ଜଣେ ୨ ବର୍ଷର ଶିଶୁ ରହିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ସୋମବାର ମହାବିଷୁବ ସଂକ୍ରାନ୍ତି ଅବସରରେ ବିଭିନ୍ନ ଗ୍ରାମରୁ ପାଟୁଆ ଦଳ ଶୋଭାଯାତ୍ରାରେ ତିହିଡ଼ିସ୍ଥିତ ମା' କଣ୍ଟି ମଙ୍ଗଳପୀଠକୁ ଆସୁଥିଲେ। ଏକ ପାଟୁଆ ଦଳ ଡିଜେ ବଜାଇ ଶୋଭାଯାତ୍ରାରେ ଆସୁଥିଲା। ରାତି ପ୍ରାୟ ୧୦ଟା ମଧ୍ୟରେ ନୂଆନନ୍ଦ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଡିଜେ ୧୧ କେଭି ତାର ସଂସ୍ପର୍ଶରେ ଆସିଥିଲା। ପାଟୁଆ ଯାତ୍ରା ଦେଖିବା ପାଇଁ ଆସିଥିବା ଶରତ ଓ ମୁନା ଡିଜେ ସଂସ୍ପର୍ଶରେ ଆସିଥିଲେ। ଦୁହିଁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଶରତଙ୍କ ସାଙ୍ଗରେ ଆସିଥିବା ୨ ଝିଅ ଏବଂ ମୁନାଙ୍କ ସାଙ୍ଗରେ ଆସିଥିବା ଝିଅଙ୍କ ସମେତ ୭ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଡିଜେ ବହୁତ ଉଚ୍ଚ ଥିବା କାରଣରୁ ଅଘଟଣ ଘଟିଥିବା କୁହାଯାଉଛି। ମାତ୍ର ବିଦ୍ୟୁତ୍ ତାର ବି କମ୍ ଉଚ୍ଚତାରେ ଝୁଲି ରହିଥିବାରୁ ବିଭାଗର ଅବହେଳାକୁ ଦାୟୀକରି ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ମୁତୟନ ଅଛନ୍ତି। ଖବର ପାଇ ଜିଲାପାଳ ଦିଲୀପ ରାଉତରାଏ ମେଡ଼ିକାଲରେ ପହଞ୍ଚି ଆହତଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଛନ୍ତି। ଏଥିସହ ଡାକ୍ତରଙ୍କ ସହିତ ଆଲୋଚନା କରିଛନ୍ତି। ଘଟଣା ବିଷୟରେ ଅବଗତ ହେବା ପରେ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ନିଆଁରେ ଚାଲୁଥିବା ମାନସିକଧାରୀଙ୍କ ମୃତ୍ୟୁ

ଝାମୁଯାତ୍ରାରେ ଅଘଟଣ

ସୁରେଶ ବେହେରା

ବାଙ୍କୀ,୧୪।୪(ଶୁଭେନ୍ଦୁ ମହାପାତ୍ର)

କଟକ ଜିଲା ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ୍ ହାଉସ ଅନ୍ତର୍ଗତ କଦଳୀବାଡି ପଞ୍ଚାୟତସ୍ଥିତ ରାମଚନ୍ଦ୍ରପୁର ଗ୍ରାମରେ ଝାମୁଯାତ୍ରା ବେଳେ ସୋମବାର ଅଘଟଣ ଘଟିଛି। ଏହି ଯାତ୍ରାବେଳେ ଜଣେ ମାନସିକଧାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ସୁରେଶ ବେହେରା (୫୯)। ସେ ପୂର୍ବରୁ ହୃଦ୍‌ରୋଗରେ ଆକ୍ରାନ୍ତ ଥିଲେ। ଝାମୁଅଗ୍ନିରେ ଚାଲିଲେ ରୋଗ ଦୂର ହୋଇଯିବ ବୋଲି ଆସ୍ଥା ଓ ବିଶ୍ୱାସ ରଖି ମାନସିକ କରିଥିଲେ। ସୋମବାର ଝାମୁ ଯାତ୍ରାରେ କାଳିଶିଙ୍କ ସହ ଅଗ୍ନିରେ ଚାଲୁଥିବାବେଳେ ସୁରେଶ ହଠାତ୍ ଘଟଣାସ୍ଥଳରେ ଢଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସୁରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୁରେଶଙ୍କ ମୃତ୍ୟୁ ଖବରକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ଓବିସିଙ୍କ ପାଇଁ ୨୭% ସଂରକ୍ଷଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୧୪।୪(ବନ୍ଦନା ସେଠୀ)

ଦେଶର ବିଭିନ୍ନ ରାଜ୍ୟରେ ଅନ୍ୟାନ୍ୟ ପଛୁଆବର୍ଗ (ଓବିସି)ଙ୍କ ପାଇଁ ସଂରକ୍ଷଣ ସ୍ଥିତି ଉତ୍ସାହଜନକ ଥିବାବେଳେ ଓଡ଼ିଶାରେ ସେମାନଙ୍କୁ ଅଣଦେଖା କରାଯାଉଛି। ୧୯୯୦ର ନିଯୁକ୍ତି କ୍ଷେତ୍ରରେ କେନ୍ଦ୍ର ସରକାର ପଛୁଆବର୍ଗଙ୍କୁ ୨୭ ଭାଗ ସଂରକ୍ଷଣ ଦେଉଥିଲାବେଳେ ଓଡ଼ିଶାରେ ବର୍ତ୍ତମାନ ଏହା ୧୧.୨୫%ରେ ପହଞ୍ଚିଛି। ଫଳରେ ରାଜ୍ୟର ୫୪ ଭାଗ ପଛୁଆବର୍ଗ ସେମାନଙ୍କ ସାମ୍ବିଧାନିକ ସଂରକ୍ଷଣରୁ ବଞ୍ଚିତ ହେଉଛନ୍ତି ବୋଲି ଓବିସି ଫୋରମ୍ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ ରାଜ୍ୟରେ ସରକାରୀ ଚାକିରି କ୍ଷେତ୍ରରେ ୨୭% ଓବିସିଙ୍କ ପାଇଁ ସଂରକ୍ଷଣ ରଖିବାକୁ ଦାବି କରି ଫୋରମ୍ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୋମବାର ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ମଧ୍ୟପ୍ରଦେଶରେ ସମୁଦାୟ ସଂରକ୍ଷଣ ୭୩% ଥିବାବେଳେ ଓବିସିଙ୍କ ପାଇଁ ୨୭% ରହିଛି। ସେହିପରି କର୍ନାଟକ ସରକାର ୫୧ ଭାଗ ଓବିସି ସଂରକ୍ଷଣ କରିବାକୁ ସୁପାରିଶ୍ କରିଛି। ତେଲଙ୍ଗାନା ସରକାର ୪୨ ଭାଗ ପଛୁଆବର୍ଗ ସଂରକ୍ଷଣ ଲାଗୁ କରିବାକୁ ଘୋଷଣା କରିଥିବାବେଳେ ଓଡ଼ିଶା ସରକାର ଏକ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ଅପରପକ୍ଷେ ରାଜ୍ୟ ସରକାର ଖାଲି ପଡ଼ିଥିବା ୧ଲକ୍ଷ ୩୪ହଜାର ପଦବୀ ମଧ୍ୟରୁ ୯୩ହଜାର ପଦବୀରେ ନିଯୁକ୍ତି ଦେବାପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ୨୭ ଭାଗ ସଂରକ୍ଷଣ ଲାଗୁ କରା ନ ଗଲେ ଏହି ପଦବୀରୁ ଓବିସି ବର୍ଗ ମାତ୍ର ୧୦୫୨୧ଟି ପଦବୀରେ ନିଯୁକ୍ତି ପାଇବେ। ଫଳରେ ରାଜ୍ୟର ପଛୁଆ ବର୍ଗର ବେକାର ଯୁବତୀଯୁବକ ୧୪ହଜାର ୭୩୦ଟି ସରକାରୀ ଚାକିରିରୁ ବଞ୍ଚିତ ହେବେ ବୋଲି ଓବିସି ଫୋରମ୍‌ର ରାଜ୍ୟ ଅଧ୍ୟକ୍ଷ ରବି ବେହେରା କହିଛନ୍ତି। ଏଥିସହ ସରକାର ରାଜ୍ୟର ୫୪ଭାଗ ଲୋକଙ୍କ ସାମ୍ବିଧାନିକ ଅଧିକାରକୁ ବିଚାରକୁ ନେଇ ତୁରନ୍ତ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନରେ ଓବିସି ବର୍ଗଙ୍କ ପାଇଁ ୨୭ ଭାଗ ସ୍ଥାନ ସଂରକ୍ଷଣ ନିଶ୍ଚିତ କରିବାକୁ ସ୍ମାରପତ୍ରରେ ଦାବି କରାଯାଇଛି। ଫୋରମ୍ ଅଧ୍ୟକ୍ଷଙ୍କ ସହ କିଶୋର ସୂତାର, ନାରାୟଣ ଡାଲୁଆ, ଦେଶପ୍ରିୟ ଦାସ, ପୂର୍ବତନ କର୍ପୋରେଟର ନବକିଶୋର ବେହେରା, ଜିତେନ୍ଦ୍ର ନାଥ ସ୍ୱାଇଁ, ବିଚିତ୍ରାନନ୍ଦ ଖୁଣ୍ଟିଆ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଓବିସି ଫୋରମ୍‌ର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି।

ଆହୁରି ସପ୍ତାହେ କାଳବୈଶାଖୀ ବର୍ଷା

ଭୁବନେଶ୍ୱର, ୧୪।୪ (ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ଧରି କାଳବୈଶାଖୀ ଜାରି ରହିଛି। ବିଭିନ୍ନ ଜିଲାରେ ବିଜୁଳି ଘଡ଼ଘଡ଼ି ସହ କୁଆପଥର ବର୍ଷା ଦେଖିବାକୁ ମିଳୁଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ କାଳବୈଶାଖୀଜନିତ ଝଡ଼ବର୍ଷା ଲାଗିରହିବ। ସୋମବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ଗଜପତି ଏବଂ ଗଞ୍ଜାମ ଜିଲାରେ ବର୍ଷା ହୋଇଛି। ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହ ଘଣ୍ଟାପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବା ଆଶଙ୍କା ଥିବାରୁ ଏସବୁ ଜିଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟର ପ୍ରାୟ ୫ ସ୍ଥାନରେ ଦିନ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଉପରେ ରହିଥିଲା। ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ହ୍ୱାଟ୍ସଆପ୍ ଷ୍ଟାଟସ୍ ଦେଇ ଛାତ୍ରୀଙ୍କ ଆତ୍ମହତ୍ୟା

ଆନନ୍ଦପୁର,୧୪।୪(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ପୌରାଞ୍ଚଳରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଆନନ୍ଦପୁର ଥାନା ଅଧୀନ ଫକିରପୁର ଅଞ୍ଚଳର ଏକ ଘରୋଇ ମହିଳା ମେସ୍‌ରେ ଜଣେ ଛାତ୍ରୀ ହ୍ୱାଟ୍ସଆପ୍‌ରେ ଷ୍ଟାଟ୍‌ସ ଦେଇ ଓଢ଼ଣି ସହାୟତାରେ ଝୁଲିପଡ଼ିଥିବା ଜଣାପଡ଼ିଛି। ମୃତ ଛାତ୍ରୀ ହେଲେ ଯାଜପୁର ଜିଲା ଟମକା ଥାନା ବାଦିବିଲ ଗାଁର ମାନସୀ ନାୟକ। ସେ ଏଠାରେ ରହି ଆନନ୍ଦପୁର ମହାବିଦ୍ୟାଳୟରେ +୩ ବିଜ୍ଞାନ ଶେଷ ବର୍ଷରେ ପଢୁଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ମାନସୀ ନାୟକ

ସୂଚନା ଅନୁଯାୟୀ, ସୋମବାର ମହାବିଷୁବ ସଂକ୍ରାନ୍ତି ଛୁଟି ଥିବା ବେଳେ ମାନସୀ ସାଙ୍ଗମାନଙ୍କ ସହ ମେସ୍‌ରେ ଥିଲେ। ସନ୍ଧ୍ୟା ସମୟରେ ନିଜ୍ ରୁମ୍‌କୁ ଯାଇ କବାଟ ବନ୍ଦ କରି ହ୍ୱାଟ୍ସଆପ ଷ୍ଟାଟସ୍‌ରେ 'ମୁଁ ଦୁଃଖିତ, ଆଜି ମୋର ଶେଷ ଦିନ। ଆଉ କାହା ପାଇଁ ଆଜି ମୁଁ ଫସିଗଲି, ମୋର ଭୁଲ ନ ଥାଇ ବି ମୁଁ ଦୋଷୀ ହୋଇଗଲି। ସେଥିପାଇଁ ସମସ୍ତଙ୍କଠାରୁ ଦୂରକୁ ଚାଲି ଯାଉଛି। ମତେ କ୍ଷମା କରିଦେବ' ଏମିତି ଲେଖି ନିଜ ଓଢ଼ଣି ସହାୟତାରେ ଫ୍ୟାନରେ ଝୁଲି ଜୀବନ ହାରିଥିଲେ। ଅନ୍ତେବାସୀମାନେ କବାଟ ବାଡ଼େଇବାରେ ନ ଖୋଲିବାରୁ ପୋଲିସକୁ ଖବର ଦେଇଥିଲେ। ଆନନ୍ଦପୁର ପୋଲିସ ପହଞ୍ଚି ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରିଛି। ମୃତ ଛାତ୍ରୀଙ୍କ ମୋବାଇଲ ଜବତ କରିବା ସହ ମେସ୍‌ରେ ଥିବା ଅନ୍ତେବାସୀଙ୍କୁ ପଚରାଉଚରା କରୁଛି। ପୋଲିସ ଏକ ମାମଲା (ନଂ.୮/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଛି। ହ୍ୱାଟ୍ସଆପ ଷ୍ଟାଟ୍‌ସରେ ଲେଖାକୁ ଦେଖିଲେ ଆତ୍ମହତ୍ୟା ପଛରେ କିଛି ଭିନ୍ନ କାରଣ ରହିଥିବା ସନ୍ଦେହ କରାଯାଉଛି।

ଚାରିଧାମ ଯାତ୍ରା ଏବଂ ଶ୍ରୀ ହେମକୁଣ୍ଡ ସାହିବ ଯାତ୍ରା
ପଞ୍ଜୀକରଣ ଆରମ୍ଭ!
Uttarakhand Simply Heaven!
ଉତ୍ତରାଖଣ୍ଡ ସରକାର ଆପଣଙ୍କ

ଆଜି କ'ଣ କେଉଁଠି

ଭୁବନେଶ୍ୱର
- ନ୍ୟାଶନାଲ ସମିଟ୍, ସ୍ଥାନ: ଲାଇଫ୍ ହୋଟେଲ, ସମୟ: ଅପରାହ୍ନ ୪ଟା ୩୦ ।
- ଏଫ୍‌ଆଇସିସିଆଇ ଏଫ୍‌ଏଲ୍‌ଓ ଭୁବନେଶ୍ୱର ପକ୍ଷରୁ 'ଚେଞ୍ଜ୍ ଅଫ୍ ଗାର୍ଡ', ସ୍ଥାନ: ଅର୍କିଡ୍ ହଲ୍, ମେ'ଫେୟାର ଲାଗୁନ, ସମୟ: ଅପରାହ୍ନ ୪ଟା ୩୦ ।
- ବିଷ୍ଣୁବ ମିଳନ ଓ କବିତା ସନ୍ଧ୍ୟା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା ।
- ୪୮ତମ ବୈଶାଖୀ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦ ।
- ଦ୍ୱାଦଶତମ ଜନ୍ମ ବାର୍ଷିକ ତଥା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଶ୍ରୀବାଟ ମହାବୀର ମନ୍ଦିର ପରିସର, ହଂସପାଳ କେନାଲ ରାସ୍ତା, ସମୟ: ସନ୍ଧ୍ୟା ୬ଟା ।
- ବାଦିପାଲା ପରିବେଷଣ, ସ୍ଥାନ: ମା' ଗେହ୍ଲା ଦେବୀଙ୍କ ବିଜେସ୍ଥଳୀ, ସୁନ୍ଦରାପାଟଣ–ରୁଦ୍ରପୁର ଗ୍ରାମ, ଭୁବନେଶ୍ୱର ମହାନଗର ନିଗମର ୪ ନଂ. ୱାର୍ଡ, ସମୟ: ରାତି ୭ଟା ୩୦ ।
- ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ରାମଲୀଳାର ନାଟକ 'ଶ୍ରୀ ରାମ ଓ ହନୁମାନ ଭେଟ', ସ୍ଥାନ: ଶ୍ରୀ ପତିତପାବନ ଦେବ ମନ୍ଦିର ପରିସର, କାକରୁଦ୍ରପୁର, ସମୟ: ରାତି ୧୧ଟା ୩୦ ।
- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳାର ନାଟକ 'ସୀତା ଠାବ ଓ ଲଙ୍କା ପୋଡ଼ି ପରିବେଷଣ', ସ୍ଥାନ: ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ, ବଇଗୁଆ ଗ୍ରାମ, ସମୟ: ରାତି ୧୧ଟା ୩୦ ।
- ଶ୍ରୀ ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ଆନୁକୂଲ୍ୟରେ ରାମଲୀଳାର ନାଟକ 'ଗୟା ତୀର୍ଥରେ ପିଣ୍ଡଦାନ' ପରିବେଷଣ, ସ୍ଥାନ: ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ଗୋତଳବିନ୍ଧା, ସମୟ: ରାତି ୧୧ଟା ୩୦ ।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳାର ନାଟକ 'ସୀତା ଚୋରି' ପରିବେଷଣ, ସ୍ଥାନ: ବେଣୁପୁରସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା ୩୦ ।

କଟକ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: କଣ୍ଟାପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା ।
- ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା କାର୍ଡ ବିତରଣ, ସ୍ଥାନ: ବଙ୍ଗକୁଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ସକାଳ ୯ଟା ।
- ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ମେଳା, ସ୍ଥାନ: ଓଟିଏମ୍ କଲୋନୀ ୧୧ ନଂ. ୱାର୍ଡସ୍ଥିତ ଗୋପବନ୍ଧୁ ପଡ଼ିଆ, ଚୌଦ୍ୱାର ସମୟ: ପୂର୍ବାହ୍ନ ୧୦ଟା ।
- ରନ୍ଧନ ଗ୍ୟାସ୍ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ, ସ୍ଥାନ: କଲେଜ ଛକ, ସମୟ: ପୂର୍ବାହ୍ନ ୧୧ଟା ।
- ନବବର୍ଷ ସମିତି କଟକ ପକ୍ଷରୁ ୯୧ତମ ବଙ୍ଗଳା ନବ ବର୍ଷ ପାଳନ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦ ।

ଖୋର୍ଦ୍ଧା
- ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ଶ୍ରୀରାମ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା ।
- ଶ୍ରୀରାମଚରିତ ମାନସ, ପାରାୟଣ ଓ ପ୍ରବଚନ, ସ୍ଥାନ: ଜରିପୁଟ ହନୁମାନ ମନ୍ଦିର, ସମୟ: ରାତି ୮ଟା ।

ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ସୋର, ସମୟ: ସକାଳ ୭ଟା ।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଷଷ୍ଠ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ।
- ଆଧ୍ୟାତ୍ମିକ ସମାବେଶ, ସ୍ଥାନ: ମା' ବାଟମଙ୍ଗଳା ପୀଠ ପରିସର, ସାନଗୁଡ଼ି, ବସ୍ତା, ସମୟ: ଅପରାହ୍ନ ୪ଟା ।
- ମଶାଲ ଶୋଭାଯାତ୍ରା, ସ୍ଥାନ: ପୋଲିସ ଲାଇନ୍ ଛକ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ।

ଭଦ୍ରକ
- ୯୬ତମ ଲବଣ ସ୍ମାରକୀ ଦିବସ, ସ୍ଥାନ: ଲବଣ ସ୍ମୃତି ସ୍ତମ୍ଭ ପାଖ, ଚୁଡ଼ାମଣି, ବାସୁଦେବପୁର, ସମୟ: ସକାଳ ୮ଟା ।
- ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରଘୁପୁର, ଲକ୍ଷ୍ମୀଦାସପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ।
- କଂଗ୍ରେସର ମଶାଲ ଶୋଭାଯାତ୍ରା, ସ୍ଥାନ: ବନ୍ତଛକ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ।
- ପାଟୁଆ ସମ୍ମିଳନୀ, ସ୍ଥାନ: ଆଙ୍କୁଡ଼େଶ୍ୱରୀ ପୀଠ, ବିନାୟକପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା ୩୦ ।

କେନ୍ଦୁଝର
- ଶ୍ରୀ ସତ୍ୟ ନାରାୟଣଙ୍କ ବାର୍ଷିକ ପାଲା ଉତ୍ସବ, ସ୍ଥାନ: ଚଷାଖଣ୍ଡ, ହାଟଡିହୀ, ସମୟ: ରାତି ୮ଟା ।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ହାଟଡିହୀ, ସମୟ: ଅପରାହ୍ନ ୪ ଟା ।
- ହନୁମାନ ଜୟନ୍ତୀ ଉପଲକ୍ଷେ ଭଜନ ସମାରୋହ, ସ୍ଥାନ : ହାବଲେଶ୍ୱର, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ ଟା ।

ମୟୂରଭଞ୍ଜ
- ନିଲାମ ପ୍ରକ୍ରିୟା, ସ୍ଥାନ: ଚିତ୍ରଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ମୋରଡ଼ା ସମୟ:ସକାଳ ୮ଟା ।
- କୃଷି ରଥ ଉଦ୍‌ଘାଟନ, ସ୍ଥାନ: ବ୍ଲକ କୃଷି କାର୍ଯ୍ୟାଳୟ, ଚିତ୍ରଡ଼ା, ମୋରଡ଼ା,ସମୟ: ସକାଳ ୯ଟା ୩୦ ।
- ମା' ଡକେଇଙ୍କ ବାର୍ଷିକ ଉତ୍ସବ ଓ ପ୍ରସାଦ ସେବନ, ସ୍ଥାନ:ମା' ଡକେଇ ମନ୍ଦିର ପ୍ରାଙ୍ଗଣ, ଚିତ୍ରଡ଼ା, ମୋରଡ଼ା, ସମୟ: ଅପରାହ୍ନ ୧ଟା ।
- ବ୍ଲକ୍ କଂଗ୍ରେସ ତରଫରୁ ଶୋଭାଯାତ୍ରା, ସ୍ଥାନ: ଚିତ୍ରଡ଼ା ବ୍ଲକ ଛକ, ମୋରଡ଼ା, ସମୟ: ଅପରାହ୍ନ ୫ଟା ।
- ବଳାଙ୍ଗୀ ମହୋତ୍ସବ, ସ୍ଥାନ: ବୁଢ଼ାରାଉଳ ମଠ ସନ୍ନିକଟ, ବାରିପଦା,ସମୟ: ସନ୍ଧ୍ୟା ୭ଟା ।
- ଚଇତି ପର୍ବର ଦ୍ୱିତୀୟ ଦିବସ ଏବଂ ମାନସିକ ପୂଜା, ସ୍ଥାନ: ମାଣିଦା ଖେଳ ପଡ଼ିଆ, ରାସଗୋବିନ୍ଦପୁର, ସମୟ: ସନ୍ଧ୍ୟା ୭ଟା ।
- ଚୈତ୍ର ପର୍ବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ସନ୍ଧ୍ୟା ୭ଟା ।

ବ୍ରହ୍ମପୁର
- ବିଇଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ, ସ୍ଥାନ: ମାନସ ଭବନ, ସମୟ: ଅପରାହ୍ନ ୪.୩୦ ।
- ଜିଲା କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ।

ଜଗତ୍‌ସିଂହପୁର
- ନଗର କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା, ସ୍ଥାନ: ବଡ଼ପଡ଼ିଆରୁ ପୌର ପରିଷଦ ଅଫିସ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।

କେନ୍ଦ୍ରାପଡ଼ା
- ଜମ୍ବୁଦ୍ୱୀପ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ: ରାମଚଣ୍ଡୀ ମନ୍ଦିର ପରିସର, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା ।
- ବ୍ରହ୍ମସେବା ଫାଉଣ୍ଡେଶନ ପକ୍ଷରୁ ଭାଗବତ ଓ ଗୀତା ପାଠ, ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବିମ୍ବଳେଇ କ୍ଷେତ୍ର ତାରିଣୀ ପୀଠ, ଶଙ୍କପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା ।
- ନାରୀ ସୁରକ୍ଷା ଦାବିରେ ଜିଲା କଂଗ୍ରେସର ମଶାଲ ଶୋଭାଯାତ୍ରା, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା ।
- ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ରାମାୟଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମା'ଦୁର୍ଗା ମନ୍ଦିର, ରାଜନଗର, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ମହାବୀର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଚବଳସାହି, ଚଉଦକୁଲାଟ, ପଙ୍ଗାମୁଣ୍ଡାଇ, ସମୟ: ସକାଳ ୬ଟା ।

ଯାଜପୁର
- ମା' ତାରିଣୀ ଦେବୀଙ୍କ ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ବ୍ୟାସନଗର ଚୋରଦା ବାଇପାସ, ସମୟ: ଅପରାହ୍ନ ୫ଟା ।
- ରାଜ୍ୟସ୍ତରୀୟ ଡିଫା କପ୍‌ର ଫାଇନାଲ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବାଣୀପୀଠ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା ।
- ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ଗୀତାଯଜ୍ଞ ଓ ପ୍ରବଚନ, ସ୍ଥାନ: ଧର୍ମଶାଳା ବ୍ଲକ୍ ଉତ୍ତରଶାସନସ୍ଥିତ ମା' ଅମରେଶ୍ୱରୀ ଦେବୀ ପୀଠ, ସମୟ: ସନ୍ଧ୍ୟା ୬ଟା ।

ନୟାଗଡ଼
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ଦଶମ ଦିବସରେ ବେଢ଼ା ପରିକ୍ରମା, ପଞ୍ଚବଟୀ ପ୍ରବେଶ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା ।
- ପଣାସଂକ୍ରାନ୍ତି ଯାତ୍ରାର ୨ୟ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ମା'ଦକ୍ଷିଣକାଳୀଙ୍କ ପୀଠ, ସମୟ ; ଅପରାହ୍ନ ୫ଟା ।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଦଶମ ଦିବସରେ ଯୁଦ୍ଧଯାତ୍ରା ବେଶ, ସ୍ଥାନ:ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ହନୁମାନ ଜୟନ୍ତୀର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବଡ଼ ବାଣପୁର, ସମୟ: ସନ୍ଧ୍ୟା ୬ଟା ।
- ଗଣିଆ ଲଙ୍କାପୋଡି ମହୋତ୍ସବରେ ସୀତା ବିବାହ ଓ ପର୍ଶୁରାମ ଭେଟ, ସ୍ଥାନ: ଗଣିଆ ଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ଟା ।

ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗୁଡାରି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୭ ଟା ।
- ନାରୀ ନିର୍ଯ୍ୟାତନାକୁ ନେଇ ମଶାଲ ସଭାଯାତ୍ରା ମାଧ୍ୟମରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ, ସ୍ଥାନ: ମୁନିଗୁଡ଼ା ରେଳ ଷ୍ଟେସନ ଛକ, ସମୟ: ଅପରାହ୍ନ ୫ଟା ୩୦ ।
- ବୀଣାପାଣି ଭିନକ୍ଷମ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡ଼ା ଜଗନ୍ନାଥ ମନ୍ଦିର ନିକଟ ସିଂହଦ୍ୱାର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା ।
- ଗୁଡାରି ବ୍ଲକ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା, ସ୍ଥାନ: ଗୁଡ଼ାରି ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।

ନବରଙ୍ଗପୁର
- ଠାକୁରାଣୀ ଯାତ୍ରା ଆରମ୍ଭ, ସ୍ଥାନ: ଝରିଗାଁ, ସମୟ: ରାତି ୮ଟା ।

କୋରାପୁଟ
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ବାଡେଲ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା ।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କୁଇଲି ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ୍, ସମୟ: ସକାଳ ୮ଟା ।
- ହନୁମାନ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ମନ୍ଦିର ପରିସର, ହାଲ ସୁନାବେଡା, ସମୟ: ରାତି ୮ଟା ୩୦ ।

ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ପ୍ରାତଃ ୫ଟା ୩୦ ।
- ଧନକଉଡା ଆଦର୍ଶ ବିଦ୍ୟାଳୟରେ ଯୋଗ ଶିବିର, ସ୍ଥାନ: ସାନସିଂହାରୀ ସ୍ଥିତ ଆଦର୍ଶ ବିଦ୍ୟାଳୟ . ସମୟ: ସକାଳ ୭ଟା ।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଭଣ୍ଡାରୀମାଲ ଗ୍ରାମ, ସମୟ: ସକାଳ ୯ଟା ।
- ରାମଲୀଳା ମହୋତ୍ସବ, ସ୍ଥାନ: ବିଶାଳଖିଣ୍ଡା ଗ୍ରାମ, ସମୟ: ସନ୍ଧ୍ୟା ୭ଟା ।
- ଶ୍ରୀରାମ ନବମୀ ମହୋତ୍ସବ, ସ୍ଥାନ: କବରାପାଲି ଗ୍ରାମ, ସମୟ: ରାତି ୯ଟା ।

ବରଗଡ଼
- ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ପଦ୍ମପୁର, ସମୟ: ସକାଳ ୭ଟା ।
- ବୈଶାଖ ମେଳା ପ୍ରସ୍ତୁତି ବୈଠକ, ସ୍ଥାନ: ନୃସିଂହନାଥ ମନ୍ଦିର ମିଟିଂ ହଲ୍, ପାଇକମାଲ, ସମୟ: ପୂର୍ବାହ୍ନ ୧୧ଟା ।
- ସି.ଏମ୍ ଟ୍ରଫି ଫୁଟବଲର ଫାଇନାଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମ, ବରଗଡ଼, ସମୟ: ଅପରାହ୍ନ ୪ଟା ।

କଳାହାଣ୍ଡି
- ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ବିକାଶ ଇନଷ୍ଟିଚ୍ୟୁଶନ, ସମୟ: ସନ୍ଧ୍ୟା ୬ଟା ।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।

ବୌଦ୍ଧ
- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଦଶମ ଦିନ ନାଟକ ନାଗଫାଶ ବନ୍ଧନ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା ।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଦଶମ ଦିବସ ନାଟକ କୁମ୍ଭକର୍ଣ୍ଣ ବଧ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ସମୟ: ରାତି ୯ଟା ।

ଦେବଗଡ଼
- ଶ୍ରୀ ରାମ ନବମୀ ମହୋତ୍ସବ ପୂଜା ପୂର୍ଣ୍ଣାହୁତି, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ହନୁମାନ ଜୟନ୍ତୀ ଅବସରରେ ଭଜନ ସନ୍ଧ୍ୟା, କଟକ, ସ୍ଥାନ: ଓଲଟ ବର ବଜରଙ୍ଗୀ କମିଟି ପୂଜା ମଣ୍ଡପ, ପୁରୁଣାଗଡ଼, ସମୟ: ସନ୍ଧ୍ୟା ୭ଟା ।
- ସମୂହ ହନୁମାନ ଚାଲିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା ।

ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା ।
- ମେଣ୍ଢାକୁ ନୂତନ ବ୍ଲକ ଘୋଷଣା ଦାବିରେ ରାଲି ଓ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ।
- ମୁଖ୍ୟମନ୍ତ୍ରୀ ଅନ୍ତଃକ୍ଲବ ଫୁଟବଲ୍ ଚାମ୍ପିୟନଶିପ୍‌ର ଫାଇନାଲ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ।

ନୂଆପଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୋଡ଼େନ, ସମୟ: ପୂର୍ବାହ୍ନ ୧୦ଟା ।
- ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ସ୍ଥାନୀୟ ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୩ଟା ୩୦ ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ, ସ୍ଥାନ: ଖଡିଆଳ ବ୍ଲକ ଢକସର ଗାଁ, ସମୟ: ପ୍ରାତଃ ୪ଟା ।

ଝାରସୁଗୁଡ଼ା
- ଯୁଗ୍ମ ଜନଶୁଣାଣି ଶିବିର କାର୍ଯ୍ୟକ୍ରମ, ସ୍ଥାନ: ଲଇକେରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୭ଟା ।
- ୧୬ ପ୍ରହର ନାମଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ଦୁଆନମୁଣ୍ଡା ଗ୍ରାମ୍ୟ ଯଜ୍ଞ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

ମେଷ

ଆଜି ମନ ଅନୁଯାୟୀ କାମ ସମ୍ପନ୍ନ ହେବ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ହିଁ ପାଇବେ । ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ତର୍କ, ଆଲୋଚନା, ଆନୁଷ୍ଠାନିକ କାମରେ ସଫଳତା ଅବଶ୍ୟ ପାଇବେ । କେତେକ କ୍ଷେତ୍ରରେ ଆପଣଙ୍କ କଠୋର ସତ୍ୟ ବ୍ୟବହାରରେ ବନ୍ଧୁ ଅଭିମାନ କରିପାରନ୍ତି ।

ବୃଷ

ପରିବାରର କୌଣସି ବ୍ୟତିକ୍ରମଜନିତ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିବେ । ଗୃହୋପକରଣ ସାମଗ୍ରୀ କ୍ରୟ କରିବାକୁ ବାଧ୍ୟ ହେବେ । ବନ୍ଧୁଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ସମାଲୋଚିତ ହେବାକୁ ପଡ଼ିପାରେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ ।

ମିଥୁନ

ପ୍ରତ୍ୟେକ କାମରେ ପ୍ରତିବନ୍ଧକ ଲାଗି ରହିବାରୁ ନିରୁତ୍ସାହତା ସୃଷ୍ଟି ହେବ । ବକେୟା ପାଇବା ପାଇଁ ଅନ୍ୟ ମାନଙ୍କର ସାହାଯ୍ୟ ନେବାକୁ ବାଧ୍ୟ ହେବେ । ବାକ୍ ଚାତୁରି ଦ୍ୱାରା ଆପ୍ୟାୟିତ କରି ବନ୍ଧୁଙ୍କଠାରୁ କାର୍ଯ୍ୟ ହାସଲ କରିବେ । କର୍ମକ୍ଷେତ୍ରରେ ନୀତିଗତ କାମରୁ ପ୍ରଶଂସା ପାଇବେ କିନ୍ତୁ ପୂର୍ବପ୍ରସ୍ତୁତିରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ ।

କର୍କଟ

ଖର୍ଚ୍ଚ ବୃଦ୍ଧି ପାଇବା ସାଙ୍ଗକୁ ଭୁଲ୍ ବୁଝାମଣାଜନିତ ପାରିବାରିକ ସମସ୍ୟା ଚିନ୍ତାର କାରଣ ହେବ । ନିର୍ମାଣ, ଜମିଜମା, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କ ହେବ । ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ଦୀର୍ଘଦିନର ଆଶା ଫଳବତୀ ହେବ । ମନ ପସନ୍ଦର କୌଣସି ଜିନିଷ ପାଇ ସାୟାହ୍ନେ ମନ ଖୁସି ହୋଇଯିବ ।

ସିଂହ

ପରିବାରରେ ତର୍କବିତର୍କ କାରଣରୁ ଭାଇ, ଭଉଣୀଙ୍କ ସହ ମତାନ୍ତର ଘଟିପାରେ । ଏହା ସାଙ୍ଗକୁ କର୍ମକ୍

ଓଡ଼ିଆରେ ନାମଫଳକ ନ ଲେଖିବା ପ୍ରସଙ୍ଗ: ୮୨ ଦୋକାନୀଙ୍କୁ ନୋଟିସ

ଯାଜପୁର,୧୪।୪(ହର୍ଷବର୍ଦ୍ଧନ ବେହେରା): ଚଳିତମାସ ୧ ତାରିଖରୁ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଯାଜପୁର ଓ ବ୍ୟାସନଗର ପୌର ପରିଷଦ ଅଞ୍ଚଳରେ ଓଡ଼ିଆରେ ନାମଫଳକ ନ ଲେଖିବା ଓ ନିଜ ପ୍ରତିଷ୍ଠାନ ପଞ୍ଜୀକରଣ କରି ନ ଥିବା ୮୨ ଦୋକାନକୁ ନୋଟିସ ହୋଇଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ ସମ୍ପୃକ୍ତ ଦୋକାନୀମାନେ ଏହାର ଅବମାନନା କଲେ ଓଡ଼ିଶା ଦୋକାନ ଓ ବାଣିଜ୍ୟକ ପ୍ରତିଷ୍ଠାନ ନିୟମ-୧୯୫୬ର ଧାରା ୪ ଅନୁସାରେ ସେମାନଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ କହିଛନ୍ତି।

+୩ ନାମଲେଖା ପାଇଁ ୧୬ରୁ ଆବେଦନ

ଭୁବନେଶ୍ୱର,୧୪।୪(ସୁଚିସ୍ମିତା ସାହୁ)

ଆସନ୍ତା ୧୬ ତାରିଖରୁ +୩ ନାମଲେଖା ପାଇଁ ଆବେଦନ ହେବ। ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ୨୦୨୫-୨୬ ପାଇଁ ନାମଲେଖା ପ୍ରକ୍ରିୟା ଚାଲିବ। ଛାତ୍ରୀଛାତ୍ର ଏକାଡେମିକ ମ୍ୟାନେଜମେଣ୍ଟ ସିଷ୍ଟମ ପୋର୍ଟାଲ ମାଧ୍ୟମରେ ଆବେଦନ କରି ନିଜ ପସନ୍ଦର ବିଷୟ ଚୟନ କରିପାରିବେ। ଦୁଇଟି ଅପ୍‌ଶନାଲ ସହିତ ଗୋଟିଏ ମେଜର, ଗୋଟିଏ ଡବଲ ମେଜର କିମ୍ବା ତିନୋଟି ଅପ୍‌ଶନାଲ ବାଛିପାରିବେ। ଜୁଲାଇ ୧୦ ସୁଦ୍ଧା ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାର ବିଭିନ୍ନ ଉଚ୍ଚଶିକ୍ଷା ପାଠ୍ୟକ୍ରମ ଯଥା ସ୍ନାତକୋତ୍ତର ଓ ଦୁଇବର୍ଷିଆ ବି.ଏଡ୍, ଏମ୍.ଏଡ୍ ଏବଂ ବି.ଏର୍.ଏଡ୍ ପାଇଁ ନାମଲେଖା ପ୍ରକ୍ରିୟାକୁ ସୁଗମ କରିବା ଲାଗି ବ୍ୟାପକ ପଦକ୍ଷେପ ନେଉଛନ୍ତି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଧ୍ୟାନରେ ରଖି ତଥା ଶିକ୍ଷାଗତ କ୍ୟାଲେଣ୍ଡର କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ୧୦ ଜୁଲାଇ ସୁଦ୍ଧା ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ କରିବାକୁ ଯୋଜନା କରିଛନ୍ତି। ଶିକ୍ଷାବର୍ଷର ସମୟସୀମା ଆରମ୍ଭ, ପରୀକ୍ଷାକୁ ସୁରୁଖୁରୁରେ ପରିଚାଳନା ଏବଂ ଫଳାଫଳ ଶୀଘ୍ର ଘୋଷଣା ସୁନିଶ୍ଚିତ କରିବା ପାଇଁ ଏହି ସମୟସୀମା ସ୍ଥିର କରାଯାଇଛି। ଏହା ଛାତ୍ରୀଛାତ୍ରଙ୍କ ପାଇଁ ଲାଭଦାୟକ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଉଛି।

ମହିଳା ସେଲିବ୍ରିଟିଙ୍କୁ ମହାକାଶ ପଠାଇଲା ବ୍ଲୁ ଅରିଜିନ୍

ବ୍ଲୁ ଅରିଜିନ୍‌ର ସ୍ପେସ୍‌କ୍ରାଫ୍ଟ ଏନ୍‌ଏସ୍-୩୧ରେ ମହାକାଶ ଯାତ୍ରା କରିଥିବା ମହିଳା ସେଲିବ୍ରିଟି।

ୱାଶିଂଟନ,୧୪।୪

ପପ୍ ଗାୟିକା କେଟି ପେରୀ ଏବଂ ଆମେରିକୀୟ ଟିଭି ବ୍ୟକ୍ତିତ୍ୱ ଗେଲେ କିଙ୍ଗ୍‌ଙ୍କ ସମେତ ୬ ମହିଳା ସେଲିବ୍ରିଟିଙ୍କୁ ନେଇ ଜେଫ୍ ବେଜୋସ୍‌ଙ୍କ ବ୍ଲୁ ଅରିଜିନ୍‌ର ସ୍ପେସ୍‌କ୍ରାଫ୍ଟ ଏନ୍‌ଏସ୍-୩୧ ସୋମବାର ମହାକାଶକୁ ଯାଇଛି। ସେଲିବ୍ରିଟଙ୍କ ସହ ବେଜୋସ୍‌ଙ୍କ ପ୍ରେମିକା ଲୌରେନ୍ ସାଞ୍ଚେଜ୍ ମଧ୍ୟ ମହାକାଶ ଯାଇଛନ୍ତି। ପୂର୍ବରୁ କେବଳ ପେସାଦାର ମହାକାଶଚାରୀମାନେ ମାଧ୍ୟାକର୍ଷଣଶୂନ୍ୟ ଅଞ୍ଚଳରେ ପ୍ରବେଶ ସୁଯୋଗ ପାଉଥିବାବେଳେ ସ୍ପେସ୍ ଟୁରିଜମ୍ ଅନ୍ୟମାନଙ୍କୁ ଏହି ସୁଯୋଗ ଦେଇଛି। ଧନୀ ଏବଂ ପ୍ରସିଦ୍ଧି ଲାଭ କରିଥିବା ଲୋକମାନେ ମହାକାଶକୁ ଯାଇପାରୁଛନ୍ତି। ମହିଳା ସେଲିବ୍ରିଟିମାନଙ୍କୁ ନେଇ ନ୍ୟୁ ଶେପାର୍ଡ ରକେଟ୍ ସ୍ଥାନୀୟ ସମୟ ସକାଳ ୯ଟା ୩୧ ମିନିଟ୍ (ଭାରତୀୟ ସମୟ ରାତି ୭ଟା)ରେ ୱେଷ୍ଟ ଟେକ୍ସାସ୍‌ରୁ ମହାକାଶ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଏହା ୧୦୭ କିଲୋମିଟର ଅତିକ୍ରମ କରିବା ପରେ ସେଲିବ୍ରିଟିମାନେ ଓଜନହୀନତାର ଅନୁଭୂତି ହାସଲ କରିବେ। ସାଞ୍ଚେଜ୍ ଜଣେ ହେଲିକପ୍ଟର ପାଇଲଟ୍ ଏବଂ ପୂର୍ବତନ ଟିଭି ଜର୍ନାଲିଷ୍ଟ ହୋଇଥିବାବେଳେ ପେରୀ ଜଣେ ଖ୍ୟାତନାମା ଗାୟିକା। ଅନ୍ୟମାନଙ୍କ ମଧ୍ୟରେ ଫିଲ୍ମ ନିର୍ମାତା କେରିଆନେ ଫ୍ଲିନ୍, ନାସାର ପୂର୍ବତନ ଇଞ୍ଜିନିୟର ଐଶା ବୋୱେ ଏବଂ ବୈଜ୍ଞାନିକ ଆମଣ୍ଡା ଏନ୍‌ଗୁୟେନ ରହିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ନଅ ଛଅ ତେର,
ଯେବେ ଯିବୁ ଘର
ତେବେ ହେବ ଜର।

ସାଧାରଣତଃ ଛଅ, ନଅ ଓ ତେର ଦିନରେ ଘରକୁ ଫେରିବାରେ ବାରଣ କରାଯାଇଥାଏ। କାରଣ ଏହି ଦିନଗୁଡ଼ିକରେ ଘରକୁ ଫେରିଲେ ଦେହ ଖରାପ ହେବାର ସମ୍ଭାବନା ରହିଥାଏ। ଏହା ଏକ ଅନ୍ଧବିଶ୍ୱାସ ହୋଇଥିଲେ ମଧ୍ୟ ଆଜିବି ଆମ ସମାଜରେ ପ୍ରଚଳିତ ହୋଇ ଆସୁଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନାଳିଆ ଟୋକେଇ ପୁଞ୍ଜି ପୁଞ୍ଜିକା ଲୋ
ଶୋଲ ଶାଗ ତୋଳିବାକୁ
ବାପ ଦେଇଛନ୍ତି ବୁଢ଼ା ବରକୁ ଲୋ
ଚାଳ ଧରି କାନ୍ଦିବାକୁ ।

ସାଧାରଣତଃ ଭଲ ଘର ଓ ଭଲ ବର ଦେଖି ଝିଅଟିକୁ ବିଭା ଦିଆଯାଇଥାଏ। ତେବେ ଦରିଦ୍ର ଘର ଓ ବୁଢ଼ା ବର ମିଳିଥିବା କନ୍ୟାଟି ଭାଗ୍ୟରେ କାନ୍ଦିବା ହିଁ କେବଳ ସାର ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

ଧନ୍ଦାମୂଳକ ଶିକ୍ଷାକୁ ଅଣଦେଖା

ଭୁବନେଶ୍ୱର,୧୪।୪(ସୁଚିସ୍ମିତା ସାହୁ)

ଭୋକେଶନାଲ ଏଜୁକେଶନ ବା ଧନ୍ଦାମୂଳକ ଶିକ୍ଷା ପ୍ରତି ରାଜ୍ୟ ସରକାର ଅଣଦେଖା କରୁଥିବା ଅଭିଯୋଗ ଉଠିଛି। ଚୁକ୍ତିଭିତ୍ତିକ ଟ୍ରେନରଙ୍କୁ ନେଇ ପାଠ୍ୟକ୍ରମ ଚାଲିଥିବାବେଳେ ପାଠପଢ଼ାରେ ସେମାନେ ମଧ୍ୟ ଅବହେଳା କରୁଛନ୍ତି। ଫଳରେ ଏହାକୁ ତୃତୀୟ ଅପ୍ସନାଲ ରଖି ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲିହୋଇଯାଉଛି। ନୂଆ ଶିକ୍ଷାବର୍ଷ ଆରମ୍ଭ ହୋଇ ୧୪ ଦିନ ଅତିକ୍ରମ କରିଥିଲେ ମଧ୍ୟ ପାଠପଢ଼ା ଆରମ୍ଭ ହୋଇନାହିଁ। କୌଣସି ଭୋକେଶନାଲ ଟ୍ରେନର ବିଦ୍ୟାଳୟ ଆସୁ ନ ଥିବାରୁ ପିଲାମାନେ ଶ୍ରେଣୀଗୃହରେ ବସି ବସି ଘରକୁ ଫେରୁଛନ୍ତି। ଟ୍ରେନରଙ୍କ ଅଭିଯୋଗ ହେଉଛି, କମ୍ପାନୀ ସହ ସେମାନଙ୍କ ଚୁକ୍ତି ସରିଯାଇଥିବାବେଳେ ୪ ମାସ ହେବ ଦରମା ପାଇନାହାନ୍ତି। ତେଣୁ ପାଠ ପଢ଼ାଇପାରିବେ ନାହିଁ ବୋଲି ସେମାନେ କହିଛନ୍ତି। ଫଳରେ

ଚୁକ୍ତି ସରିଯାଇଥିବାରୁ ପଢ଼ାଇବାକୁ ଆସୁନାହାନ୍ତି ଟ୍ରେନର

- ୧,୭୨,୮୦୦ ଛାତ୍ରୀଛାତ୍ର ଚିନ୍ତାରେ
- ୪ ମାସ ହେଲା ଟ୍ରେନରଙ୍କୁ ମିଳିନି ଦରମା

ରାଜ୍ୟର ପ୍ରାୟ ୧,୭୨,୮୦୦ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହୋଇ ଚିନ୍ତାରେ ଥିବା ଜଣାପଡ଼ିଛି। କେନ୍ଦ୍ର ସରକାର ନୂତନ ଶିକ୍ଷାନୀତି-୨୦୨୦ରେ ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶାରେ କାହିଁକି ଧନ୍ଦାମୂଳକ ଶିକ୍ଷାକୁ ଏତେ ଅବହେଳା କରାଯାଉଛି ବୋଲି ଏନ୍.ପି.ଏସ୍. ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ପ୍ରଶ୍ନ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ସଂଘ ଅଭିଭାବକଙ୍କ ସହ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ୨୦୧୬ରୁ ଓଡ଼ିଶାର ପ୍ରାୟ ୧୦୮୦ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମ ଚାଲିଛି। ଗୋଟିଏ ସ୍କୁଲରେ ନବମ ଓ ଦଶମ ଦୁଇଟି ଶ୍ରେଣୀ ପାଇଁ ୨ଟି ଟ୍ରେଡ୍‌ରେ ପ୍ରାୟ ୮୦ ଜଣ ହିସାବରେ ୧୬୦ ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି। ସରକାର ଏହି ପାଠ୍ୟକ୍ରମ ପରିଚାଳନା କରିବା ପାଇଁ କେତୋଟି ଭୋକେଶନାଲ ଟ୍ରେନିଂ ପାର୍ଟନର(ଯାହା ଏକ ଘରୋଇ କମ୍ପାନୀ)ଙ୍କୁ ଦାୟିତ୍ୱ ଦେଇଥିଲେ। ଗତ ମାର୍ଚ୍ଚ ୩୧ରେ ସେହି କମ୍ପାନୀଗୁଡ଼ିକର ଚୁକ୍ତି ଓସେପା ସହ ଶେଷ ହୋଇଯାଇଛି। ତେଣୁ ଭୋକେଶନାଲ ଟ୍ରେନରମାନେ ସ୍କୁଲ ଯିବେ କି ନାହିଁ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସେମାନଙ୍କ ଚାକିରି ଅଛି କି ନାହିଁ ସେନେଇ ମଧ୍ୟ ଚିନ୍ତାରେ ରହିଛନ୍ତି। ଏହାର ପ୍ରଭାବ ସିଧାସଳଖ ତୃତୀୟ ଅପ୍‌ଶନାଲ ଭୋକେଶନାଲ ପାଠ ପଢୁଥିବା ପିଲାଙ୍କ ଉପରେ ପଡ଼ିଛି। କମ୍ପାନୀଗୁଡ଼ିକ ସେମାନଙ୍କ ମନମାନି କରୁଥିବା ଦେଖିବାକୁ ମିଳିଛି। ପ୍ରାୟ ୪ରୁ ୫ ମାସ ଦରମା ନ ଦେଇ କମ୍ପାନୀଗୁଡ଼ିକ ଚୁପ୍ ବସିଛନ୍ତି। ଓସେପା ଏସବୁ ଜାଣି କାହିଁକି ଚୁପ୍ ବସିଛି ବୋଲି ସଂଘ ପ୍ରଶ୍ନ କରିଛି।

୧୦ ବର୍ଷ ପରେ ମା' କୋଳକୁ ଫେରିବ ପୁଅ

ବାଲେଶ୍ୱର,୧୪।୪(ବାଞ୍ଛାନିଧି ଦେ)

ଦୀର୍ଘ ୧୦ ବର୍ଷ ପରେ ମା' କୋଳକୁ ଫେରିବ ପୁଅ। ଶିଶୁପୁତ୍ରକୁ ନେଇ ଫେରାର ଥିବା ବାପାଙ୍କୁ ପୋଲିସ ଦିଲ୍ଲୀରୁ ଗିରଫ କରିବା ପରେ ନାବାଳକ ପୁଅଙ୍କୁ ଉଦ୍ଧାର କରାଯାଇଛି। ଏନେଇ ସୋମବାର ପୂର୍ବାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଆଇଜି ଡା. ସତ୍ୟଜିତ୍ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜପ୍ରସାଦ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ଗୋପାଳପୁର ଥାନା ଅଧୀନ ପଣ୍ଡାଶୁଣୀ ଗ୍ରାମର କମଳାକାନ୍ତ ମିଶ୍ର ମୋତିଗଞ୍ଜ ମେଖଶୂଳ ଅଞ୍ଚଳର ଶରତ କୁମାର ଶତପଥୀଙ୍କ କନ୍ୟା ସୀମାଙ୍କୁ ୨୦୦୮ରେ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କର ଏକ ପୁତ୍ର ସନ୍ତାନ ଥିଲା। ଯୌତୁକଜନିତ ନିର୍ଯାତନା ଦିଆଯାଉଥିବା ନେଇ ୨୦୧୬ରେ ଖନ୍ତାପଡ଼ା ଥାନାରେ ସ୍ୱାମୀଙ୍କ ବିରୋଧରେ ସୀମା ଅଭିଯୋଗ ଆଣିଥିଲେ। ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୧୫/୧୬) ରୁଜୁ ହୋଇଥିଲା। ଏହାପରେ ସୀମା ଶିଶୁପୁତ୍ର ସହ ନିଜ ବାପଘରକୁ ପଳାଇ ଆସିଥିଲେ। ସ୍ୱାମୀ କମଳାକାନ୍ତ କୌଶଳକ୍ରମେ ତାଙ୍କ ୪ ବର୍ଷର ପୁଅକୁ ମା'ଠାରୁ ଲୁଚାଇ ନେଇ ଫେରାର ହୋଇଯାଇଥିଲେ। ଏପରିକି କମଳାକାନ୍ତ ସ୍ତ୍ରୀଙ୍କ ସହ ସମସ୍ତ ପ୍ରକାର ସମ୍ପର୍କ ବିଚ୍ଛିନ୍ନ କରିଦେଇଥିଲେ। ସୀମା ପୁଅକୁ ଫେରିପାଇବା ପାଇଁ ବାଲେଶ୍ୱର ପରିବାର ଅଦାଲତର ଆଶ୍ରୟ ନେଇଥିଲେ। ଏ ସମ୍ପର୍କରେ ଅଦାଲତରେ ଏକ ମିସ୍ କେସ୍ (ନଂ.୯୬/୧୬) ରୁଜୁ ହୋଇଥିଲା। ବାପା କମଳାକାନ୍ତଙ୍କଠାରୁ ଶିଶୁପୁତ୍ରକୁ ଆଣି ମା' ସୀମାଙ୍କୁ ଜିମା ଦେବା ପାଇଁ କୋର୍ଟ ପକ୍ଷରୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ପୋଲିସ ଶିଶୁପୁତ୍ରକୁ ଉଦ୍ଧାର କରିବା ଦିଗରେ ବହୁ ପଦକ୍ଷେପ ଗ୍ରହଣ କରିଥିଲେ ହେଁ ତାହା ସଫଳ ହୋଇ ନ ଥିଲା। କମଳାକାନ୍ତ ବାରମ୍ବାର ତାଙ୍କ ଠିକଣା ବଦଳାଉଥିଲେ। ଏହାପରେ ଅଭିଯୁକ୍ତ କମଳାକାନ୍ତଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ଡିଆଇଜି ଡା. ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ପି ରାଜପ୍ରସାଦଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି ଆଲୋକ ରଞ୍ଜନ ରାୟଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଇତିମଧ୍ୟରେ ଟ୍ରାମାନ ଟ୍ରାଫିକିଂ ଉପରେ କାର୍ଯ୍ୟ କରୁଥିବା ୟା ଟୁ ସେଲ୍ ଏବଂ ସାଇବର ୟୁନିଟ୍ ପକ୍ଷରୁ କମଳାକାନ୍ତ ଦିଲ୍ଲୀରେ ଲୁଚିଥିବା ନେଇ ଖବର ମିଳିଥିଲା। ଏସ୍‌ଆଇ ଲୋକନାଥ ସୋରେନ, ଏସ୍‌ଆଇ ଧନେଶ୍ୱର ନନ୍ଦ ଏବଂ କନଷ୍ଟେବଲ ବିକାଶ କୁମାର ମହାପାତ୍ର ପ୍ରମୁଖ ଦିଲ୍ଲୀରେ ଚଢ଼ାଉ କରି ଅଭିଯୁକ୍ତ କମଳାକାନ୍ତଙ୍କୁ ଗିରଫ କରିବା ସହ ୧୪ ବର୍ଷର ନାବାଳକ ପୁତ୍ରକୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ଗିରଫ ବାପାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଉଦ୍ଧାର ନାବାଳକ ପୁଅକୁ ସିଡବ୍ଲୁସି ହେପାଜତ୍‌ରେ ରଖାଯାଇଛି।

ଦିଲ୍ଲୀରୁ ଗିରଫ ହେଲେ ଅଭିଯୁକ୍ତ ବାପା



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ମହୁମାଛି ଆକ୍ରମଣରେ ୩ ଗୁରୁତର,୨୦ରୁ ଊର୍ଦ୍ଧ୍ୱ ଆହତ

ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣେ ଆହତ।

ମୋହନା,୧୪।୪ (ମନ୍ମଥ ମିଶ୍ର)

ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବିଭିନ୍ନ ଶୈବପୀଠ ଓ ଅନ୍ୟାନ୍ୟ ମନ୍ଦିର ଉତ୍ସବମୁଖର ହୋଇଥିବା ବେଳେ ଗଜପତି ଜିଲାର ଏକ ଶିବ ମନ୍ଦିରରେ ମହୁମାଛି ଆକ୍ରମଣରେ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଶିବ ମନ୍ଦିରରେ ଘଟିଛି। ସୋମବାର ସକାଳ ପ୍ରାୟ ୯ଟାରେ ଶ୍ରଦ୍ଧାଳୁ ଭକ୍ତମାନେ ଶିବ ମନ୍ଦିରକୁ ଯାଇ ଦର୍ଶନ କରୁଥିବା ବେଳେ ହଠାତ୍ ବାଘୁଆ ମହୁମାଛି ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଭକ୍ତ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କେତେଜଣ ଛୋଟପିଲା ମଧ୍ୟ ଅଛନ୍ତି। ଆହତମାନଙ୍କୁ ସ୍ଥାନୀୟ ବାସିନ୍ଦା ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେମାନଙ୍କ ମଧ୍ୟରୁ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ (୪୦), କାମେଶ୍ୱର ଦାସ (୪୭) ଓ ଅମ୍ରିତା ଦାସ (୧୫)ଙ୍କ ଅବସ୍ଥା ଗୁରୁତର ଥିବା ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଜୟ ପ୍ରକାଶ ପଣ୍ଡା କହିଛନ୍ତି।

ନଗର ଉନ୍ନୟନ ବିଭାଗ ଫେରାଇଲା ୪୪.୪୩ କୋଟି

ଭୁବନେଶ୍ୱର,୧୪।୪(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷରେ ଯେଉଁ ବହୁମୁଖୀ ସଭାକକ୍ଷ ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲା ତାହା ହାସଲ ହୋଇପାରିନାହିଁ। ଫଳରେ ରାଜ୍ୟ ରାଜକୋଷରୁ ମିଳିଥିବା ଅନୁଦାନରୁ ପ୍ରାୟ ୪୪.୪୩ କୋଟି ଟଙ୍କା ଫେରାଇବାକୁ ବିଭାଗ ବାଧ୍ୟ ହୋଇଛି। ନଗର ଉନ୍ନୟନ ବିଭାଗ ତଥ୍ୟ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ବହୁମୁଖୀ ସଭାକକ୍ଷ ନିର୍ମାଣ ନିମନ୍ତେ ୨୫୦ କୋଟି ଟଙ୍କା ଗ୍ରହଣ କରାଯାଇଥିଲା। ମାତ୍ର ମାର୍ଚ୍ଚ ସୁଦ୍ଧା ୨୦୫.୫୬ କୋଟି ଖର୍ଚ୍ଚ କରାଯାଇ ପାରିଛି। ଅବଶିଷ୍ଟ ୪୪.୪୩ କୋଟି ଟଙ୍କା ବିଭାଗକୁ ଫେରସ୍ତ କରିବାକୁ ପଡ଼ିଛି ବୋଲି ବିଭାଗୀୟ ଅର୍ଥ ପରାମର୍ଶଦାତାଙ୍କ ତଥ୍ୟରୁ ଜଣାଯାଇଛି।

ରବୀନ୍ଦ୍ର ମଲ୍ଲିକ କେନ୍ଦ୍ରାପଡ଼ା ଏଡିଏମ୍

ଭୁବନେଶ୍ୱର,୧୪।୪ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀସ୍ତରରେ ଛୋଟଧରଣର ଅଦଳବଦଳ କରାଯାଇଛି। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, କେନ୍ଦୁଝର ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନିକଟରେ ସାଧାରଣ ପ୍ରଶାସନ ବିଭାଗକୁ ବଦଳି ହୋଇଥିବା ବରିଷ୍ଠ ଓଏଏସ୍ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ(ଏଡିଏମ୍) ଭାବେ ବଦଳି କରାଯାଇଛି। ସେହିପରି ଫୁଲବାଣୀ ଆଇଟିଡିଏର ପୂର୍ବତନ ପିଏ ତଥା ସାଧାରଣ ପ୍ରଶାସନ ବିଭାଗରେ ନିକଟରେ ଯୋଗଦେଇଥିବା ଦେବଯାନୀ ଭୁୟାଁଙ୍କୁ ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି।

କଶ୍ମୀର ଉପତ୍ୟକାକୁ ରେଳ ସଂଯୋଗ: ଆହ୍ୱାନ, ସଫଳତା

ଭୁବନେଶ୍ୱର,୧୪।୪ (ଅନୁରାଧା ମହାରଣା)

ପ୍ରାୟ ୧୦୦ ବର୍ଷ ପୂର୍ବେ କଶ୍ମୀର ଉପତ୍ୟକାକୁ ଏକ ନ୍ୟାରୋଗଜ ରେଳ ସଂଯୋଗ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ୧୮୯୨ ମାର୍ଚ୍ଚ ୧ରେ ମହାରାଜା ପ୍ରତାପ ସିଂହଙ୍କ ଦ୍ୱାରା ଜମ୍ମୁ-ଶ୍ରୀନଗର ରେଳ ସଂଯୋଗ ପାଇଁ ପ୍ରଥମେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପରେ ଅର୍ଥାତ୍ ୧୮୯୮ରେ ମହାରାଜା ରଣବୀର ସିଂହ ଏଥିପାଇଁ ପୁଣି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶ୍ରୀନଗର ଏବଂ କଶ୍ମୀର ଉପତ୍ୟକା ସହିତ ପଞ୍ଜାବକୁ ସଂଯୋଗ କରିବା ପାଇଁ ୪ଟି ସମ୍ଭବ ରାସ୍ତା ମିଳିଥିଲା। ଜମ୍ମୁରୁ ବାନିହାଲ ମାର୍ଗ, ଝେଲମ ଉପତ୍ୟକା ଦେଇ ପୁଞ୍ଚ ମାର୍ଗ, ରାୱଲପିଣ୍ଡିରୁ ଝେଲମ ଉପତ୍ୟକା ଦେଇ ପଞ୍ଜାଲ ମାର୍ଗ ଏବଂ ଉପର ଝେଲମ ଉପତ୍ୟକାର ହଜାରା ଦେଇ କାଲାକୋ ସେରାଇରୁ ଆବୋଟାବାଦ ମାର୍ଗ ପାଇଁ ମିଟର ଏବଂ ବ୍ରଡ୍‌ଗଜ ଟ୍ରାକର ମିଶ୍ରଣ ପାଇଁ ବିସ

ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି– ତଦ୍ଦ୍ୱାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି– ସେ ସବୁ ଯେପରି ଚୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ !! –ଶ୍ରୀଅରବିନ୍ଦ

ପିଲା ଚୋରି ଓ ପୋଲିସ

ଭୁବନେଶ୍ୱର ରାମମନ୍ଦିର ନିକଟରେ ଭିକ୍ଷା ମାଗି ଚଳୁଥିବା ଜୟନ୍ତୀ ମଲ୍ଲିକ ନାମ୍ନୀ ଦୃଷ୍ଟିବାଧିତ ମହିଳାଙ୍କ ଦେଢ଼ବର୍ଷର ଶିଶୁପୁତ୍ର ଚୋରି ହେବା ରାଜଧାନୀରେ ପିଲା ଚୋର ର୍ୟାକେଟ୍‌ର ସକ୍ରିୟତାକୁ ଦର୍ଶାଇଛି। ଏପ୍ରିଲ ୧୨ ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା । ଜୟନ୍ତୀ ଖାରବେଳନଗର ଥାନାରେ ଏ ସଂକ୍ରାନ୍ତରେ ଏଫ୍‌ଆଇଆର୍ ଦାଏର କରିଥିଲେ। ବର୍ତ୍ତମାନ ଏହି ଘଟଣାରେ ପୋଲିସ ଜଣକୁ ଅଟକରଖିଛି। ଜୟନ୍ତୀ ନୀଳାଦ୍ରିବିହାର ସ୍ଥିତ କନ୍ୟାଶ୍ରମରେ ରହି ଭିକ ମାଗି ଚଳୁଥିଲେ ଏବଂ ତାଙ୍କର ଆଉ ଜଣେ ୭ ବର୍ଷର ଝିଅ ଅଛି। ଉଲ୍ଲେଖନୀୟ ଯେ, ଜୟନ୍ତୀଙ୍କ ସ୍ୱାମୀ ମଧ୍ୟ ଜଣେ ଦୃଷ୍ଟିବାଧିତ ଏବଂ ସେ ସତ୍ୟନଗର ବସ୍ତିରେ ରହି ଭିକ୍ଷା ମାଗି ଚଳନ୍ତି, ଅବଶ୍ୟ ଉଭୟେ ଅଲଗା ରହୁଛନ୍ତି। ଜୟନ୍ତୀଙ୍କ ଶିଶୁପୁତ୍ର ଚୋରି ଘଟଣା ପ୍ରଥମ ନୁହେଁ, ଏଭଳି ପିଲା ଚୋରି ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟରେ ବାରମ୍ବାର ଘଟୁଛି। ଏମିତିକି ସୁରକ୍ଷା କୋହଳ ଥିବା ହସ୍ପିଟାଲଗୁଡ଼ିକରୁ ପିଲା ଚୋରିହେବା ଖବର ବହୁ ସମୟରେ ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି। ଓଡ଼ିଶାରେ ପିଲା ନିଖୋଜ ହେବା ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଚଳିତ ବର୍ଷ ଫେବୃଆରୀ ୧୭ରେ ରାଜ୍ୟ ବିଧାନସଭାରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଗତ ୫ ବର୍ଷରେ ୧,୮୫୭ ପିଲା ଉଦ୍ଧାର କରାଯାଇଥିବାବେଳେ ୮,୪୦୩ ନିଖୋଜ ଅଛନ୍ତି। ପିଲାଙ୍କର ଏହି ସଂଖ୍ୟା ବ୍ୟତୀତ ମହିଳା ଏବଂ ସାବାଳିକା ସଂଖ୍ୟା ମିଶିଲେ ତାହା ଯଥେଷ୍ଟ ଅଧିକ ହେବ। ଚୋରି କରିନିଆଯାଉଥିବା ନାବାଳିକା କିମ୍ବା ନାବାଳକଙ୍କୁ ଦଲାଲମାନେ ଚଢ଼ା ଦରରେ ବିକ୍ରି କରିଦେଇଥାନ୍ତି। ସେମାନଙ୍କ ଜାଲ ସାରା ଭାରତରେ ଖେଳାଇ ହୋଇରହିଛି। ଯେଉଁ ବ୍ୟକ୍ତି ନିର୍ଦ୍ଦିଷ୍ଟ ସ୍ଥାନରୁ ପିଲାଙ୍କୁ କିମ୍ବା ମହିଳାଙ୍କୁ ନେଇଥାଏ ତାହାର ଭୂମିକା ମାତ୍ର ଘଣ୍ଟେ କିମ୍ବା ୨ଘଣ୍ଟାରେ ଶେଷ ହୋଇଯାଏ। ଅପହୃତ ପିଲାକୁ ଦିନକ ମଧ୍ୟରେ ୧୦ରୁ ୧୨ ହାତ ଦେଇ ସହର କିମ୍ବା ଜିଲା ବାହାରକୁ ପଠାଇଦିଆଯାଏ। ସାଧାରଣତଃ ରେଳ ଏବଂ ଟ୍ୟାକ୍ସି ବ୍ୟବହାରକରି ଅପହୃତମାନଙ୍କୁ ସ୍ଥାନାନ୍ତରିତ କରାଯାଏ। ଯେଉଁ ଘଟଣାରେ ଅଧିକ ଗଣମାଧ୍ୟମ କିମ୍ବା ସାମାଜିକ ଦୃଷ୍ଟି ପଡ଼ିଥାଏ ସେହି କ୍ଷେତ୍ରରେ ଅପହୃତଙ୍କୁ ସମ୍ପୃକ୍ତ ସହର ବା ଜିଲାର ଏକ ନିଛାଟିଆ ଜାଗାରେ ବନ୍ଦ ଘରେ କିଛିଦିନ ପାଇଁ ରଖାଯାଏ। ପରିସ୍ଥିତି ଶାନ୍ତ ପଡ଼ିଲା ପରେ ସେହି ପିଲାକୁ ପୁନର୍ବାର ସ୍ଥାନାନ୍ତରିତ କରାଯାଏ ଏବଂ ଶେଷରେ ସାଧାରଣତଃ ସେହି ରାଜ୍ୟ ବାହାରେ ପୋଷ୍ୟ ସନ୍ତାନ ଖୋଜୁଥିବା ଦମ୍ପତିଙ୍କୁ ପିଲା ବିକ୍ରି ହୋଇଥାଏ। ସାବାଳିକା କିମ୍ବା ମହିଳା ହୋଇଥିଲେ ବେଶ୍ୟାବୃତ୍ତି ପାଇଁ ବଡ଼ ସହରକୁ ପଠାଇ ଦିଆଯିବା ପରେ ତାଙ୍କର କୌଣସି ନାମଗନ୍ଧ ମିଳିବା ସମ୍ଭବପର ହୁଏ ନାହିଁ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ସେହି ଅଞ୍ଚଳର ପୋଲିସ ଆଶୀର୍ବାଦ ଓ ସକ୍ରିୟ ସହଯୋଗ ଦ୍ୱାରା ହୋଇଥାଏ।

> **ଦେଖାଯାଇଥାଏ ଯେ, ପୋଲିସ ଅନେକ ସମୟରେ ଚାପ ଓ ପରିସ୍ଥିତିକୁ ନେଇ ପିଲା ଖୋଜିଆଣି ଫେରାଇପାରନ୍ତି। ଏହା ସ୍ପଷ୍ଟ ଯେ, ପୋଲିସ ଏଥିରେ ଜଡ଼ିତ ଓ ଏହା ସେମାନଙ୍କ ଜ୍ଞାତରେ ଘଟୁଛି। ତେବେ ଅପରାଧ ରୋକିବାରେ ପୋଲିସର ସ୍ୱଚ୍ଛତା ରହିଲେ ହୁଏତ ଏ କ୍ଷେତ୍ରରେ କିଛି ସୁଧାର ଆସିପାରିବ।**

ପିଲା ଚୋରି କିମ୍ବା ନିଖୋଜ ହେବା ପଛରେ ଅନେକ କାରଣ ଅଛି। ପ୍ରଥମରେ ମାତାପିତାଙ୍କ ଦାରିଦ୍ର୍ୟ ସେମାନଙ୍କ ନିଜ ସନ୍ତାନଙ୍କୁ ଅଣଦେଖା କରିବା ପରିଲକ୍ଷିତ ହୋଇଥିଲେ ଏଭଳି ଚୋରି ହୁଏ। ଏହା ବ୍ୟତୀତ ପୋଷ୍ୟ ସନ୍ତାନ ଗ୍ରହଣରେ ବିଳମ୍ବ ଘଟିଲେ ସେହି ଦମ୍ପତିଙ୍କ ଦ୍ୱାରା ଦଲାଲ ଉତ୍ସାହିତ ହୋଇଥାଏ। ଦେଖାଯାଏ ନିଃସନ୍ତାନମାନେ ଆଇନଗତ ଉପାୟରେ ପୋଷ୍ୟ ଭାବେ ୨ ବର୍ଷରୁ କମ୍ ବୟସର ପିଲାଟିଏ ପାଇବାକୁ ୨ରୁ ୪ ବର୍ଷ ଅପେକ୍ଷା କରୁଛନ୍ତି। ଜୁଭେନାଇଲ ଜଷ୍ଟିସ୍ ଆକ୍ଟ(୨୦୧୫) ଅନୁଯାୟୀ ଏହା ହୋଇଥାଏ। ପୋଷ୍ୟ ପିଲା ଭଲଭାବେ ରହିପାରିବ କି ନାହିଁ ତା' ଉପରେ ଯାଞ୍ଚ କରାଯାଏ। ଏହା ସହ ପୋଷ୍ୟ ପିଲା ପାଇଁ ଯେତେଜଣ ଆବେଦନ କରୁଛନ୍ତି ସେମାନଙ୍କ ସଂଖ୍ୟା ଅନୁସାରେ ପିଲା ମିଳୁନାହାନ୍ତି। ଏଣୁ ଅପେକ୍ଷାରତ ମହିଳା କିମ୍ବା ପୁରୁଷ କୌଣସି ଉପାୟରେ ପିଲାଟିଏ ପାଇବାର ଲାଳସା ର୍ୟାକେଟ ପାଇଁ ସୁଯୋଗ ହୋଇଯାଉଛି। ଏହା ମଧ୍ୟ କୁହାଯାଇପାରେ, ଭାରତର ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାରେ ହେଉଥିବା ପିଲା ଚୋରି ଘଟଣା ପୋଲିସର ଅଜାଣତରେ ହେବା କଷ୍ଟକର। ଦେଖାଯାଇଥାଏ ଯେ, ପୋଲିସ ଅନେକ ସମୟରେ ଚାପ ଓ ପରିସ୍ଥିତିକୁ ନେଇ ପିଲା ଖୋଜିଆଣି ଫେରାଇପାରନ୍ତି। ଏହା ସ୍ପଷ୍ଟ ଯେ, ପୋଲିସ ଏଥିରେ ଜଡ଼ିତ ଓ ଏହା ସେମାନଙ୍କ ଜ୍ଞାତରେ ଘଟୁଛି। ତେବେ ଅପରାଧ ରୋକିବାରେ ପୋଲିସର ସ୍ୱଚ୍ଛତା ରହିଲେ ହୁଏତ ଏ କ୍ଷେତ୍ରରେ କିଛି ସୁଧାର ଆସିପାରିବ। ଏହା ସହ ପୋଷ୍ୟ ସନ୍ତାନ ଗ୍ରହଣ କରିବାରେ ଥିବା ଆଇନଗତ ଜଟିଳତା ତଥା ପ୍ରଶାସନିକ ବାଧା ଦୂରହେଲେ ପିଲା ଚୋରି ହୁଏତ ଅନେକାଂଶରେ କମିପାରିବ। କିନ୍ତୁ ଅନ୍ୟପଟେ ଏକ ବିରାଟ ଭୟ ମଧ୍ୟ ରହୁଛି। ପୋଷ୍ୟ ସନ୍ତାନ ଭାବେ ହେଉଥିବା ମାତାପିତାଙ୍କର ଚରିତ୍ର ସମ୍ପର୍କରେ ଜାଣିବା ଅତ୍ୟନ୍ତ କଷ୍ଟକର। ସେଥିପାଇଁ ପୋଷ୍ୟ ପିଲାକୁ କିଭଳି ଭାବେ ବ୍ୟବହାର କରାଯାଉଛି ତାହା ପରବର୍ତ୍ତୀ ସମୟରେ ଯାଞ୍ଚ କରିବା ଏକ ପ୍ରକାର ଅସମ୍ଭବ। ଏହା ବ୍ୟତୀତ ପୋଷ୍ୟ ସନ୍ତାନ ଗ୍ରହଣ ନେଇ ସଚେତନତା ସୃଷ୍ଟିକରିବା ଉପରେ ଗୁରୁତ୍ୱ ଦେବା ଦରକାର। ତେବେ ଯଦି ପିଲାଚୋରି ପୋଲିସ ଜାଣତରେ ଘଟିବ ତେବେ ଏହାକୁ ନିୟନ୍ତ୍ରଣକରିବା କାଠିକର ପାଠ ହୋଇଯିବ।

su|do|ku
Puzzles by Srikant Ghosh

ସୁ-ଡୋ-କୁ

7		9					5	
			1	8	5			
	2					6		
2			5			1		
	1	6	3				2	
			2					
	6			3			4	5
	3	2	9	1				

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

2	5	3	7	9	8	4	1	6
7	8	9	1	6	4	2	3	5
4	6	1	5	2	3	7	9	8
5	7	6	9	3	1	8	2	4
1	9	8	4	7	2	5	6	3
3	2	4	8	5	6	1	7	9
6	3	5	2	8	7	9	4	1
9	1	2	3	4	5	6	8	7
8	4	7	6	1	9	3	5	2

ଗତକାଲିର ଉତ୍ତର

ରିଲ୍ସ ଯନ୍ତାରେ ଯୁବପିଢ଼ି

ନିରଞ୍ଜନ ସାହୁ

ଯନ୍ତାରେ ପଡ଼ିବା ପୂର୍ବରୁ କେହି କେବେ ବି ଆଶଙ୍କା କରି ନ ଥାଏ ଯେ ଏଇ ଭବ୍ୟ ସମ୍ଭାବନା ପଛରେ ଏକ ଷଡ଼ଯନ୍ତ୍ର ଲୁଚି ରହିଥାଏ ବୋଲି। ସେ ହୋଇଥାଉ ଯନ୍ତାରେ ପଶିବା ପୂର୍ବର ମୂଷାଟିଏ କିମ୍ବା ବନ୍ଧନ ମୁଦ୍ରାରେ ଥାଇ ଆହାର ହେବାପାଇଁ ସଜବାଜ ହୋଇ ଅପେକ୍ଷା କରିଥିବା ଛେଳିଟାଏ, ଯିଏ କି ଆମନ୍ତ୍ରଣ କରୁଥାଏ ଶିକାରୀ ବାଘଟିକୁ। ଥରେ ଯନ୍ତାରେ ପଡ଼ିଲେ ସେଥିରୁ ମୁକ୍ତି ନ ଥାଏ– ମୁକୁଳିବାର ସବୁ ରାସ୍ତା ବନ୍ଦ କରା ହୋଇଥାଏ କୌଶଳରେ, ସବୁ ସମ୍ଭାବନା ଯେମିତି ଶୂନ ସହିତ ସମାନ।

ଆଜିର ଦିନରେ ଭାରତୀୟ ତରୁଣ ଓ ଯୁବପିଢ଼ି ହୁଏତ ସେଇମିତି ଇନ୍‌ଷ୍ଟାଗ୍ରାମ ରିଲ୍‌ସର ଅକ୍ଟୋପସ୍ ପଞ୍ଜା ଭିତରେ ପେଷି ହୋଇଯାଇଛି। ରିଲ୍‌ସଗୁଡ଼ିକରେ ଥାଏ ଏମିତି କିଛି ସମ୍ମୋହନି ଆକର୍ଷଣ ଯେ ତାହା ଖୁବ୍ ସହଜରେ ଆକୃଷ୍ଟ କରେ ତରୁଣର ମନକୁ– ସେ ହୋଇପାରେ ଏକ ସୁମଧୁର ସଂଗୀତର କାକଳି, ହୋଇପାରେ କିଛି ମନଖୁସି କରିବା ଭଳି ହସ କୌତୁକର ସଂଳାପ। କେବେ ପୁଣି କାମୋଦ୍ଦୀପକ ଉତ୍ତେଜକ ଦ୍ରବ୍ୟରେ ଭରପୂର ମସଲା। ଏତିକିବେଳେ ତା' ନଜର ପଡ଼ିବ ଅମୁକ ବାବୁଙ୍କର ଏଇ ଚିଜଟିକୁ ଦେଖିଲେଣି ଦଶଲକ୍ଷରୁ ଅଧିକ ଲୋକ– କେବେ ପୁଣି କିଏ ଜଣେ ଗୁରୁ ଗମ୍ଭୀର ସ୍ୱରରେ କାନରେ କହିଦେବେ– ଇନ୍‌ଷ୍ଟାଗ୍ରାମ ରିଲ୍‌ସ ତିଆରି କରୁଥିବା ଲୋକଙ୍କର ଦରକାର କିଛି ବୁଦ୍ଧି ଆଉ କୌଶଳ ଖାଲି ବେଳକାଳ ଠିକ୍ ହେଲେ ସେଥିରୁ ବି କମେଇ ହେବ ଲକ୍ଷ ଲକ୍ଷ ଟଙ୍କା ଆଉ ରାତାରାତି ମିଳିଯିବ ପ୍ରଶସ୍ତି ଓ ପୁରସ୍କାର।

ଆଗରୁ କିଛି ଲୋକ ବିଭିନ୍ନ ବିଷୟରେ ଛୋଟଛୋଟ ଭିଡିଓ ପ୍ରସ୍ତୁତ କରି ଗଣମାଧ୍ୟମରେ ଛାଡୁଥିଲେ– ସେଗୁଡ଼ିକର ଥିଲା ଭାରି ଆଦର– କେତେବେଳେ ତାହା ଇତିହାସର ପୃଷ୍ଠା ଉନ୍ମୋଚନ କରୁଥିଲା କେବେ ବୈଦେଶିକ ନୀତିର ବ୍ୟାଖ୍ୟାନ ବି। କେବେ ପୁଣି ମାଛଧରାଠାରୁ ଉଦ୍ୟାନ କର୍ମ ଏମିତି ବହୁବିଧ ଜ୍ଞାନ ବିଜ୍ଞାନର କଥାରେ ପରିବ୍ୟାପ୍ତ ଥିଲା– ମାତ୍ର ଏବେ ଯେଉଁ କ୍ଷୁଦ୍ର ଭିଡିଓମାନ ନିର୍ମିତ ହେଉଛି ଯାହାକୁ କୁହାଯାଉଛି ରିଲ୍‌ସ– ସେଗୁଡ଼ିକ ଭିଡିଓର ସଂକ୍ଷିପ୍ତ ରୂପାନ୍ତରଣ ଏବେକାର ରିଲ୍‌ସଗୁଡ଼ିକ କିଛି ସେକେଣ୍ଡରୁ ଅତିବେଶିରେ ଅଧାମିନିଟ୍ ଭିତରେ ସୀମିତ। ସେଗୁଡ଼ିକର ପରିବେଷଣ ମୂଲ୍ୟବୋଧ ପଛରେ ନିହିତ ରହିଛି ତ୍ୱରିତ ଆକର୍ଷଣ କଳା ଭଳି ସଂଳାପ ଏବଂ ତା'ପରେ ମନକୁ ସାମୟିକ ପ୍ରଭାବିତ କଳାଭଳି କଥାବସ୍ତୁ। ତରୁଣ ମନକୁ ଛୁଇଁବା ପରି ସାମଗ୍ରୀରେ ଭରପୂର ସେସବୁ। କଥାରେ ଯାହା କହନ୍ତି– 'ସୁନ୍ଦର ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ।' ଗୋଟିଏ ସରିବାପରେ ତା' ପଛକୁ ପଛ ସଜାହୋଇ ଅପେକ୍ଷା କରିଥାଏ ଆଉ ଗୋଟିଏ– ଆଉ ତା'ପଛକୁ ତା'

ଠାରୁ ଆହୁରି ମଜାଦାର ଆହୁରି ଆକର୍ଷଣୀୟ।

ଆମ ଦେଶର ଲୋକସଂଖ୍ୟାର ଦୁଇତୃତୀୟାଂଶ ପଇଁତିରିଶ ବର୍ଷ ବା ତା'ଠାରୁ କମ ବୟସର ବୋଲି ଆମେ ଗର୍ବ କରୁଛନ୍ତି ସେ ଏକ ଯୁବକ ଦେଶ । ଆଉ ଯୁବକ ଯୁବତୀମାନଙ୍କ ଭିତରୁ ଅଧିକାଂଶ ଲାଗିଛନ୍ତି ଏଇ କାମରେ ମାନେ ରିଲ୍‌ସ ତିଆରି କରିବା ବା ରିଲ୍‌ସ ଦେଖିବା ଗାଁ ଗହଳିର ଅଧାପଢ଼ା ଦରପଢ଼ା ଝିଅ ବୋହୂ ବି ନିଜକୁ ପଛରେ ପକେଇବାକୁ ଚାହୁଁ ନାହାନ୍ତି, ଯେମିତି ଆଉ ଯେ ସବୁଗୁଡ଼ିକ ସାମୟିକ ଖୁସି ଦେଉ ବା ନ ଦେଉ, ସମୟତକ ଯତ୍ନରେ ଚୋରି କରି ନେବ ସେଥିରେ ସନ୍ଦେହ ନାହିଁ।

କଥାରେ କୁହାଯାଏ– ଜୀବନର ଅବଧି ସଂକ୍ଷିପ୍ତ ଏହା କେବେ ଅନନ୍ତ ବା ଅପରିସୀମ ନୁହେଁ, ଆଉ ଯୁବାବସ୍ଥା ତା'ର ଏକ କ୍ଷୁଦ୍ର କାଳଖଣ୍ଡ ମାତ୍ର। ତାକୁ ଯଦି ଫୁର୍ତ୍ତିରେ ଉଡ଼େଇ ଦେବାକୁ ଯୁବ ସଂପ୍ରଦାୟ ଚାହିଁବେ ତା'ହେଲେ କିଏ ବା ଯେ ଦେଶକୁ ରକ୍ଷା କରିପାରିବ ?

ଆମ ଦେଶର ଶାସକମାନେ ବହୁ ଲୋଭନୀୟ ଭବିଷ୍ୟତର ଆକଳନ କରି ସେଇ ସ୍ୱପ୍ନରେ ବିଭୋର କରନ୍ତି ଦେଶବାସୀଙ୍କୁ। କେବେ ଆମେ ଅର୍ଥନୀତିରେ ଅନ୍ୟମାନଙ୍କୁ ଅତିକ୍ରମ କରିବାକୁ ଯାଉଛୁ, କେମିତି ଆମେ ଶିଳ୍ପାୟନରେ ଦ୍ରୁତ ଅଗ୍ରଗତି ପଛରେ ଅଗ୍ରସର ହେଲେ। ଆମର ଯୁବ ଶକ୍ତି ଯଦି ନିଜକୁ ସଂପୂର୍ଣ୍ଣ ବିନିଯୋଗ ନ କରି ଏଇଭଳି ଆଳସ୍ୟ ପରାୟଣ କାର୍ଯ୍ୟରେ ନିୟୋଜିତ ହେବେ, ସେତେବେଳେ କ'ଣ ହେବ ଦେଶର ଭବିଷ୍ୟତ। କୁହାଯାଉଛି ଆମଦେଶରେ ଶିକ୍ଷାନୁଷ୍ଠାନମାନଙ୍କର ସଂଖ୍ୟା ଆଖି ଖୋସି ହେଲାପରି, ହେଲେ ବି ସେଠାରୁ ଭିତରୁ ଥିବା ପିଲାମାନେ କୁଆଡ଼େ ନିଯୁକ୍ତିକ୍ଷମ ନୁହନ୍ତି। ଆମ ପିଲାଙ୍କର ଦକ୍ଷତା ନାହିଁ। ସେମାନଙ୍କ ଭିତରେ କଳ୍ପନା ଶକ୍ତିର ଅଭାବ, ସେମାନଙ୍କ ଭିତରେ ସୃଜନଶକ୍ତି ନୈରାଶ୍ୟଜନକ ଯଦି ଏହା ସତହୁଏ ତା'ହେଲେ ଏକ ଭୟଙ୍କର ଭବିଷ୍ୟତ ଆମକୁ ଅପେକ୍ଷା କରିଛି ବୋଲି ଭାବିବାକୁ ହେବ।

ବିଜୁଳିବତିର ଜନକ ଭାବରେ ଖ୍ୟାତ ଟମାସ ଆଲଭା ଏଡିସନ କହୁଥିଲେ– 'ସଫଳତା କହିଲେ ବୁଝାଯାଏ ଶତକଡ଼ା ଅନେଶତ ପ୍ରତିଶତ କଠିନ ପରିଶ୍ରମ ଆଉ ବାକି ଏକ ଶତାଂଶ ହେଲା ଅନ୍ୟମାନଙ୍କର ପ୍ରେରଣା।' ହେଲେ ଆଜି ଯଦି ଏଇକଥା ଯୁବପିଢ଼ିଙ୍କ କାନରେ ପଡ଼ିବ ସେମାନେ ଆପଣଙ୍କୁ ଆହ୍ୱାନ କରିବେ ଏବଂ ଏକ ବହୁଳ ପ୍ରଚାରିତ ହ୍ୱାଟ୍‌ସଆପ ଭିଡିଓଟିଏ ଦେଖାଇଦେବେ। ଭିଡିଓରେ ଅଛି ଦୁଇଟି ଚିତ୍ର–ପ୍ରଥମଟିରେ ଗୋଟିଏ ମଇଁଷିକୁ ନିର୍ଦ୍ଦିଷ୍ଟ ସ୍ଥାନକୁ ନେବାପାଇଁ ଗଳଦଘର୍ମ ହେଉଛନ୍ତି ଚାରିଜଣ ଯୁବକ– ମାତ୍ର ପଣ କରିଛନ୍ତି ମହୀଷ ମହାରାଜ ଯେମିତି– ଟିକିଏ ବି ହଲିବେନି ନିଜ ଜାଗାରୁ ସବାଶେଷରେ ନିଜର ଅସଫଳତା ବଖାଣୁଛି ସେଇ ଯୁବକମାନଙ୍କର ମିଳିତ ଉଦ୍ୟୋଗ। ଆଉ ଦ୍ୱିତୀୟ ବୃତ୍ତ ଚିତ୍ରଟିରେ ମଇଁଷି ଉପରେ ବସିଛି ଲୋକଟିଏ, ବେଶ ଆତ୍ମ ବିଶ୍ୱାସ ତା' ଆଖିରେ, ବେଫିକର ଭାବରେ ଧରିଛି ଗୋଟିଏ ଲମ୍ବା ବାଡ଼ିଟିଏ ଯାହାର ଶେଷ ଭାଗରେ ଝୁଲାଇ ଧରାଇ ଦିଆଯାଇଛି କିଛି ସବୁଜ ଘାସ ଆଉ ତାକୁ ଖାଇବା ଆଶାରେ ମଇଁଷି ଆଗେଇ ଯାଉଛି ତା'ର ଚାଳକର ଇଚ୍ଛାମତେ, ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଉଛି ଅବିଳମ୍ବେ ଅର୍ଥାତ୍ ବୁଦ୍ଧି ନିକଟରେ ନତମସ୍ତକ ହେଉଛି କଠିନ ପରିଶ୍ରମଜନିତ ସକଳ ପ୍ରଚେଷ୍ଟା । ନବ୍ୟ ପରିଭାଷାରେ କୁହାଯାଉଛି କଠିନ ପରିଶ୍ରମ ନୁହେଁ ବରଂ 'ସ୍ମାର୍ଟକାମ' ହିଁ ଅଭିଳଷିତ ଲକ୍ଷ୍ୟରେ ପହଞ୍ଚେଇ ଦେଇପାରିବ।

ଆମ ପଡ଼ୋଶୀ ଚାଇନାର ଲୋକମାନେ ଏତେ ଉନ୍ନତି କରିବା ପଛରେ ରହିଛି ସେମାନଙ୍କର ଯୁବଶକ୍ତିଙ୍କର ଦକ୍ଷତା। ଦକ୍ଷତା ବିକାଶର ସବୁ ପ୍ରାନ୍ତରେ ସେମାନେ ତାଙ୍କର ଉତ୍କର୍ଷର ଜୟଯାତ୍ରା ବଜାୟ ରଖିଛନ୍ତି। ବିଭିନ୍ନ ଖେଳନାଠାରୁ ଆରମ୍ଭ କରି ହରେକ ରକମର ଆବଶ୍ୟକ ଘରକରଣା ସବୁ ସେଇମାନଙ୍କର ଯୋଜନା ଓ ପରିଶ୍ରମର ଫଳଶ୍ରୁତି। ସମଗ୍ର ବିଶ୍ୱରେ ନିର୍ମିତ ହେଉଥିବା ଉତ୍ପାଦର ଶତକଡ଼ା ୩୫ଭାଗ ଚାଇନାରେ ପ୍ରସ୍ତୁତ ହେଉଛି। ଏହି କ୍ଷେତ୍ରରେ ବହୁ ପଛରେ ପଡ଼ିଯାଇଛି ଆମର ଦେଶ। ଆମର ଅର୍ଥନୈତିକ ଦୃଶ୍ୟପଟ ମଧ୍ୟ ସେଇଧାରଣାରୁ ଅଲଗା ନୁହେଁ। ଆମ ବାଣିଜ୍ୟ ଚାଇନା ସହିତ ଯାହା ହେଉଛି ସେଥିରେ ଆମର ରପ୍ତାନି ତୁଳନାରେ ଚାଇନାର ରପ୍ତାନି ପ୍ରାୟ ଚାରିଗୁଣ ଏବଂ ଅର୍ଥନୀତିର ପ୍ରାୟ ଛଅଗୁଣ। ଯେ କଥାକୁ ନଜର କଲେ ଲାଗିବ ଆମର ଯୁବଶକ୍ତି କଠିନ ପରିଶ୍ରମ କରିବା ବଦଳରେ ଫୁର୍ତ୍ତିରେ ରିଲସ୍ ତିଆରି କରୁଛନ୍ତି ଅଥବା ଆଳସ୍ୟ ପରାୟଣ ହୋଇ ସେଇ ରିଲସ୍ ଦେଖିବାରେ ବ୍ୟସ୍ତ ରହୁଛନ୍ତି। ଜୀବନର କେତେ ମୂଲ୍ୟବାନ ସମୟ ଅଜାଣତରେ ଅବା ଅୟସରେ କଟେଇ ଦେଉଛନ୍ତି ଆମର ଯୁବପିଢ଼ି। ଖାଲି ଯୁବପିଢ଼ି ନୁହେଁ, ଏଇ ବେମାରି ଅନ୍ୟମାନଙ୍କୁ ବ୍ୟାପିଲାଣି। ସରକାରୀ କାମରେ ଥିଲା ବେଳେ ବାବୁମାନେ ୟୁଟ୍ୟୁବ ଭିଡିଓ ଦେଖୁଛନ୍ତି କିମ୍ବା ହ୍ୱାଟସଆପ ଚାଟରେ ବ୍ୟକ୍ତିଗତ ଆଳାପ କରୁଛନ୍ତି। ସମୟ କେତେ ମୂଲ୍ୟବାନ ତାକୁ ଅପଚୟ କଲେ ସେ କ'ଣ ଫେରି ଆସିବ, ଏକଥା ନିଜକୁ ପଚାରିବାର ସମୟ ଆସିଛି।

ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ
ମୋ:୯୪୩୮୪୮୨୯୧୧

ତୁଣ୍ଡସଙ୍ଗାତ

ଡ. ଦ୍ୱିତୀଚନ୍ଦ୍ର ସାହୁ

ମୂଳଚାଲ ଟୁଟିଲା। ଦର ନିର୍ଦ୍ଧାରିତ ହେଲା। କଥା ରହିଲା ଆର ସପ୍ତାହରେ ଅର୍ଥ ଦିଆଯିବ। ଘର ଯାଇଁ ଜାଗା ରେଜିଷ୍ଟ୍ରେଶନ ହେବ। ଖୁସିରେ ଫେରିଲେ ଚନ୍ଦ୍ରବୃଢ଼ବାବୁ। ଘରକୁ ଆସି କହିଲେ, ଏଣିକି ଭୟ ନାହିଁ। ସହରରେ ଘରଟିଏ ହେବ। ଦୀର୍ଘଦିନ ଧରି ସ୍ତ୍ରୀ ସମେତ ପରିବାର ଲୋକଙ୍କ ସ୍ୱପ୍ନ ସାକାର ହେବାକୁ ଯାଉଛି। ଚନ୍ଦ୍ରବୃଢ଼ବାବୁ ଜମି ପାଇଁ ଟଙ୍କା ବନ୍ଦୋବସ୍ତ ପରେ ଜମି ବିକ୍ରେତାଙ୍କ ନିକଟରେ ପହଞ୍ଚିଲେ। ଦେଖୁ ଦେଖୁ ମାଲିକ କହିଲା– ଆଜ୍ଞା ! ଆପଣ ତ ଦର ସ୍ଥିର କରିଗଲେ। ଯଦି ତୁରନ୍ତ କିଣି ଦେଇଥାନ୍ତେ କିଛି ଗୋଟେ ହୁଅନ୍ତା। ପରେ ଜଣେ ଆସିଲେ ଆପଣ ତୁଟେଇ ଥିବା ଦରଠାରୁ ଆହୁରି ଅଧିକା ଦର ଦେବାକୁ ରାଜିହେଲା ତ ତାକୁ ମୁଁ ବିକିଦେଲି। ଚନ୍ଦ୍ରବୃଢ଼ବାବୁ କହିଲେ– ଆପଣ କଥା ଦେଇଥିଲେ। କେମିତି ଆପଣ ଏମିତି କଲେ। ଆପଣଙ୍କ କଥାର କିଛି ମୂଲ୍ୟ ନାହିଁ। ମାଲିକ ହସି ହସି କହିଲେ– ଆଜ୍ଞା ! କଥାର ମୂଲ୍ୟ ପରା ଅଛି ଆଜ୍ଞା। ସେ ଅଧିକା ଦେବାକୁ କହିଲେ ବୋଲି ତ ତାକୁ ବିକିଲି ଜମି। ଚନ୍ଦ୍ରବୃଢ଼ବାବୁ ବୁଝିଗଲେ ତା'ର ଉଦ୍ଦେଶ୍ୟ। ଅଧିକା କିଛି ନ କହି ନିରାଶାରେ ଫେରିଲେ।

ଏମିତି ଆପଣମାନେ ଭୋଗିଥିବେ।

ଆମ୍ବେଡ୍‌କରଙ୍କ ନାମରେ ଭୁବନେଶ୍ୱରରେ ଭବନ ନିର୍ମାଣ ହେବ

ରାଜ୍ୟସ୍ତରୀୟ ଜୟନ୍ତୀରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ଭୁବନେଶ୍ୱର, ୧୪।୪
(ସୌମ୍ୟରଞ୍ଜନ ରାଉତ)

ଭାରତରତ୍ନ ବାବା ସାହେବ ଡକ୍ଟର ଭୀମ୍‌ରାଓ ରାମ୍‌ଜୀ ଆମ୍ବେଡ୍‌କରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ସୋମବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାବା ସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ, ଏକ ଦଳିତ ପରିବାରରୁ ଆସି ଭାରତୀୟ ସମ୍ବିଧାନର ମୁଖ୍ୟ ସଂରଚକ ହେବା ପର୍ଯ୍ୟନ୍ତ ଆମ୍ବେଡ୍‌କରଙ୍କ ଜୀବନଯାତ୍ରା ଆଗାମୀ ପିଢ଼ି ପାଇଁ ନିରନ୍ତର ପ୍ରେରଣାର ଉତ୍ସ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ଆମ୍ବେଡ୍‌କରଙ୍କ ସମ୍ମାନାର୍ଥେ ଭୁବନେଶ୍ୱରରେ ଏକ ଭବନ ନିର୍ମାଣ ହେବ। ଏଥିରେ ଏକ ଗ୍ରନ୍ଥାଗାର ଓ ସଭାଗୃହ ରହିବ। ଆମ୍ବେଡ୍‌କରଙ୍କ ନୀତି, ଆଦର୍ଶ ଓ ଜୀବନୀ ଉପରେ ଅଧିକ ଗବେଷଣା ହେବ।

ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

ସେହିଭଳି ଭୁବନେଶ୍ୱରର ଏକ ରାସ୍ତା ଓ ଏକ ପାର୍କକୁ ତାଙ୍କ ନାମରେ ନାମିତ କରାଯିବ। ମୁଖ୍ୟମନ୍ତ୍ରୀ କହିଲେ, ଆମ୍ବେଡ୍‌କର କେବଳ ଏକ ନାମ ନୁହେଁ, ଏହା ଏକ ବିଚାରଧାରା। ଭାରତରେ ଏକ ସୁସ୍ଥ, ଭେଦଭାବରହିତ, ସମାବେଶୀ ସମାଜ ପ୍ରତିଷ୍ଠା କରିବା ସଂଘର୍ଷର ନାମ ହେଉଛି ଆମ୍ବେଡ୍‌କର। ଡକ୍ଟର ଆମ୍ବେଡ୍‌କରଙ୍କ ଜୀବନ ସଂଘର୍ଷମୟ ଥିଲା ଓ ଏହି ସଂଘର୍ଷ ତାଙ୍କୁ ସମାଜରେ ପରିବର୍ତ୍ତନ ଆଣିବା ପାଇଁ ପ୍ରେରିତ କରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ସବୁ ବାଧାବିଘ୍ନକୁ ସାମ୍ନାକରି ଆଗକୁ ବଢ଼ିବାର ଉଦାହରଣ ହେଉଛନ୍ତି ଡକ୍ଟର ଆମ୍ବେଡ୍‌କର। ଆମ୍ବେଡ୍‌କର ଯେଉଁମାନଙ୍କ ଉତ୍ଥାନ ପାଇଁ ଲଢ଼େଇ କରୁଥିଲେ ଓ ଯାହା ତାଙ୍କ ସ୍ୱପ୍ନ ଥିଲା, ତାକୁ ସାକାର କରିବା ଲାଗି ମୁଖ୍ୟମନ୍ତ୍ରୀ ପ୍ରୟାସରତ ଅଛନ୍ତି। ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା କହିଲେ, ଆମ୍ବେଡ୍‌କରଙ୍କ ନୀତି ଓ ଆଦର୍ଶକୁ ଗାଁ ଗାଁରେ, ଘରେ ଘରେ ପହଞ୍ଚାଇବା ପାଇଁ ଆମ ସରକାର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କାର୍ଯ୍ୟରତ ଅଛନ୍ତି। ଶିକ୍ଷାବିତ୍ ତଥା ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ କହିଲେ, ଗଣତନ୍ତ୍ର ଉପରେ ଡ. ଆମ୍ବେଡ୍‌କରଙ୍କ ଅଖଣ୍ଡ ବିଶ୍ୱାସ ଥିଲା। ଏହି ଅବସରରେ ରାଜଧାନୀ ପ୍ରତିଷ୍ଠା ଦିବସ ପ୍ରତିଯୋଗିତାରେ ଭାଗ ନେଇଥିବା ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଉପ-ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

ଶୀଘ୍ର କାର୍ଯ୍ୟକ୍ଷମ ହେବ ଶ୍ରୀମନ୍ଦିର ପ୍ରଶାସନର ୟୁ-ଟ୍ୟୁବ୍ ଚ୍ୟାନେଲ

ପୁରୀ, ୧୪।୪ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ମହିମା, ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ସାରା ବିଶ୍ୱରେ ପ୍ରଚାର ପ୍ରସାର କରିବା ପାଇଁଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ପ୍ରଶାସନର ୟୁ-ଟ୍ୟୁବ୍ ଚ୍ୟାନେଲ ଖୋଲାଯାଇ ମହାପ୍ରଭୁଙ୍କ ମହିମା, ଯାନିଯାତ୍ରା, ପର୍ବପର୍ବାଣି ଆଦି ପ୍ରସାରଣ କରାଯିବ। ଏ ନେଇ ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା କମିଟିରେ ନିଷ୍ପତ୍ତି ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଏ କ୍ଷେତ୍ରରେ ଆଉ ପାଦେ ଆଗେଇଛି। ଉକ୍ତ ୟୁ-ଟ୍ୟୁବ୍ ଚ୍ୟାନେଲ୍‌ରେ ଶ୍ରୀମନ୍ଦିରର ପର୍ବପର୍ବାଣି ଓ ଯାନିଯାତ୍ରା ସମ୍ପର୍କରେ ସୂଚନା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା, ଦର୍ଶନ, ସଂସ୍କୃତି, ପରମ୍ପରାର ପ୍ରସାର ତଥା ଶ୍ରଦ୍ଧାଳୁଙ୍କ ମାନସରେ ଭକ୍ତି-ସଚେତନତା ସୃଷ୍ଟି କରିବାର ଉଦ୍ଦେଶ୍ୟ ରହିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୋସିଆଲ ମିଡିଆ 'ଏକ୍ସ' ମାଧ୍ୟମରେ ସୋମବାର ସୂଚନା ଦେଇଛନ୍ତି।

ସବୁଜ ବନାନୀ ଅବକ୍ଷୟ ପାଇଁ ବଢ଼ୁଛି ତାପମାତ୍ରା

ସାମନ୍ତ ଚନ୍ଦ୍ରଶେଖର ସୌଖିନ ଜ୍ୟୋତିର୍ବିଜ୍ଞାନୀ ସଂଘର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୪।୪ (ସୁଚିସ୍ମିତା ସାହୁ)

ସାମନ୍ତ ଚନ୍ଦ୍ରଶେଖର ସୌଖିନ ଜୋତିର୍ବିଜ୍ଞାନୀ ସଂଘ(ସ୍କା)ର ୩୨ତମ ବାର୍ଷିକ ଉତ୍ସବ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଫେସର ଲକ୍ଷ୍ମୀଧର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶାରେ ଜୋତିର୍ବିଜ୍ଞାନକୁ ଲୋକପ୍ରିୟ କରିବା ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ପାଇଁ ପ୍ରତିଷ୍ଠାନ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି ବୋଲି ପ୍ରକାଶ କରିଥିଲେ।

ପାଣିପାଗ ବିଜ୍ଞାନୀ ଡ. ଶରତ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଜଳବାୟୁ ପରିବର୍ତ୍ତନ ମାନବ ସଭ୍ୟତାକୁ ଭୟଙ୍କର ବିପଦ ମୁହଁକୁ ଠେଲିଦେବ। ସବୁଜ ବନାନୀର ଅବକ୍ଷୟ ଓ ମାନବ କୃତ କାର୍ଯ୍ୟ ପାଇଁ ତାପମାତ୍ରା କ୍ରମାଗତ ବୃଦ୍ଧି ପାଉଛି। ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ଅଜିତ ମୋହନ ଶ୍ରୀବାସ୍ତବ ଓ ପ୍ରଫେସର ସୁରେଶ ଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ସଂଘ ସମ୍ପାଦକ ତଥା ଜନବିଜ୍ଞାନୀ ଶୁଭେନ୍ଦୁ ପଟ୍ଟନାୟକ ଉପସ୍ଥିତ ଥିଲେ। ସଂଘର ବାର୍ଷିକ ପତ୍ରିକା ଉନ୍ମୋଚିତ ହୋଇଥିଲା। ଜୋତିର୍ବିଜ୍ଞାନୀ କିଶୋର ଚନ୍ଦ୍ର ପଟ୍ଟନାୟକ ଓ ପଠାଣି ସାମନ୍ତ ପ୍ଲାନେଟାରିୟମର ନିରାକାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଂଘର ଯୁଗ୍ମ ସମ୍ପାଦକ ଗୋଲକ ବିହାରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଟେଲିସ୍କୋପ ମାଧ୍ୟମରେ ସୂର୍ଯ୍ୟର ବ୍ଲାକ୍ ସ୍ପଟ୍ ଦେଖିବାର ବ୍ୟବସ୍ଥା କରାଯାଇଥିଲା। ଜୋତିର୍ବିଜ୍ଞାନୀ ବିଭୁଦତ୍ତ ପଣ୍ଡା ପରିଚାଳନା କରିଥିଲେ।

ସାମନ୍ତ ଚନ୍ଦ୍ରଶେଖର ସୌଖିନ ଜୋତିର୍ବିଜ୍ଞାନୀ ସଂଘର ବାର୍ଷିକ ଉତ୍ସବରେ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ପରିସରରେ ଲୋକେ ଟେଲିସ୍କୋପ ମାଧ୍ୟମରେ ସୂର୍ଯ୍ୟର ବ୍ଲାକ୍ ସ୍ପଟ୍ ଦେଖୁଛନ୍ତି।

ଓଡ଼ିଆ ପକ୍ଷ ପାଳନ ଓଡ଼ିଆ ଅସ୍ମିତାକୁ ଅଧିକ ରଦ୍ଧିମନ୍ତ କରିବ

ଓଡ଼ିଆ ପକ୍ଷ ଉଦ୍‌ଯାପିତ

ଭୁବନେଶ୍ୱର, ୧୪।୪ (ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା 'ଓଡ଼ିଆ ପକ୍ଷ' ସୋମବାର ଓୟୁଏଟି କୃଷି ଶିକ୍ଷା ସଦନଠାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି କହିଲେ, ଓଡ଼ିଆ ପକ୍ଷ' ପାଳନ ଓଡ଼ିଆ ଅସ୍ମିତାର ଭାବନାକୁ ଅଧିକ ରଦ୍ଧିମନ୍ତ କରିବ। ଏହା କେବଳ ଏକ ସମୟ ଉପଯୋଗୀ ପଦକ୍ଷେପ ନୁହେଁ, ବରଂ ଓଡ଼ିଶାର ଅନନ୍ୟ ପରିଚୟ, ଐତିହ୍ୟ ଏବଂ ଗର୍ବକୁ ଉଚ୍ଚ କରିବାର ଗୁରୁତ୍ୱପୂର୍ଣ୍ଣ ପ୍ରୟାସ। ଲୋକ ପରମ୍ପରା, ସଂସ୍କୃତି, ପ୍ରାଚୀନ ଶାସ୍ତ୍ର, ପର୍ବପର୍ବାଣି, ହସ୍ତଶିଳ୍ପ, ଖାଦ୍ୟ ଏବଂ ମହାନ୍ ସନ୍ତାନଙ୍କ କୃତି ଓ କୀର୍ତ୍ତିକୁ ସୁନ୍ଦର ଭାବେ ପ୍ରଦର୍ଶନ କରିବାର ସୁଯୋଗ ସୃଷ୍ଟି କରିଛି। ଓଡ଼ିଆ ପକ୍ଷ ପାଳନ ସାଂସ୍କୃତିକ ଗୌରବକୁ ଏକ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ କହିଛନ୍ତି।

ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦଙ୍କୁ ସମ୍ମାନିତ କରୁଛନ୍ତି।

ସମ୍ମାନିତ ଅତିଥିଭାବେ ଯୋଗଦେଇ ପୂର୍ତ୍ତ, ଆଇନ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ବିଏମ୍‌ସି ମେୟର ସୁଲୋଚନା ଦାସ ଯୋଗଦେଇଥିଲେ। ମାତୃଭୂମି ଓ ମାତୃଭାଷା ପ୍ରତି ମମତା ରଖିବାକୁ ସେମାନେ ଆହ୍ୱାନ ଦେବା ସହ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ପରମ୍ପରା ଏବଂ ବିକାଶର ଧାରା ତଥା ଓଡ଼ିଆ ଅସ୍ମିତାକୁ ଅଧିକ କ୍ରିୟାଶୀଳ ତଥା ରଦ୍ଧିମନ୍ତ କରିବାରେ ଓଡ଼ିଆ ପକ୍ଷ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଭିଡିଓ ସଙ୍ଗୀତ 'ଉଠ କଙ୍କାଳ', ଓଡ଼ିଆ ପକ୍ଷ ସମ୍ପର୍କିତ ସଙ୍ଗୀତ, ସ୍ମରଣିକା ଏବଂ ଓଡ଼ିଆ ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପ୍ରକାଶିତ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଆୟୁଷ ନିର୍ଦ୍ଦେଶକଙ୍କ ବଦଳି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲା ଛାତ୍ର ସଙ୍ଗଠନ

ଭୁବନେଶ୍ୱର, ୧୪।୪ (ବନ୍ଦନା ସେଠୀ)

ଆୟୁଷ ନିର୍ଦ୍ଦେଶାଳୟର ସ୍ଥାଣୁତା, ଦୁର୍ନୀତି ଓ ଛାତ୍ରବିରୋଧୀ ନୀତିକୁ ନେଇ ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ ଅଭିଯୋଗ କରିଛି। ଏଥିପାଇଁ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କ ସହ ଦୁଇ ଅଧିକାରୀଙ୍କୁ ଦାୟୀକରି ସେମାନଙ୍କ ବଦଳି ଦାବିକରି ଆସୁଛି। ବିଗତ ଦିନରେ ସଂଗଠନ ପକ୍ଷରୁ କଲେଜ ବନ୍ଦ ଆନ୍ଦୋଳନ କରାଯାଇଥିଲା। ପରେ ରାଜ୍ୟ ସରକାର ଜଣେ ଅଧିକାରୀଙ୍କୁ ତାଙ୍କ ମୂଳ ନିଯୁକ୍ତି ସ୍ଥାନକୁ ବଦଳି କରିଥିବାବେଳେ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଥିବା ସେକ୍ସନ ଅଫିସରଙ୍କୁ ତାଙ୍କ ଦାୟିତ୍ୱରୁ ହଟାଯାଇ ଅନ୍ୟ ଦାୟିତ୍ୱ ଦିଆଯାଇଛି। ହେଲେ ଆୟୁଷ ନିର୍ଦ୍ଦେଶକଙ୍କୁ ବଦଳି ପରିବର୍ତ୍ତେ ବିଶ୍ୱ ହୋମିଓପାଥି ଦିବସରେ ତାଙ୍କୁ ପଦୋନ୍ନତି ଦିଆଯାଇ ଆୟୁଷ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ଏହାକୁ ସଙ୍ଗଠନ ତୀବ୍ର ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅଭିଯୋଗ ଜଣାଇଛି। ଏପରିକି ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ଉପେକ୍ଷିତ ଆୟୁଷ ହାଉସ୍ ସର୍ଜନଙ୍କ ପାଇଁ ଯଥାଶୀଘ୍ର ଡାଇନାମିକ ଷ୍ଟାଇପେଣ୍ଡ୍ ବ୍ୟବସ୍ଥା ଲାଗୁ କରିବାକୁ କୁହାଯାଉଥିଲେ ହେଁ ଏଯାଏ ତାହା କାର୍ଯ୍ୟକାରୀ କରାଯାଇନାହିଁ। ତେଣୁ ଏହି ସମସ୍ତ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବା ପାଇଁ ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ନିବେଦନ କରାଯାଇଛି।

ଓଡ଼ିଶାରେ ପ୍ରଚଳନ ହେଲା ନୂତନ ପଞ୍ଜିକା

ବିଷୁବ ସଂକ୍ରାନ୍ତିରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି

ପୁରୀ, ୧୪।୪ (ଅଜିତ୍ କୁମାର ମହାନ୍ତି)

ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ସୋମବାର ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହେବା ସହ ସାରା ଓଡ଼ିଶାରେ ନୂତନ ଓଡ଼ିଆ ପଞ୍ଜିକା ପ୍ରଚଳନ ହୋଇଛି। ଏହି ଅବସରରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପୁରୀ ସହରର ବିଭିନ୍ନ ମହାବୀର ମନ୍ଦିରକୁ ବିଜେ କରାଯିବା ସହ ଶ୍ରୀମନ୍ଦିରରୁ ମହାବୀରଙ୍କ ଚଳନ୍ତି ପ୍ରତିମା ଜଗନ୍ନାଥବଲ୍ଲଭକୁ ବିଜେ ପରେ ସ୍ୱତନ୍ତ୍ର ନୀତିକାନ୍ତି ସମ୍ପନ୍ନ କରାଯାଇଛି।

ଶ୍ରୀବିଗ୍ରହମାନଙ୍କ ସକାଳଧୂପ ସମ୍ପନ୍ନ ହେବା ପରେ ମହାଜନ ସେବକମାନେ ଭଣ୍ଡାର ମହାବୀରଙ୍କ ଚଳନ୍ତି ପ୍ରତିମାଙ୍କୁ ଭିତରକୁ ବିଜେ କରାଇଥିଲେ। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ମହାବୀର ପାଲିଙ୍କିକୁ ବିଜେ ହୋଇଥିଲେ। ପରେ ଶ୍ରୀମନ୍ଦିର ପରିସରସ୍ଥ ମହାବୀର ଏବଂ ଶ୍ରୀମନ୍ଦିର ସହ ଜଡ଼ିତ ଥିବା ମହାବୀରଙ୍କୁ ଲାଗି ହେବା ପାଇଁ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣିଥିଲେ। ଘଣ୍ଟ, ଛଟା, କାହାଳି ସହ ଶ୍ରୀମନ୍ଦିର ଭିତରବେଢାରେ ଥିବା ମହାବୀର, ଉପବନସ୍ଥିତ ମହାବୀର, ଉତ୍ତରଦ୍ୱାର ମହାବୀର, ଦକ୍ଷିଣଦ୍ୱାର ମହାବୀର, ବାରବାହୀ ହନୁମାନ, ସିଂହଦ୍ୱାର ମହାବୀରଙ୍କୁ ଆଜ୍ଞାମାଳ ପ୍ରଦାନ ସହ ପନ୍ତିଭୋଗ ଭୋଗ ଲାଗି କରାଯାଇଥିଲା। ପରେ ଆଜ୍ଞାମାଳ ଜଗନ୍ନାଥବଲ୍ଲଭ ମଠ ପରିସରସ୍ଥ ବଡ଼ ମହାବୀର ନାମରେ ପ୍ରସିଦ୍ଧ ସୁଗ୍ରୀବ ମହାରାଜଙ୍କ ନିକଟରେ ପହଞ୍ଚିଥିଲା। ଶ୍ରୀମନ୍ଦିର ପୂଜାପଣ୍ଡା ସୁଗ୍ରୀବ ମହାରାଜାଙ୍କୁ କାନ୍ତି ଓ ଶିରୁପା ସମର୍ପଣ କରିବା ପରେ ଆଜ୍ଞାମାଳ ଲାଗି କରିଥିଲେ। ମଠ ପରିସରରେ ଥିବା ଗୁମ୍ଫା ମହାବୀର (ଜାମ୍ବବାନ)ଙ୍କ ପାଖକୁ ଆଜ୍ଞାମାଳ ଯାଇଥିଲା। ସେଠାରେ ନୀତି ସରିବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳର କିଛି ଅଂଶ ଗୁମ୍ଫା ମହାବୀରଙ୍କୁ ଲାଗି କରାଯାଇଥିଲା। ପରେ ଆଜ୍ଞାମାଳ ମଠ ପରିସରସ୍ଥ ଗୁଆବାରୀ ମହାବୀର ରୂପେ ପ୍ରସିଦ୍ଧି ଲାଭ କରିଥିବା ଶ୍ରୀହନୁମାନଙ୍କ ପାଖକୁ ଯାଇଥିଲା। ଏଠାରେ ପୂଜାନୀତି ସରିବା ପରେ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳର କିଛି ଅଂଶ ଶ୍ରୀହନୁମାନଙ୍କୁ ଲାଗି କରିଥିଲେ। ପରେ ଆଜ୍ଞାମାଳ ପୋଖରୀଆସ୍ଥିତ ମହାବୀରଙ୍କ ପାଖକୁ ନିଆଯାଇଥିଲା। ଏଠାରେ ନୀତି ପରେ ଆଜ୍ଞାମାଳର କିଛି ଅଂଶ ଲାଗିକରାଯାଇଥିଲା। ଅବଶିଷ୍ଟ ଆଜ୍ଞାମାଳ ସହ ପୂଜାପଣ୍ଡା ସାମନ୍ତ ଏବଂ ଅନ୍ୟ ସେବାୟତମାନେ ଚକ୍ରତୀର୍ଥ ଅଞ୍ଚଳର ବେଢ଼ି ହନୁମାନଙ୍କୁ ଲାଗି କରାଯିବା ସହ ଭୋଗ କରାଯାଇଥିଲା। ଅପରପକ୍ଷରେ ଶ୍ରୀମନ୍ଦିର ଭଣ୍ଡାର ମହାବୀର ପାଲିଙ୍କିରେ ଆସି ଶ୍ରୀଜଗନ୍ନାଥବଲ୍ଲଭରେ ବିଜେ କରିଥିଲେ। ମହାପ୍ରଭୁଙ୍କ ଆଜ୍ଞାମାଳ ପଟୁଆର ମଠକୁ ଫେରିବା ବେଳକୁ ଭଣ୍ଡାର ମହାବୀର ଅପେକ୍ଷା କରିଥିଲେ। ପୂଜାପଣ୍ଡା ସେବକ ମହାବୀରଙ୍କ ଚଳନ୍ତି ପ୍ରତିମାଙ୍କୁ ପ୍ରସାଦ ଲାଗି ସହ ଭୋଗ ଓ ବନ୍ଦାପନା କରିବା ପରେ ଭଣ୍ଡାର ମହାବୀର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ବିଭିନ୍ନ ମହାବୀର ମନ୍ଦିରକୁ ନିଆଯାଉଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

@ ଚନ୍ଦ୍ରମଣି

@ ମିଲନ

@ ସ୍ନିଗ୍ଧା

@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

NTPC ଏନ୍‌ଟିପିସି ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)

ସଡ଼କ ପ୍ରକଳ୍ପ, ଖଣି ବ୍ୟାକ୍‌ଫିଲିଂ, ଖଣି ଓବି ମିକ୍ସ, ଉପକୂଳ ସୁରକ୍ଷା ଜାଞ୍ଚା, ବନ୍ଧ ନିର୍ମାଣ ଇତ୍ୟାଦି ଯୋଗ୍ୟ ପ୍ରକଳ୍ପଗୁଡ଼ିକ ପାଇଁ ଏନ୍‌ଟିପିସି ଦର୍ଲିପାଲିରୁ ପଣ୍ଟ୍ ଆଶ୍ ଜାରି କରିବା ନିମନ୍ତେ
ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ

ଲଓଆଇ ନଂ. ଏଏମ୍-ଦର୍ଲିପାଲି/ପଣ୍ଟ୍ ଆଶ୍/୨୦୨୫/୦୧ ତାରିଖ: ୧୫।୦୪।୨୦୨୫
ଏନ୍‌ଟିପିସି ଲିମିଟେଡ୍‌ର ଦର୍ଲିପାଲି ସୁପର୍ ଥର୍ମାଲ୍ ପାୱାର୍ ପ୍ରୋଜେକ୍ଟ, ଯାହା ସୁନ୍ଦରଗଡ଼/ଝାରସୁଗୁଡ଼ାଠାରୁ ପାଖାପାଖି ୩୨ କିଲୋମିଟର ଦୂରରେ ଅବସ୍ଥିତ, ଉପରୋକ୍ତ ଯୋଗ୍ୟ ପ୍ରକଳ୍ପଗୁଡ଼ିକୁ ଏବଂ ପ୍ରଚଳିତ ଏମ୍‌

ଶ୍ରୀକ୍ଷେତ୍ରାଧିପତି ପଞ୍ଜିକା ଉନ୍ମୋଚିତ

ପୁରୀ,(ଅଜିତ୍ କୁମାର ମହାନ୍ତି)- ଓଡ଼ିଆ ନବବର୍ଷ ଅବସରରେ ସୋମବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପୁରୀର ଶ୍ରୀକ୍ଷେତ୍ରାଧିପତି ଆଧ୍ୟାତ୍ମିକ ଜ୍ୟୋତିର୍ବିଦ୍ୟା ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପ୍ରକାଶିତ ଶ୍ରୀକ୍ଷେତ୍ରାଧିପତି ପଞ୍ଜିକା ୨୦୨୫-୨୬ର ଉନ୍ମୋଚନ ହୋଇଯାଇଛି। ରାଧାବଲ୍ଲଭ ମଠର ମଠାଧୀଶ ରାମକୃଷ୍ଣ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପଞ୍ଜିକାକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବିନୋଦ ପଣ୍ଡା, ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ, ଜ୍ୟୋତିର୍ବିଦ ହରିଶଙ୍କର ମିଶ୍ର, ଜ୍ୟୋତିର୍ବିଦ ରବିନାରାୟଣ ଖଡ଼ିରତ୍ନ ଓ ସମାଜସେବୀ ମନୋଜ ରଥ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଡ. ବଳରାମ ଦାଶ, ସମ୍ପାଦକ ଜ୍ୟୋତିର୍ବିଦ ପଣ୍ଡିତ ଦୟାନିଧି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

୧୪।୪।୨୦୨୫

୬,୫୫,୮୯୩ ଟଙ୍କା	
ସୁନା	୧.୨୫୦ ଗ୍ରାମ୍
ରୁପା	୫୯ ଗ୍ରାମ୍

ସଂକ୍ଷେପରେ

ବିଭିନ୍ନ ସ୍ଥାନରେ ଝାମୁଯାତ୍ରା

ଚାରିଛକ,୧୪।୪(ଶିଶିର ସ୍ୱାଇଁ)

ନିମାପଡ଼ା ବ୍ଲକ ଭୋଦର ପଞ୍ଚାୟତ ବିଶୀମାତ୍ରୀସ୍ଥିତ ଭଦ୍ରେଶ୍ୱର ମହାଦେବଙ୍କ ନିକଟରେ ଥିବା ମା' ହରଚଣ୍ଡୀଙ୍କ ପୀଠରେ ଝାମୁଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଠାକୁରାଣୀଙ୍କ ପୀଠରୁ ଆଙ୍କାମାଳ ସହିତ କାଳିଶି, ବ୍ରାହ୍ମଣ ଓ ଭକ୍ତଙ୍କ ସହ ପାଣି ତୋଳିବାକୁ ମଲଉ ସାହି ପୋଖରୀ ନିକଟକୁ ଯାଇଥିଲେ। ସେଠାରେ ଘଟ ସ୍ଥାପନା, ପାଣିତୋଳା କାର୍ଯ୍ୟ ସାରି ପୁନର୍ବାର ପଟୁଆରରେ ମନ୍ଦିରକୁ ଫେରିଥିଲେ। ବାଟରେ ବିଭିନ୍ନ ସ୍ଥାନରେ ମା'ଙ୍କୁ ଆସନରେ ବସାଇ ପଣା ପଇଡ଼ ଦିଆଯାଇଥିଲା। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମାନସିକଧାରୀ ବିଭିନ୍ନ ସମସ୍ୟା ନେଇ ଗୁହାରିଆ ପଡ଼ିଥିଲେ। ମା' ତାଙ୍କୁ ଉଠାଇ ପାଦୁକ ପାଣି ଦେଇଥିଲେ। ମନ୍ଦିର ସମ୍ମୁଖରେ ୨ ଫୁଟ ଗଭୀର ଓ ୧୦ ଫୁଟ ଲମ୍ବର ଏକ ଗର୍ତ୍ତକୁ ରଡ଼ନିଆଁରେ ପୂର୍ଣ୍ଣ କରାଯାଇଥିଲା। କାଳିଶି ଓ ପାଟୁଆମାନେ ଉକ୍ତ ନିଆଁରେ ଚାଲିଥିଲେ। କାହିଁ କେତେ କାଳରୁ ମା'ଙ୍କ ଆବିର୍ଭାବ ଦିବସକୁ ଝାମୁଯାତ୍ରା ଭାବେ ପାଳନ କରାଯାଉଛି ବୋଲି ମା'ଙ୍କ ପୂଜକ ଅର୍ଜୁନ ପଣ୍ଡା, ଅଜୟ ପାଣି, ପ୍ରଦୀପ ଦାସ, ପ୍ରଦୀପ ପଣ୍ଡା, ଲୋଚନ ପଣ୍ଡା ପ୍ରମୁଖ କହିଛନ୍ତି। ସେହିପରି ଚନ୍ଦ୍ରମଉଳିସ୍ଥିତ ଚନ୍ଦ୍ରଶେଖର ମହାଦେବଙ୍କ ପୀଠରେ କାଳିଶି ଝରି ବେହେରା ଓ ପାଟୁଆମାନେ ନିଆଁରେ ଚାଲିଥିଲେ। ନୂଆଗାଁଠାରେ ମା' ତାରିଣୀ ପୀଠରେ ବିଷୁବ ସଂକ୍ରାନ୍ତି ଉପଲକ୍ଷେ କାଳିଶି ଓ ପାଟୁଆମାନେ ନିଆଁରେ ଚାଲିଥିଲେ।

ତାରିଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଯୋଗେଶ୍ୱରପୁର,୧୪।୪(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁର ମା' ତାରିଣୀଙ୍କ ପୀଠରେ ୨୭ତମ ବିଶ୍ୱଶାନ୍ତି ମହାଯଜ୍ଞ ଗତ ୧୦ରୁ ଆରମ୍ଭହୋଇ ସୋମବାର ଶେଷହୋଇଛି। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସୋମବାର କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କ ସହ ପୂର୍ବତନ ଜିଲା ପରିଷଦ ସଭ୍ୟ ଜ୍ୟୋତିରଞ୍ଜନ ନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିରଞ୍ଜନ ଦଳାଇ, ଯୁବନେତା ଅଭିମନ୍ୟୁ ସିଂହ, ସଭାପତି ଦିଲୀପ ରାୟ, ନାଏବ ସରପଞ୍ଚ ଅଶୋକ ସାହୁ, ସହଦେବ ମାଣିକ ପ୍ରମୁଖ ମା'ଙ୍କ ଦର୍ଶନ କରି ପ୍ରସାଦ ସେବନ କରିଥିଲେ। ପରିଚାଳନା କମିଟିର ବରିଷ୍ଠ ସଭ୍ୟ କାଳନ୍ଦୀ ମଲିକଙ୍କ ତତ୍ତ୍ୱାବଧାନରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ନୟାହାଟସ୍ଥିତ ମଧୁବନ ହନୁମାନ ମନ୍ଦିରରେ ପଣାସଂକ୍ରାନ୍ତି ପାଳନ କରାଯାଇଥିଲା।

ସାହିଯାତରେ ରାବଣ ବଧ

ପୁରୀ,୧୪।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରୀତିନୀତି ଓ ପରମ୍ପରା ଅନୁଯାୟୀ, ରାମନବମୀଠାରୁ ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ ହୋଇଥିବାବେଳେ ବୈଶାଖ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥିରେ ସୋମବାର ରାବଣବଧ ନୀତି ସମ୍ପନ୍ନ ହୋଇଛି। ଆସନ୍ତା ୨୨ ତାରିଖରେ ରାମାଭିଷେକ ନୀତି ଅନୁଷ୍ଠିତ ହେବା ସହ ଚଳିତ ବର୍ଷର ସାହିଯାତ ଶେଷ ହେବ।

ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ବଢିବା ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ, ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ।

ରାବଣ ବଧ ନୀତି ପାଇଁ ଯାଉଛନ୍ତି ।

ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ବିଜେ କରାଇଥିଲେ। ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ସେଠାରେ ଠାକୁରଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇଥିଲା। ଅପରପକ୍ଷେ ବାଲିସାହି ଆଖଡ଼ା ପକ୍ଷରୁ ରାବଣ ବଧ ନୀତି ପ୍ରସ୍ତାବ ଆଗତ ହୋଇଥିଲା। ବାଲିସାହି ଆଖଡ଼ା ପକ୍ଷରୁ ରାବଣ ଏବଂ ତିନିଜଣ ବାଳକ ରାମ, ଲକ୍ଷ୍ମଣ ଓ ହନୁମାନ ବେଶରେ ଜଗନ୍ନାଥବଲ୍ଲଭ ପରିସରରେ ନୀତି ସମ୍ପାଦନ କରିଥିଲେ। ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯାଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରାଯାଇଥିଲା। ସେହିପରି ବାଲିସାହି ଆଖଡ଼ା ପକ୍ଷରୁ ଯାତ ବାହାରିଥିଲା। ଆଖଡ଼ା ଅନ୍ତର୍ଗତ ଥିବା ସମସ୍ତ ଜାଗା ପକ୍ଷରୁ ନାଗା, ମେଢ, ନବଶିରା, କାଳୀମେଢ, ସପ୍ତଶିରା, ଫୁଲମେଢ, ଦୁର୍ଗାମେଢ, ହନୁମାନ ମେଢ଼ ସହ ବିଭିନ୍ନ ସମରକଳା ପ୍ରଦର୍ଶନ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ସହରବାସୀ ସାହିଯାତକୁ ଉପଭୋଗ କରିଥିଲେ।

ପୁରୀ ସିଂହଦ୍ୱାର ସମ୍ମୁଖରେ ଶ୍ରୀକ୍ଷେତ୍ରର ପାରମ୍ପରିକ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ଭକ୍ତଙ୍କଠୁ ଚୋରି କରି ମହିଳା ଗିରଫ

ପୁରୀ,୧୪।୪(ଅଜିତ୍ କୁମାର ମହାନ୍ତି)

ଭକ୍ତଙ୍କଠାରୁ ମନିପର୍ସ ଚୋରି କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ମହିଳାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲାର ଜ୍ୟୋତି ବାରିକ୍ (୩୩)। ପୋଲିସ ତାଙ୍କ ନିକଟରୁ ନଗଦ ୭,୫୦୦, ଆଧାର କାର୍ଡ, ଏଟିଏମ୍ କାର୍ଡ ଆଦି ଜବତ କରିଛି। ପୋଲିସ ୪୭/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେଲେଙ୍ଗାନାର ପି. ହରିକା ଶ୍ରୀମନ୍ଦିର ବାହାର କାଠ ନିକଟରେ ପରିବାର ସହ ମହାପ୍ରଭୁଙ୍କ ଦର୍ଶନ କରୁଥିବା ବେଳେ ଜ୍ୟୋତି ତାଙ୍କ ପର୍ସ ଚୋରି କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତାଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

ଆରମ୍ଭ ହେଲା କୁସ୍ତି ଅଭ୍ୟାସ, ବୁଲିଲା ନିଝାମ

ହନୁମାନ ଜୟନ୍ତୀରେ ପୁରୀ ବାରବାଟୀ ଯାଗା ପରିସରରେ କୁସ୍ତିଯୋଦ୍ଧାମାନେ ଅଭ୍ୟାସ କରୁଛନ୍ତି ।

ପୁରୀ,୧୪।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ରରେ ନିଆରା ପରମ୍ପରା

ପବିତ୍ର ହନୁମାନ ଜୟନ୍ତୀ ତଥା ମହାବିଷୁବ ସଂକ୍ରାନ୍ତିଅବସରରେ ଶ୍ରୀକ୍ଷେତ୍ରରେ ଉତ୍କଳୀୟ କଳା, ସଂସ୍କୃତି ଓ ସମରକଳାର ନିଦର୍ଶନ ଦେଖିବାକୁ ମିଳେ। ବିଷୁବ ସଂକ୍ରାନ୍ତିକୁ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଇଥାଏ। ମହାବୀର ଜୟନ୍ତୀ ଅବସରରେ ସୋମବାର ଶ୍ରୀକ୍ଷେତ୍ରର ଜାଗା ଆଖଡାରେ ଦେଖିବାକୁ ମିଳିଛି ନିଆରା ପରମ୍ପରା। ସାହିର ଯୁବକ ଓ ପିଲାମାନେ ନୂଆଲୁଗା ପିନ୍ଧି କୁସ୍ତି ଅଭ୍ୟାସ ଆରମ୍ଭ କରିଛନ୍ତି। ସକାଳୁ ଜାଗାରେ ପହଞ୍ଚି ମହାବୀରଙ୍କଠାରୁ ଆଶୀର୍ବାଦ ନେଇ କାଛିଆ ପିନ୍ଧି ବାଲିରେ କୁସ୍ତି ଆରମ୍ଭ କରିଥିଲେ। ସେହିପରି ପୁରୀ ଆଠସାହି ଯାଗା ଆଖଡ଼ାରୁ ନିଶାଣ ଶୋଭାଯାତ୍ରା ବାହାରିଥିଲା। ସାହିର ଯୁବକମାନେ ଶୋଭାଯାତ୍ରାରେ ବିଭିନ୍ନ ରଣକୌଶଳ ପ୍ରଦର୍ଶନ କରିବା ସହ ବାଦ୍ୟର ତାଳେ ତାଳେ ନିଝାମ ବୁଲାଇଥିଲେ। ଜାଗାଘର ସରଞ୍ଜାମଗୁଡ଼ିକୁ ମହାବୀରଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଏଭଳି ପରମ୍ପରା ବହୁ ପୁରାତନ କାଳରୁ ରହିଆସିଛି।

ଶ୍ରୀମନ୍ଦିରକୁ ବିଦେଶୀ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ସେବାୟତ ଭେଣ୍ଡିଆମାନେ ଆଗେଇ ଆସିଥିଲେ। ଜାଗାଆଖଡ଼ା କରି ସେଠାରେ ମଲ୍ଲଯୋଦ୍ଧା ଶିକ୍ଷା କରୁଥିଲେ। ମହାବୀର ଜୟନ୍ତୀରୁ ଆରମ୍ଭ ହେଉଥିଲା ସେମାନଙ୍କ କୁସ୍ତି ଅଭ୍ୟାସ। ଖାଲି ଯୁବକ ନୁହନ୍ତି, ଖଡ଼ିଛୁଆଁ ଭଳି ସେବାୟତ ଓ ସାହିର ପିଲାମାନେ ମଧ୍ୟ ହନୁମାନ ଜୟନ୍ତୀରୁ କୁସ୍ତି ଶିକ୍ଷା ଆରମ୍ଭ କରିଥାନ୍ତି। ହନୁମାନଙ୍କ ନିକଟରେ ନୂଆ କାଛିଆ ପୂଜା କରିବା ପରେ ତାହାକୁ ପିନ୍ଧି ପ୍ରଭୁଙ୍କଠାରୁ ଆଶୀର୍ବାଦ ନେଇ କୁସ୍ତିରେ ଯୋଗଦିଅନ୍ତି। କୁସ୍ତି ପରେ ପଣାର ଆସର ଜମେ। ଅନ୍ୟପକ୍ଷରେ ଓଡ଼ିଆ ନବବର୍ଷ ସାଙ୍ଗକୁ ହନୁମାନ ଜୟନ୍ତୀ ଥିବାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଘରେ ଘରେ ମା ବୃନ୍ଦାବତୀଙ୍କ ନିକଟରେ ପଣା ଓ ଛତୁଆ ଭୋଗ କରାଯାଇଥିଲା।

ଖାଇଫୋଡ଼ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

ସାକ୍ଷୀଗୋପାଳ,୧୪।୪(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସାକ୍ଷୀଗୋପାଳ ନିକଟବର୍ତ୍ତୀ ଭୀମପୁର ଓ ଦାଶବିଦ୍ୟାଧରପୁର ଗ୍ରାମରେ ପ୍ରସିଦ୍ଧ ଖାଇଫୋଡ଼ ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ମାନସିକ ପୂରଣ ପାଇଁ ଜଣେ ଜଣେ ପାଟୁଆ ୬ରୁ ୧୦ ଇଞ୍ଚ ଲମ୍ବା, ୨ରୁ ୪ଟି ଲେଖାଏଁ ଲୁହାବାଙ୍କି କଣ୍ଟା ପିଠିରେ ଫୋଡ଼ି ୨୨ ହାତ ଉଚ୍ଚ ଖାଇଦଣ୍ଡରୁ ତଳକୁ ଝୁଲିବା ଏବଂ ଠାକୁରଙ୍କ ଜୟ ଜୟକାର ଧ୍ୱନି, ହରିବୋଲ, ହୁଳହୁଳି ଦେଇ ଘେରାକୁ ଘେରା ଚକ୍ରକାଟି ଖାଇ ଚାରିପଟ ବୁଲିବା ଏକ ନିଆରା ଓ କଷ୍ଟକର ସାଧନା ଦେଖିବାକୁ ମିଳିଥିଲା। ଖାଇଫୋଡ଼ ଯାତ୍ରା ଦେଖିବାକୁ ଭୀମପୁର ଗ୍ରାମର ମା' ଗଡ଼ଚଣ୍ଡୀ ଏବଂ ଦାଶବିଦ୍ୟାଧରପୁର ଗ୍ରାମର ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା।

ମନ୍ଦିରରେ ମଧ୍ୟାହ୍ନଧୂପ ସରିବା ପରେ ମା' ଗଡ଼ଚଣ୍ଡୀଙ୍କୁ ଚାହିଆ ଲାଗି କରାଯାଇଥିଲା। ଘଣ୍ଟ, କାହାଳୀ, ଢୋଲ, ମହୁରି ବଜାଇ ବସନ୍ତେଇ, ଜାଗୁଳାଇ, ମଙ୍ଗଳା, ବାଟମଙ୍ଗଳା ଓ ମା' ଗଡ଼ଚଣ୍ଡୀ ଏପରି ପାଞ୍ଚଜଣ କାଳିଶି ନିକଟବର୍ତ୍ତୀ ଲଳିତା ପୋଖରୀକୁ ବିଜେ କରିଥିଲେ। ପୋଖରୀ ଚତୁଃପାର୍ଶ୍ୱରେ ସମବେତ ଭକ୍ତଙ୍କ ଗହଣରେ ଜଣଙ୍କ ପରେ ଜଣେ ପାଟୁଆଙ୍କ ପିଠିରେ କାଳିଶିମାନେ କଣ୍ଟା ଫୁଟାଇଥିଲେ ମଧ୍ୟ କ୍ଷତସ୍ଥାନରୁ ରକ୍ତସ୍ରାବ ହୋଇ ନ ଥିଲା। କଣ୍ଟାର ଗୋଟିଏ ମୁଣ୍ଡରେ ଲଗାଯାଇଥିବା ରଶିରେ ପାଟୁଆମାନେ ବନ୍ଧାହୋଇ ଖାଇଦଣ୍ଡରୁ ତଳକୁ ଝୁଲିଥିଲେ। ଖାଇରେ ବୁଲିବା ସମୟରେ ପାଟୁଆମାନେ ଫୁଲ, ଖଜୁରି କୋଳି, ଆମ୍ବ ଆଦି ଠାକୁରଙ୍କ ଉଦ୍ଦେଶ୍ୟରେ ପକାଇଥିଲେ ଏବଂ ମାନସିକ ରଖିଥିବା ଛୋଟ ଛୋଟ ଶିଶୁଙ୍କୁ ଖାଇରେ ଧରି ପାଟୁଆମାନେ ବୁଲୁଥିବା ଦେଖାଯାଇଥିଲା। ସେହିପରି ଦାଶବିଦ୍ୟାଧରପୁର ଗ୍ରାମର ମା' ବିନ୍ଧ୍ୟବାସିନୀ, ଦୁଲଣା, ମଙ୍ଗଳା, ଛୋଟା

୨୨ ହାତ ଖାଇଦଣ୍ଡରୁ ଝୁଲିଲେ ପାଟୁଆ

ଗୋସେଇଁଙ୍କ କାଳିଶି ଉଭା ହୋଇଥିଲେ। ବଡ଼ପୋଖରୀ ମଧ୍ୟରେ ପାଟୁଆମାନେ କଣ୍ଟା ଫୋଡ଼ାଇ ଜଣକ ପରେ ଜଣେ ଖାଇରେ ବୁଲିଥିଲେ। ଅସାଧ୍ୟ ରୋଗ ପୀଡ଼ାରୁ ଉପଶମ, ନାନା ମାନସିକ ଓ ନିଃସନ୍ତାନମାନେ ସନ୍ତାନ ଆଶାରେ ଏଭଳି କଷ୍ଟକର ତପ ସାଧନା କରନ୍ତି। ପ୍ରାୟ ହଜାରେ ବର୍ଷ ହେବ ଭୀମପୁର ଗ୍ରାମ ସ୍ଥାପନ ସମୟରୁ ଏହି ଯାତ୍ରା ପ୍ରତିବର୍ଷ ମହାବିଷୁବ ସଂକ୍ରାନ୍ତରେ ଅନୁଷ୍ଠିତ ହୋଇଆସୁଛି ବୋଲି ଗ୍ରାମର ପୁରୁଖା ଲୋକେ କହନ୍ତି। ଏହି ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଦୁଇ ଗ୍ରାମର ଖାଇଫୋଡ଼ କମିଟିର ସ୍ୱେଚ୍ଛାସେବୀଙ୍କ ସହ ଡେଲାଙ୍ଗ-ପିପିଲି ମାନବିକ ଅଧିକାର ସୁରକ୍ଷା ସଂଘ ପକ୍ଷରୁ ଯାତ୍ରାପଡ଼ିଆରେ ଦହିପଣା ବଣ୍ଟନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ସତ୍ୟବାଦୀ ଥାନା ପୋଲିସ ଉପସ୍ଥିତ ଥିଲା।

ଖାଇଫୋଡ଼ ଯାତ୍ରା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି ।

ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ରାଜରାସ୍ତା

ଶୋଭାଯାତ୍ରାରେ ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ଓ ସମର୍ଥକମାନେ ।

ଗୋପ/ନିମାପଡ଼ା,୧୪।୪(ଭାରତୀ ଭୂଷଣ ଉପାଧ୍ୟାୟ/ରଞ୍ଜନ ପଟ୍ଟନାୟକ)

ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ହଜାର ହଜାର ସମର୍ଥକଙ୍କ ଗହଣରେ ପୂର୍ବତନ ମନ୍ତ୍ରୀ ତଥା ଭାଜପାର ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶଙ୍କ ଶକ୍ତି ପ୍ରଦର୍ଶନକୁ ନେଇ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା ଜୋର୍ ଧରିଛି। ଏପରିକି ଦୀର୍ଘ ୧୨ କି.ମି. ରାଜରାସ୍ତା ଜୟ ଶ୍ରୀରାମ ଧ୍ୱନି ସହ ସମୀର ରଞ୍ଜନ ଦାଶ ଜିନ୍ଦାବାଦ୍‌ରେ ପ୍ରକମ୍ପିତ ହୋଇଥିଲା।

ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଅସ୍ମିତା ନେଇ ଗୋପ ଯୁବନେତୃତ୍ୱ ମନଦୀପ ପାଇକରାୟ, ଦେବାଶିଷ ସାହୁ, ରମଣ ପଟ୍ଟନାୟକ ଓ କମଳାକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ତଥା ଭାଜପାର ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ଅଂଶଗ୍ରହଣ କରିଥିଲେ। ସାଧାରଣ ଲୋକଙ୍କ ସହ ଦୀର୍ଘ ୪୦ ବର୍ଷ ଧରି ରହିଥିବା ସମୀରଙ୍କୁ ହଜାର ହଜାର ଯୁବକ ନିମାପଡ଼ା ବସ୍‌ଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ଆଣିଥିଲେ। ଗୋପ ବଜାର ନିକଟସ୍ଥ ବସ୍‌ଷ୍ଟାଣ୍ଡ ନିକଟରେ ପଣାସଂକ୍ରାନ୍ତି ଅବସରରେ ଟିଆରି କରାଯାଇଥିବା ପଣାକୁ ପୂର୍ବତନ ମନ୍ତ୍ରୀ ଉଦ୍‌ଘାଟନ କରିବା ପରେ ସମୀର ଦାଶଙ୍କ ସହ ଯୋଗଦେଇଥିବା ଜୀବନାନନ୍ଦ ମହାପାତ୍ର, ଅଶୋକ କୁମାର ସାହୁ, ପ୍ରଦୀପ୍ତ କୁମାର ଖଟୋଇ, ସନ୍ତୋଷ କୁମାର ଦାଶ, ଶଙ୍କର ଭୋଇ ପଣା ବଣ୍ଟନ କରିଥିଲେ। ପରେ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏପରି ଏକ କାର୍ଯ୍ୟକ୍ରମ କାହିଁକି କରାଗଲା ନା ଦଳକନ୍ଦଳ ଯୋଗୁ ଏହା କରାଯାଇଛି କି ବୋଲି ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ପଚାରିବାରେ ସେପରି କିଛି ନୁହେଁ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିକାଶ ଗାଁରେ ପହଞ୍ଚିଛି ବୋଲି କହିବା ସହ ଅନ୍ୟ ପ୍ରଶ୍ନକୁ ଏଡ଼ାଇ ଦେଇଥିଲେ। ସୂଚନାଯୋଗ୍ୟ, କିଛିମାସ ହେବ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଭାଜପାରେ ଦଳକନ୍ଦଳ ବଢ଼ିଥିବା ବେଳେ ଏହି ଶୋଭାଯାତ୍ରାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି ବୋଲି ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି।

ଚର୍ଚ୍ଚାରେ ସମୀରଙ୍କ ଶୋଭାଯାତ୍ରା

ସମ୍ବିଧାନ ପ୍ରଣୟନରେ ଆମ୍ବେଡକରଙ୍କ ଭୂମିକା ଅବିସ୍ମରଣୀୟ

ପୁରୀ,୧୪।୪(ଅଜିତ୍ କୁମାର ମହାନ୍ତି) ଜିଲା ସଂସ୍କୃତି ଭବନରେ ସୋମବାର ପୁରୀ ଜିଲା ପ୍ରଶାସନ ସୂଚନା ଓ ଲୋକସମ୍ପର୍କ, ସଂସ୍କୃତି ଓ ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ଏବଂ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ ସମ୍ବିଧାନ ପ୍ରସ୍ତୁତି ଓ ପ୍ରଣୟନରେ ଆମ୍ବେଡକରଙ୍କ ଭୂମିକା ଅବିସ୍ମରଣୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା ପରିଚାଳନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ଏବଂ ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କ

ମହାବିଷୁବ ସଂକ୍ରାନ୍ତିରେ ପଣା ବାଣ୍ଟିଲେ

ପୁରୁଣା ଭୁବନେଶ୍ୱର(ସୁବାସ ଚନ୍ଦ୍ର ପ୍ରଧାନ): ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ସୋମବାର ଭାମେଶ୍ୱର ମନ୍ଦିର ନିକଟରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପ୍ରଫୁଲ୍ଲ ସାମଲ, ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ମନ୍ମଥ ରାଉତରାୟ, କର୍ପୋରେଟର ଶିବ ନାରାୟଣ ରାୟ, ଚନ୍ଦ୍ରଶେଖର ମଲ୍ଲିଆ, ଶିବପ୍ରସାଦ ବେହେରା, ହୃଦୟ ବଲ୍ଲଭ ସାମନ୍ତରାୟ, ପ୍ରଭାସ ସୁନ୍ଦରାୟ, ଛବି ଦାସ, ଆସିଆ ବେଗମ, ଦାଶରଥି ଗରାବଡୁ ପ୍ରମୁଖ ଉପସ୍ଥିତ ଥିଲେ।

ସଂକ୍ଷେପରେ

ଉତ୍କଳ ସମ୍ମିଳନୀର ଓଡ଼ିଆ ନବବର୍ଷ ପାଳନ

ଭୁବନେଶ୍ୱର, ୧୪।୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ନବ ବର୍ଷ ଉପଲକ୍ଷେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରମାନଙ୍କୁ ମାଲ୍ୟାର୍ପଣ କରାଯାଇ ଓଡ଼ିଶାର ସମୃଦ୍ଧି ତଥା ପ୍ରତ୍ୟେକ ଓଡ଼ିଆବାସୀଙ୍କ ଉନ୍ନତି କାମନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ରାଜ୍ୟ ସଭାପତି ପ୍ରଫେସର୍ ଅଦ୍ୱୈତ କୁମାର ପାତ୍ର, ଭୁବନେଶ୍ୱର ଶାଖା ଉପସଭାପତି ନିରଞ୍ଜନ ପଣ୍ଡା, ଦେବରାଜ ନାୟକ, ଅଶ୍ୱିନୀ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

ୟୁନିଟ୍-୮ରେ ହନୁମାନ ଜୟନ୍ତୀ

ଭୁବନେଶ୍ୱର, ୧୪।୪ (ସୌମ୍ୟରଞ୍ଜନ ରାଉତ)

ସୀତାରାମ ସାଂସ୍କୃତିକ ପରିଷଦ ପକ୍ଷରୁ ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ

ସୋମବାର ୟୁନିଟ୍-୮ରେ ଅନୁଷ୍ଠିତ ହୋଇଛି। ସକାଳ ୬ଟା ୧୫ରୁ ମହସ୍ନାନ, ୭ଟାରେ ହୋମଯଜ୍ଞ, ୨ଟାରେ ପୂର୍ଣ୍ଣାହୁତି, ୯ଟାରୁ ୧୦ଟା ପଣା ବଣ୍ଟନ, ୧୧ଟାରେ ପ୍ରସାଦ ସେବନ, ଅପରାହ୍ନ ୫ଟାରୁ ସନ୍ଧ୍ୟା ୭ଟା ହନୁମାନ ଚାଳିଶା ଏବଂ ପରେ ଭଜନ କରାଯାଇଥିଲା। ପରିଷଦ ସଭାପତି ଭକ୍ତ ଚରଣ ରାଉତ, ସମ୍ପାଦକ ପ୍ରଫୁଲ୍ଲ ସେନାପତି, ସହ ସମ୍ପାଦକ କାଳୀପ୍ରସନ୍ନ ଦାଶଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ପୁରୀ ମେନ୍ କେନାଲରେ ବୁଡ଼ି ଜଣଙ୍କ ମୃତ୍ୟୁ

ତ୍ରିଶୂଳିଆ, ୧୪।୪(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଅଧୀନ ପାଟପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ପୁରୀ ମୁଖ୍ୟ କେନାଲରେ ଗାଧୋଉଥିବାବେଳେ ମୃତ୍ୟୁ ଘଟିଛି। ମୃତକ ହେଲେ ପାଟପୁର ଗ୍ରାମର ସନାତନ ନାୟକ(୬୦)। ସନାତନ ତାଙ୍କ ଶଳା ବଣ୍ଟି ସାମଲଙ୍କ ସହ ଏକାଠି ହୋଇ ପୁରୀ ମୁଖ୍ୟ କେନାଲରେ ଗାଧୋଉଥିଲେ। ଏହି ସମୟରେ ସନାତନ ଅଧିକ ପାଣିକୁ ଚାଲିଯାଇ ବୁଡ଼ି ଯାଇଥିଲେ। ତେବେ ଅନ୍ୟ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ବାରଙ୍ଗ ପୋଲିସ ତାଙ୍କୁ ବଡ଼ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ମମତା ଦାସଙ୍କ ୨ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୧୪।୪(ସୌମ୍ୟରଞ୍ଜନ ରାଉତ)

କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ ମମତା ଦାସଙ୍କ ପୁସ୍ତକ 'କଥା ଆମ ପାଖର' ଓ 'ଛବିଟିଏକୁ ଗୀତଟିଏ' ସୋମବାର ବୁଦ୍ଧମନ୍ଦିରଠାରେ ଲୋକାର୍ପଣ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଜପା ନେତା ଜଗନ୍ନାଥ ପ୍ରଧାନ, ସସ୍ମିତା ସାହୁ, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ମାନିତ ଅତିଥି ସବିତା ସାହୁ ପ୍ରମୁଖ ଯୋଗଦେଇଥିଲେ। କୋଠଘରର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପ୍ରହରାଜ ଜୟନାରାୟଣ ନନ୍ଦ ଧନ୍ୟବାଦ ଦେଇଥିଲେ।

ଶକ୍ତିଶାଳୀ, ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ

ରାଜଭବନରେ ଓଡ଼ିଆ ନବବର୍ଷ ଓ ହିମାଚଳ ପ୍ରଦେଶର ପ୍ରତିଷ୍ଠା ଦିବସ

ଉତ୍ସବରେ ହିମାଞ୍ଚଳ ପ୍ରଦେଶର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର, ୧୪।୪(ବନ୍ଦନା ସେଠୀ)

ରାଜଭବନରେ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ 'ଏକ ଭାରତ-ଶ୍ରେଷ୍ଠ ଭାରତ'ର ପ୍ରକୃତ ଭାବନାକୁ ପ୍ରତିଫଳିତ କରୁଛି। ଏକ ଶକ୍ତିଶାଳୀ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଓଡ଼ିଆ ନବବର୍ଷରେ ସମସ୍ତେ ପ୍ରତିବଦ୍ଧତା ଦୋହରାଇବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଆହ୍ୱାନ କରିଛନ୍ତି। ସୋମବାର ରାଜଭବନରେ ଓଡ଼ିଆ ନବବର୍ଷ ଏବଂ ହିମାଚଳ ପ୍ରଦେଶର ପ୍ରତିଷ୍ଠା ଦିବସ ତଥା ବିଭିନ୍ନ ପ୍ରଦେଶର ନବବର୍ଷ ପାଳିତ ହୋଇଯାଇଛି। ରାଜ୍ୟପାଳ ଓଡ଼ିଶା ଓ ହିମାଚଳ ପ୍ରଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଲେ, ପ୍ରଥମଥର ପାଇଁ ଓଡ଼ିଶାରେ ଓଡ଼ିଆ ନବବର୍ଷ ପାଳନ କରୁଥିବାରୁ ଏହି ଉତ୍ସବର ମୁହୂର୍ତ୍ତ ତାଙ୍କ ପାଇଁ ସ୍ୱତନ୍ତ୍ର। କିଛିଦିନ ପୂର୍ବରୁ ରାଜଭବନରେ ଉଗାଡ଼ି ଓ ଗୁଡ଼ି ପଡୱା ଉତ୍ସବ ମୁଖରିତ ପରିବେଶରେ ପାଳିତ ହୋଇଥିଲା, ଯାହା ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ନାଟକ ଏବଂ ମହାରାଷ୍ଟ୍ରର ସଂସ୍କୃତି ଓ ପରମ୍ପରାକୁ ଏକତ୍ରିତ କରିଥିଲା। ପୂର୍ବ ମାସଗୁଡ଼ିକରେ ମଧ୍ୟ ବିଭିନ୍ନ ରାଜ୍ୟର ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଏହା ପ୍ରତ୍ୟେକ ରାଜ୍ୟର ସ୍ୱତନ୍ତ୍ର ପରିଚୟ, ଗୌରବମୟ ଐତିହ୍ୟ ଏବଂ ଆଧୁନିକ ଭାରତ ଗଠନରେ ଅବଦାନକୁ ପ୍ରତିଫଳିତ କରୁଥିଲା। ମହାବିଷୁବ ସଂକ୍ରାନ୍ତିର ଆଲୋକ ଓଡ଼ିଶାକୁ ଏକ ଉଜ୍ଜ୍ୱଳ ଏବଂ ଅଧିକ ସମାବେଶୀ ଭବିଷ୍ୟତ ଆଡ଼କୁ ମାର୍ଗଦର୍ଶନ କରାଇବ। ସେହିପରି ପର୍ଯ୍ୟଟନ, ଉଦ୍ୟାନ କୃଷି, ଶିକ୍ଷା ଏବଂ ପରିବେଶ ସଂରକ୍ଷଣରେ ଦେଶ ଗଠନରେ ହିମାଚଳ ପ୍ରଦେଶର ଭୂମିକା ପ୍ରକୃତରେ ପ୍ରଶଂସନୀୟ। ହିମାଚଳ ପ୍ରଦେଶର ଅନେକ ମୂଳବାସିନ୍ଦା ଏବେ ଓଡ଼ିଶାକୁ ନିଜର ଦ୍ୱିତୀୟ ଘର ବୋଲି କହୁଛନ୍ତି। ସେମାନଙ୍କ ଅଧ୍ୟୟନ, ବୃତ୍ତିଗତ କାର୍ଯ୍ୟ ଓଡ଼ିଶାର ବିକାଶରେ ଯୋଗଦାନ ଦେଇଛି ବୋଲି ରାଜ୍ୟପାଳ କହିଛନ୍ତି। ସମାରୋହରେ ବକ୍ତା ଭାବେ କଥାକାର ପ୍ରଫେସର ଦାଶ୍ ବେନହୁର, କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ ଯୋଗଦେଇ ଓଡ଼ିଆ ନବବର୍ଷ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନର ଆସିଷ୍ଟାଣ୍ଟ ପ୍ରଫେସର ରାଜକୁମାର ଓଡ଼ିଶା ସହ ହିମାଚଳ ପ୍ରଦେଶର ସମ୍ପର୍କ, ନିଜ ରାଜ୍ୟର ବୈଶିଷ୍ଟ୍ୟ ଏବଂ ଓଡ଼ିଶାରେ ନିଜର ଅଭିଜ୍ଞତା ଓ ଉପଲବ୍ଧି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ବାଲିଅନ୍ତା ବ୍ଲକ ସରକଣା ଗାଁରେ ଅନୁଷ୍ଠିତ ଫୋଡ଼ା ପାଟୁଆ ଯାତ୍ରାରେ ଜଣେ ମାନସିକଧାରୀ ଖାଇ ଖୁଣ୍ଟ ଚରଖିରେ ବୁଲୁଛନ୍ତି।

ପ୍ରସିଦ୍ଧ ଫୋଡ଼ା ପାଟୁଆ ଯାତ୍ରା ଉଦ୍‌ଯାପିତ

ବାଳକାଟୀ, ୧୪।୪(ମନୋଜ ମଣ୍ଡଳ)

ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ପ୍ରସିଦ୍ଧ ଫୋଡ଼ା ପାଟୁଆ ପାଇଁ ବାଲିଅନ୍ତା ବ୍ଲକର ସରକଣା ଗାଁ ଉତ୍ସବମୁଖର ହୋଇଉଠିଥିଲା। ଦଣ୍ଡ ପାଟୁଆଙ୍କ ସୋମବାର ବ୍ରତ ସରିବା ପରେ ପରମ୍ପରା ଅନୁସାରେ ବିଭିନ୍ନ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ସରକଣାର ଏହି ଫୋଡା ପାଟୁଆ ଯାତ୍ରା ଅନ୍ୟତମ। ବର୍ଷକରେ ଏହି ଦୃଶ୍ୟକୁ ଦେଖିବାକୁ ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଉତ୍ସୁକତାର ସହ ଅପେକ୍ଷା କରିଥାନ୍ତି। ଦଶପଡ଼ାର ମାନସିକଧାରୀ ପାଟୁଆଙ୍କ ପିଠିରେ ଲୁହାକଣ୍ଟା ଫୋଡ଼ାଯାଇ ଯାତ୍ରା ପଡ଼ିଆରେ ପୋତା ଯାଇଥିବା ଖାଇ ଖୁଣ୍ଟରେ ଚରଖିରେ ବୁଲିବାର ପାରମ୍ପରିକ ରୀତିନୀତି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସକାଳେ ମା'ଙ୍କୁ ଏକ ସୁସଜ୍ଜିତ ବିମାନରେ ବିରାଜମାନ କରାଯାଇ କାଳିଶି ଓ ପାଟୁଆ ଗ୍ରାମରେ ଅବସ୍ଥିତ ଦିଓ୍ୱାନ ପୋଖରୀକୁ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରେ ମା'ଙ୍କ ସ୍ନାନ ନୀତି ସମ୍ପାଦନ ହୋଇ ମା'ଙ୍କ ନିକଟରେ ପଣା ଲାଗି ହୋଇଥିଲା। ପୋଖରୀରେ ପଡ଼ିଥିବା ଖାଇ ଖୁମ୍ବ ଓ ଚରଖିକୁ ଉପରକୁ ଉଠାଯାଇ ଯାତ୍ରା ପଡ଼ିଆକୁ ନିଆଯାଇଥିଲା। ଅପରାହ୍ନ ୨ଟାରେ ପାଟୁଆଙ୍କ ପିଠିରେ କଣ୍ଟା ଫୋଡ଼ାବିଧି ଆରମ୍ଭ ହୋଇଥିଲା। ନୂଆ ପୋଖରୀ ଗୁଠ, ଭଗବତୀଙ୍କ ପୀଠ, ବାସୁଦେବ ମନ୍ଦିର ଓ ମହାବୀରଙ୍କ ସମ୍ମୁଖରେ କାଳିଶିମାନେ ଓ ବଡ଼ ପାଟୁଆଙ୍କ ସମେତ ୧୬ ଜଣ ପାଟୁଆଙ୍କ ପିଠିରେ କଣ୍ଟା ଫୋଡ଼ା ଯାଇଥିଲା। ସନ୍ଧ୍ୟାରେ ସରକଣା ଯାତ୍ରା ପଡ଼ିଆରେ ଖାଇ ଖୁମ୍ବରେ ପ୍ରଥମେ ମା'ଙ୍କ କାଳିଶି ଚରକି ବୁଲିଥିଲେ। ପରେ ବଡ଼ପାଟୁଆ ଓ ଅନ୍ୟମାନେ ଚରକି ବୁଲିଥିଲେ।

ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନାସୀ ମଣ୍ଡଳୀର ଓଡିଆ ନବବର୍ଷ

ମୁଖପତ୍ର 'ମୌତ୍ରୀ ସମ୍ପର୍କର ସେତୁ' ଉନ୍ମୋଚନ

ଭୁବନେଶ୍ୱର, ୧୪।୪ (ସୌମ୍ୟରଞ୍ଜନ ରାଉତ)

ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନାସୀ ମଣ୍ଡଳ ପକ୍ଷରୁ ଓଡିଆ ନବବର୍ଷ ପାଳନ ଓ କବିତା ପାଠୋତ୍ସବ ସୀତାବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ନ୍ୟାସୀ ମଣ୍ଡରଠାରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ତଥା ସମ୍ପାଦକ ମନୋଜ କୁମାର ମହାପାତ୍ର ଯୋଗଦେଇ ଉଦାହରଣ ମାଧ୍ୟମରେ ଭାଷା ସାହିତ୍ୟ ପ୍ରତି କିପରି ବିପଦ ମାଡ଼ିଆସୁଛି ସେ ସମ୍ପର୍କରେ କହିଥିଲେ। ଏଥିସହ ଏନେଇ ସାହିତ୍ୟକ, ସାହିତ୍ୟ ଅନୁଷ୍ଠାନ ଓ ଜନସାଧରଣ ସଚେତନ ହେବା ଉଚିତ୍ ବୋଲି କହିଥିଲେ। ପ୍ରାରମ୍ଭରେ ଆରତି କର, ଭଜକୃଷ୍ଣ ମହାନ୍ତି, ଗୋଲକ ବିହାରୀ ନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଅନୁଷ୍ଠାନର ମୁଖପତ୍ର 'ମୌତ୍ରୀ ସମ୍ପର୍କର ସେତୁ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଯୁଗ୍ମ ସଂପାଦକ କୈଳାସ ଚନ୍ଦ୍ର ରଥ ଧନ୍ୟବାଦ ଦେଇଥିଲେ।

ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ପାଇଁ ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

ବିବେକାନନ୍ଦ ମାର୍ଗ ଓ ରାମ ମନ୍ଦିରରେ ମହାବୀରଙ୍କ ପୂଜାର୍ଚ୍ଚନା।

ୟୁନିଟ୍-୧ରେ ପୂଜା ପାଉଥିବା ୧୦୮ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା।

ଓଡ଼ିଆ ନବବର୍ଷରେ ମେୟରଙ୍କୁ କବିତା ବହି ଉପହାର

ଭୁବନେଶ୍ୱର, ୧୪।୪ (ବନ୍ଦନା ସେଠୀ)

ସୋମବାର ରାଜ୍ୟ ଓଡ଼ିଆ ନବବର୍ଷ ପାଳନ କରିଥିବାବେଳେ, ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ସାମ୍ବାଦିକ ତଥା କବି ରବିପ୍ରିୟ ଦାଶ। ଏହି ଅବସରରେ ସେ ନିଜ ଲେଖନୀ ନିସୃତ ଦୁଇଟି କବିତା ବହିକୁ ମେୟର ସୁଲୋଚନା ଦାସଙ୍କୁ ଉପହାର ଦେଇଥିଲେ। 'ଏକଶହ ଭାରାକ୍ରାନ୍ତ ଜହ୍ନରାତି' ଏବଂ 'ଜହ୍ନରାତିର ପଚାଶ କବିତା' ବହିରେ ଚାପଗ୍ରସ୍ତ ଜୀବନକୁ ଜହ୍ନର କିରଣ କେମିତି ଭାରି ଭାରି ଲାଗୁଥାଏ, କବି ତାହାର ନିଖୁଣ କାବ୍ୟିକ ଅଙ୍କନ କରିଛନ୍ତି। ଏନେଇ ରବିପ୍ରିୟ କହିଛନ୍ତି, ମେୟର ବିଭିନ୍ନସ୍ତରର ନାଗରିକଙ୍କୁ ଖୁବ୍ ପାଖରୁ ଦେଖୁଛନ୍ତି। ସେହିପରି ଏହି ବହି ଦୁଇଟିରେ ସେ ବାସ୍ତବରେ ଦେଖୁଥିବା ଏଭଳି ଅନେକ ବ୍ୟକ୍ତିତ୍ୱଙ୍କୁ ଅତି ନିକଟରୁ ଜାଣି ପାରିବେ ବୋଲି କହିଥିଲେ। କବିତା ବହି ଉପହାର ପାଇ ମେୟର କବିଙ୍କ ଦୀର୍ଘ ତଥା ନିରାମୟ ଜୀବନ କାମନା କରିଥିଲେ।

ସୂର୍ଯ୍ୟ ନମସ୍କାର ପରିବାର ପକ୍ଷରୁ ଓଡ଼ିଆ ନବବର୍ଷ

ବାଲିଅନ୍ତା, ୧୪।୪(ନୀଳମାଧବ ସାହୁ)

ଭୁବନେଶ୍ୱର ବାଣୀବିହାରସ୍ଥିତ ଏକ ପାର୍କରେ ସୂର୍ଯ୍ୟ ନମସ୍କାର ପରିବାର ପକ୍ଷରୁ ସୋମବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଆ ନବବର୍ଷ ଓ ଅନୁଷ୍ଠାନର ଏକାଦଶ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ପରିବାରର ଶତାଧିକ କର୍ମକର୍ତ୍ତା ଯୋଗଦେଇ ନାଚଗୀତ ମାଧ୍ୟମରେ ଓଡ଼ିଆ ନବବର୍ଷକୁ ପାଳନ କରିଥିଲେ। ପ୍ରାରମ୍ଭରେ ପ୍ରତିଦିନ ଭଳି ଯୋଗ ଓ ସୂର୍ଯ୍ୟ ନମସ୍କାର ଅଭ୍ୟାସ କରାଯାଇଥିଲା। ପରେ ସମସ୍ତଙ୍କୁ ପଣା ବଣ୍ଟା ଯାଇଥିଲା। ଅତିଥି ରୂପେ ଭୁବନେଶ୍ୱର ଉତ୍ତର ପୂର୍ବତନ ବିଧାୟକ ତଥା ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ବ୍ରଜଲାଭ ନାୟକ ଓ ମମତା ନାୟକ ଯୋଗଦେଇ ଭଜନ ପରିବେଷଣ କରିଥିଲେ।

ପଣା ବଣ୍ଟନ ସହ ଜଳଦାନ

ଭୁବନେଶ୍ୱର, ୧୪।୪(ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ନିଉଜ ପେପର ସପ୍ଲାୟର୍ସ ଆସୋସିଏଶନ ଏବଂ ଅଲ୍ ଓଡ଼ିଶା ସ୍ୱାଭିମାନି ଦିବ୍ୟାଙ୍ଗ ମହାସଂଘ, ଭୁବନେଶ୍ୱର ଆନୁକୂଲ୍ୟରେ ସୋମବାର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ପଣା ଏବଂ ଜଳଦାନ ପ୍ରଦାନ କରାଯାଇଛି। ୟୁନିଟ୍-୩ କେଶରୀ ସିନେମା ହଲ୍ ପାର୍ଶ୍ୱରେ ଥିବା ଭାରତୀୟ ବିଦ୍ୟା ଛକ ନିକଟରେ ପଥିକମାନଙ୍କୁ ପଣା ବଣ୍ଟନ ସହ ଜଳଦାନ କରାଯାଇଥିଲା।

ୱାକିଟକିରେ ମୁଣ୍ଡ ଫଟାଇଲେ ଟ୍ରାଫିକ୍ କର୍ମଚାରୀ

କାର୍ ସର୍ଭିସିଂ ସେଣ୍ଟର କର୍ମଚାରୀ ଆହତ

- ମଞ୍ଚେଶ୍ୱର ଥାନା ସାମ୍ନାରେ 'ଏନ୍‌ୱାଇସିଏସ୍'ର ବିକ୍ଷୋଭ

ଆହତ ଏମ୍.ଡି ଆଥର

ନବନିର୍ମାଣ ଯୁବ ଛାତ୍ର ସଂଗଠନ କର୍ମକର୍ତ୍ତାମାନେ ଥାନାରେ ବିକ୍ଷୋଭ କରୁଛନ୍ତି।

ଭୁବନେଶ୍ୱର, ୧୪।୪(ସତ୍ୟଜିତ୍ ରାଉତ)

ପାଣ୍ଡରା ଛକରେ ଥିବା ଏକ କାର୍ ସର୍ଭିସ୍ ସେଣ୍ଟର କର୍ମଚାରୀଙ୍କୁ କମିଶନରେଟ୍ ପୋଲିସର ଜଣେ ଟ୍ରାଫିକ୍ କର୍ମଚାରୀ ୱାକି-ଟକିରେ ଆକ୍ରମଣ କରି ଲହୁ ଲୁହାଣ କରିଛନ୍ତି। ୱାକିଟକି ଦ୍ୱାରା ଶକ୍ତ ଆଘାତରେ ବିହାରୀ ଯୁବକ ଏମ୍.ଡି ଆଥରଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପ୍ରଚୁର ରକ୍ତସ୍ରାବ ହୋଇଛି। ପ୍ରାଥମିକ ଚିକିତ୍ସା ପରେ ଆଥର୍ ଏ ସମ୍ପର୍କରେ ଟ୍ରାଫିକ୍ କର୍ମଚାରୀ ଜଣକ ବିଷ୍ଣୁପ୍ରସାଦ ପ୍ରଧାନଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଛନ୍ତି। ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

ଏତଲା ଅନୁଯାୟୀ, ପାଣ୍ଡରା ଛକରେ ଥିବା ସର୍ଭିସିଂ ସେଣ୍ଟରରେ ଆଥର୍ ଓ ତାଙ୍କ ସହକର୍ମୀମାନେ ଥିବାବେଳେ ଅପରାହ୍ନ ପ୍ରାୟ ୩ଟା ୩୦ରେ ଏହି ଘଟଣା ଘଟିଥିଲା। ସେଠାରେ ଡ୍ୟୁଟି କରୁଥିବା ଟ୍ରାଫିକ୍ କର୍ମଚାରୀ ଜଣକ ସେଣ୍ଟରକୁ ଲାଗିଥିବା ଏକ ଗଛ ନିକଟରେ ବିଶ୍ରାମ ନେଉଥିବା ବେଳେ କୌଣସି କାରଣ ନ ଥାଇ ଗାଳିଗୁଳଜ କରିଥିଲେ। ଏହା ଫଳରେ ଗ୍ରାହକ ଆସିବାରେ ସମସ୍ୟା ହେଉଛି ବୋଲି ଦର୍ଶାଇ ତାଙ୍କୁ ଗାଳିଗୁଳଜ ନ କରିବାକୁ ବାରଣ କରିଥିଲେ। ଏଥିରେ ଟ୍ରାଫିକ୍ କର୍ମଚାରୀ ଜଣକ ଉତ୍ତ୍ୟକ୍ତ ହୋଇ ଅଧିକ ଗାଳି ଦେବା ସହ ସର୍ଭିସିଂ ସେଣ୍ଟର ଭିତରେ ପଶି ଆଥରଙ୍କୁ ନିଯୁକ୍ତ ମାଡ଼ ମାରିଥିଲେ। ଏପରିକି ୱାକିଟକିରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ରାତିରେ ନବନିର୍ମାଣ ଯୁବ ଛାତ୍ର ସଂଗଠନ (ଏନ୍‌ୱାଇସିଏସ୍) ପକ୍ଷରୁ ମଞ୍ଚେଶ୍ୱର ଥାନା ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଭିଯୁକ୍ତ ଟ୍ରାଫିକ କର୍ମଚାରୀଙ୍କୁ ଗିରଫ କରିବାକୁ ଏନ୍‌ୱାଇସିଏସ୍ ରାଜ୍ୟ ସଂଯୋଜକ ଏମ୍.ଡି ମନୱର ଅଲ୍ଲୀଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଥାନାଧିକାରୀଙ୍କୁ ଦାବି ଜଣାଇଛନ୍ତି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ନ ଥିବା ଜଣାପଡ଼ିଛି।

ଫଟୋରେ ଖବର

ଓଡ଼ିଆ ନବବର୍ଷ ପାଳନ ଅବସରରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ନମାମି ମନ୍ଦାକିନୀ'ରେ ଶିଳ୍ପୀମାନେ ନୃତ୍ୟାଭିନୟ କରୁଛନ୍ତି।

ଓଡ଼ିଆ ସୋସାଇଟି ଅଫ୍ ସିଙ୍ଗାପୁର ପକ୍ଷରୁ ଶନିବାର ଓଡ଼ିଶା ଦିବସ ପାଳନ କରାଯାଇଛି। ସିଙ୍ଗାପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୋସାଇଟି କର୍ମକର୍ତ୍ତା ଏବଂ ଅତିଥିଙ୍କ ଗହଣରେ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାର ଓ କଣ୍ଠଶିଳ୍ପୀ ନାଜିଆ ଆଲାମ୍ ।

ଜିଲା କଂଗ୍ରେସ ପାଳିଲା ଆମ୍ବେଡକରଙ୍କ ଜୟନ୍ତୀ

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): କଟକ ଜିଲା କଂଗ୍ରେସ ପକ୍ଷରୁ ଶକ୍ତିନଗରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପୂର୍ବତନ ଜିଲା ଉପସଭାପତି ଶିଶିର ରଥଙ୍କ ଅଧ୍ୟକ୍ଷତାରେ ସୋମବାର ସମ୍ବିଧାନ ପ୍ରଣେତା ଡ. ଭୀମ୍‌ରାଓ ରାମ୍‌ଜୀ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆମ୍ବେଡକରଙ୍କ ଫଟୋଚିତ୍ରରେ କଂଗ୍ରେସକର୍ମୀମାନେ ମାଲ୍ୟାର୍ପଣ କରିଥିଲେ। ସ୍ୱାଧିନ ଭାରତର ସମ୍ବିଧାନ ପ୍ରଣୟନରେ ଆମ୍ବେଡକରଙ୍କ ପ୍ରମୁଖ ଭୂମିକା ଥିଲା ବୋଲି କର୍ମୀମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କଟକ ନଗର (ଜିଲା)କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ଜିଲା ସମ୍ପାଦକ ସଚ୍ଚିଦାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ସଂକ୍ଷେପରେ

ହନୁମାନ ହୁଡ଼ା ବୁଲିଲେ ଆଇନ ମନ୍ତ୍ରୀ

ଚୌଦ୍ୱାର,୧୪।୪(ଆଶୁତୋଷ ଦାସ) ହନୁମାନ ଜନ୍ମୋତ୍ସବ ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସସ୍ତ୍ରିକ କଟକ ଜିଲା ଆଗ୍ରାହାଟ ପଞ୍ଚାୟତ କୁଜିବରସ୍ଥିତ ପୁରାଣ ପ୍ରସିଦ୍ଧ ହନୁମାନ ହୁଡ଼ାସ୍ଥିତ ହନୁମାନ ମନ୍ଦିରରେ ସୋମବାର ପହଞ୍ଚିଛନ୍ତି। ସେଠାରେ କଳସ ବୁଡ଼ାଇବା ସହ ପୂଜାଚ୍ଚନା କରି ମହାଯଜ୍ଞରେ ଅଂଶଗ୍ରହଣ କରିଥିଲେ। ବହୁ ପୁରାତନ ଏହି ପୀଠର ବିଶେଷ ମହାତ୍ମ୍ୟ ଥିବା ମନ୍ତ୍ରୀ ହରିଚନ୍ଦନ ପ୍ରକାଶ କରିଥିଲେ। ପ୍ରାୟ ୪୦ ବର୍ଷ ଧରି ଗୁପ୍ତରେ ପୂଜା ପାଇ ଆସୁଥିବା ମହାବୀରଙ୍କ ଆଶୀର୍ବାଦରେ ମାନସିକଧାରୀଙ୍କ ମାନସିକ ପୂରଣ ହୋଇଥାଏ ବୋଲି ସୂଚନା ଦେଇ ଏହି ପୀଠ ତଥା ହୁଡ଼ାର ବିକାଶ ଦିଗରେ ସରକାର ଗୁରୁତ୍ୱ ଦେବେ ବୋଲି ସେ ପ୍ରକାଶ କରିଥିଲେ।

ମା' ଭୁଆସୁଣୀଙ୍କ ପୀଠରେ ପଣାସଂକ୍ରାନ୍ତି

ଖୁଣ୍ଟୁଣୀ,୧୪।୪(ସଚ୍ଚିଦାନନ୍ଦ ପଣ୍ଡା): ଆଠଗଡ଼ ବ୍ଲକ ବାଳି ଗ୍ରାମ ବାଘେଟି ସାହିର ପ୍ରସିଦ୍ଧ ଶକ୍ତିପୀଠ ମା' ଭୁଆସୁଣୀଙ୍କ ମନ୍ଦିରରେ ସୋମବାର ପଣାସଂକ୍ରାନ୍ତି ଅବସରରେ ଯଜ୍ଞ ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ଯଜ୍ଞ କାର୍ଯ୍ୟରେ ଯୋଗଦେଇ ମା' ଭୁଆସୁଣୀଙ୍କ ଆଶୀର୍ବାଦ ଲାଭ କରିଥିଲେ। ଏଠାରେ ଯିଏ ଯାହା ମାନସିକ କରି ପୂଜାର୍ଚ୍ଚନା କରିଥାଏ, ତାହା ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଓଡ଼ିଆ ନବବର୍ଷ ଓ ପଣାସଂକ୍ରାନ୍ତିରେ ଏଠାକୁ ଆଖପାଖ ଅଞ୍ଚଳରୁ ଅନେକ ଶ୍ରଦ୍ଧାଳୁ ଆସି ପୂଜାର୍ଚ୍ଚନା କରିଥାନ୍ତି। ଯଜ୍ଞ କମିଟି ସଭାପତି ଶ୍ରୀନିବାସ ଦଳାଇ, ସଦସ୍ୟ କେଶବ ଚନ୍ଦ୍ର ଦଳାଇ, ରମେଶ ଦଳାଇ, ଭରତ ଘଡ଼େଇ, ରତ୍ନାକର ଦଳାଇ, କୃଷ୍ଣଚନ୍ଦ୍ର ଦଳାଇ, ସାଧୁ ଦଳାଇ, ଭୀମ ଦଳାଇଙ୍କ ସମେତ ସାହିର ସମସ୍ତ ଯୁବକ ଏହି ପୂଜାକୁ ପରିଚାଳନା କରିଥିଲେ।

ସନାତନୀ ସେନାର ବୋରିକ ପୀଠ ପରିକ୍ରମା

କଟକସଦର,୧୪।୪(ସୁଶାନ୍ତକୁମାରଜେନା): ପବିତ୍ର ହନୁମାନ ଜନ୍ମୋତ୍ସବ ଓ ଉତ୍କଳୀୟ ନବବର୍ଷ ଉପଲକ୍ଷେ ରାଜ୍ୟ ସନାତନୀ ସେନାର ଶୋଭାଯାତ୍ରା ସୋମବାର ସନ୍ଧ୍ୟାରେ ୪୨ ମୌଜା ପରିକ୍ରମା କରି ଚାନ୍ଦୁଲି ଗ୍ରାମର ବଳି ବାମନ ପୀଠ ବୋରିକ ଯାତ୍ରା ସ୍ଥଳୀରେ ପହଞ୍ଚିଥିଲା। ସନାତନୀ ସେନାର ରାଜ୍ୟ ସଭାପତି ସମୀର କୁମାର ପଣ୍ଡା ଏହାର ନେତୃତ୍ୱ ନେଇଥିଲେ। ବହୁସଂଖ୍ୟକ ସେନାନୀ ବ୍ରହ୍ମପୁରର ରଣେଷଣ୍ଡ ମନ୍ଦିରରୁ ବାହାରି ୪୨ ମୌଜାର ମୁଖ୍ୟରାସ୍ତା ଦାଧିବାମନପୁର, ବେଣ୍ଟକାର, ଦେଉଳି, କଳପଡ଼ା, ବରାଳ ବାଟେ ଯାଇ କାଠଯୋଡ଼ି ଓ ସିଡୁଆ ନଦୀର ସଙ୍ଗମସ୍ଥଳ ବୋରିକ ଯାତ୍ରା ସ୍ଥଳରେ ପହଞ୍ଚିଥିଲା। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେନାନୀର ସମ୍ପାଦକ ରଘୁନାଥ ଚୌଧୁରୀ, ସନ୍ତୋଷ ସାହାଣୀ, ସୁଧାଂଶୁଶେଖର ଦାସ, ଦେବୀ ପ୍ରସାଦ ପତି, ପ୍ରିୟ ରଞ୍ଜନ ଖଟୁଆ ପ୍ରମୁଖ ଭାଗ ନେଇଥିଲେ।

ଧବଳେଶ୍ୱରଙ୍କୁ ଦର୍ଶନ କଲେ ୪୦ ହଜାର ଶ୍ରଦ୍ଧାଳୁ

ଖୁଣ୍ଟୁଣୀ,୧୪।୪(ସଚ୍ଚିଦାନନ୍ଦ ପଣ୍ଡା)

ମହାବିଷୁବ ସଂକ୍ରାନ୍ତି

ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ସୋମବାର ଅବସରରେ ଧବଳେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପ୍ରତ୍ୟୁଷ ୪ଟା ୩୦ରୁ ନୀତି ପାଳିଆ ସେବକ ଧ୍ରୁବଚରଣ ପତ୍ରି ଓ ତାଙ୍କ ପୁତ୍ର ରଶ୍ମିରଞ୍ଜନ ପତ୍ରି ଅନ୍ୟ ସେବାୟତଙ୍କ ସହଯୋଗରେ ବାବା ଧବଳେଶ୍ୱରଙ୍କ ଦ୍ୱାର ଫିଟାଯାଇଥିଲା। ମଙ୍ଗଳ ଆଳତି, ୧୦୮ ଶୁଦ୍ଧ ଜଳରେ ସ୍ନାନ ଓ ବିଭୂଷଣ କରିବା ସହ ଖେଚୁଡ଼ି ଭୋଗ ଲାଗି କରିଥିଲେ। ଭୋର ୫ଟାରେ ଅପେକ୍ଷାରତ ଶ୍ରଦ୍ଧାଳୁଙ୍କ ନିମନ୍ତେ ଦ୍ୱାର ଖୋଲାଯାଇଥିଲା। କଂକ୍ରିଟ ସେତୁଠାରୁ ହଜାର ହଜାର ଶ୍ରଦ୍ଧାଳୁ ଲମ୍ବା ଲାଇନରେ ଯାଇ ଅଧ କିଲୋମିଟର ବାଟ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ପ୍ରାୟ ୪୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ଓ ଦେଉଳୀକରଣ ସାଗର ଦାସ ପ୍ରକାଶ କରିଛନ୍ତି। ମନ୍ଦିର ବାହାରେ ଓ ଭିତରେ ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରି, ଦମ୍ପାଦକ ନରେନ୍ଦ୍ର କୁମାର ପଣ୍ଡା ଓ ଅନ୍ୟ ପୂଜକମାନେ ଉପସ୍ଥିତ ରହି ଭକ୍ତଙ୍କୁ ଗୋଟି ଦର୍ଶନରେ ଛାଡିଥିଲେ। ଶୃଙ୍ଖଳା ରକ୍ଷା ନିମନ୍ତେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡ଼ିଝାଟିଆ ଆଇଆଇସି ତପନ କୁମାର ପତି, ଧବଳେଶ୍ୱର ବିଉ ଅଧିକାରୀ ଗିରୀଶ ମହାନ୍ତି ଓ ଅନ୍ୟ ପୋଲିସ ଅଧିକାରୀ ଫୋର୍ସ ସହ ଉପସ୍ଥିତ ଥିଲେ। ଝୁଲା ପୋଲ ମରାମତି ପାଇଁ ବିଗତ କୋଭିଡ ସମୟରୁ ବନ୍ଦ ରହିଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ନ ହେବା ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରୁଛି। ଯାହାକୁ ନେଇ ସେମାନେ ଦୁଃଖ ବ୍ୟକ୍ତ କରିଛନ୍ତି।

ବକ୍ସିବଜାର ବଡ଼େଇସାହି ବାସ୍ତୁରୀମଠ ଶ୍ରୀଯୁଗଳ କିଶୋର ମନ୍ଦିର ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ଝାମୁଯାତ୍ରାରେ ଜଣେ କାଳିଶି ନିଆଁରେ ଚାଲୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

'ଇତିହାସ ହେଉଛି ସଭ୍ୟତାର ଦର୍ପଣ'

୭୬ତମ ବିଷୁବ ମିଳନର ସମାବର୍ତ୍ତନ ଉତ୍ସବରେ କବୟିତ୍ରୀ ଅପର୍ଣ୍ଣା ମହାନ୍ତିଙ୍କୁ ବିଷୁବ ପୁରସ୍କାର ପ୍ରଦାନ କରାଯାଉଛି।

କଟକ,୧୪।୪(କାର୍ତ୍ତିକ ସାହୁ):

- ୭୬ତମ ବିଷୁବ ମିଳନର ସମାବର୍ତ୍ତନ ଉତ୍ସବ
- ଅପର୍ଣ୍ଣା ମହାନ୍ତିଙ୍କୁ ବିଷୁବ ପୁରସ୍କାର

ସାହିତ୍ୟ ସବୁବେଳେ ଭେଦଭାବଠୁ ଊର୍ଦ୍ଧ୍ୱରେ। ଇତିହାସ ହେଉଛି ଏକ ରାଷ୍ଟ୍ର ଓ ସଭ୍ୟତାର ଦର୍ପଣ। ଅତୀତକୁ ଅନ୍ୱେଷଣ ଦ୍ୱାରା ଭବିଷ୍ୟତକୁ ଉନ୍ନତ କରିବାର ଚେତନା ଆମେ ପାଇଥାଉ। ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବ 'ଝଙ୍କାର' ପତ୍ରିକା ସୃଷ୍ଟି କରି ଓଡ଼ିଶାର ସାରସ୍ୱତ ଜଗତକୁ ଋଦ୍ଧିମନ୍ତ କରିଛନ୍ତି ବୋଲି ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ବିଷୁବମଣ୍ଡପରେ ସୋମବାର ଆୟୋଜିତ ୭୬ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ନଡ ଲେଖକ ତଥା ଐତିହାସିକ ଡ. ବିକ୍ରମ ସମ୍ପଥ୍ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ପ୍ରଜାତନ୍ତ୍ର ପ୍ରଚାର ସମିତି ଅଧ୍ୟକ୍ଷ ତଥା 'ଝଙ୍କାର'ର ମୁଖ୍ୟ ସମ୍ପାଦକ ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଦେଇ କହିଲେ, ସମାଜକୁ ସୃଜନଶୀଳ ସ୍ରଷ୍ଟାମାନେ ନିର୍ଭୀକ କରପାରବେ। ସତ୍ୟ, ନ୍ୟାୟ ଓ ଧର୍ମର ଉଦ୍‌ଘୋଷଣା ସବୁବେଳେ ସ୍ରଷ୍ଟାମାନେ ନିଜର ଲେଖନୀ ମାଧ୍ୟମରେ କରିଆସିଛନ୍ତି। କବିମାନେ ହେଉଛନ୍ତି ଏ ବିଶ୍ୱର ଅଣସ୍ୱୀକୃତିପ୍ରାପ୍ତ ବିଧାୟକ। ଆଜିର ଏହି ଭୟଗ୍ରସ୍ତ ସମାଜରେ, ଭୟଙ୍କର ଲୋକଙ୍କ ମେଳରେ କବିଙ୍କୁ ନିର୍ଭୀକତାର ଧ୍ୱଜା ଉଡ଼ାଇବାକୁ ପଡ଼ିବ। ଉତ୍ସବରେ ସାହିତ୍ୟିକ ଦାଶ ବେନହୁର ଅଧ୍ୟକ୍ଷତା କରି କହିଲେ, ବିଷୁବ ମିଳନ ଯେକୌଣସି ସାହିତ୍ୟିକଙ୍କ ପାଇଁ ଏକ ଅପୂର୍ବ ସୁଯୋଗ। ଓଡ଼ିଆ ସାହିତ୍ୟିକମାନଙ୍କ ପାଇଁ ଡ. ମହତାବଙ୍କ ଏହି ସାରସ୍ୱତ ମଣ୍ଡପ ଏକ ତୀର୍ଥଭୂମି। ବିଷୁବ ଚମତ୍କାର ପ୍ରେରଣା ଓ ଉତ୍ସାହ ଦେଇଥାଏ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ କବୟିତ୍ରୀ ଅପର୍ଣ୍ଣା ମହାନ୍ତିଙ୍କୁ ବିଷୁବ ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କୁ ୧ଲକ୍ଷ ଟଙ୍କାର ଚେକ୍ ଏବଂ ମାନପତ୍ର ପ୍ରଦାନ କର ମୁଖ୍ୟଅତିଥି ସମ୍ବର୍ଦ୍ଧତ କରିଥିଲେ। ସେହିପରି ୨୫ ହଜାର ଟଙ୍କାର ଚେକ୍ ଓ ମାନପତ୍ର ସହ ଡ. ବେଣୁଧର ପାତ୍ରୀଙ୍କୁ ଝଙ୍କାର ପ୍ରବନ୍ଧ ପୁରସ୍କାର, ରଞ୍ଜିତା ନାୟକଙ୍କୁ ଝଙ୍କାର କବିତା ପୁରସ୍କାର, କ୍ଷୀରୋଦ ଦାସଙ୍କୁ ଝଙ୍କାର କଥା ସାହିତ୍ୟ ପୁରସ୍କାର ଏବଂ କମଳା ଶତପଥୀଙ୍କୁ ଝଙ୍କାର ଅନୁବାଦ ଭାରତୀ ପୁରସ୍କାର ପ୍ରଦାନ କରାଯାଇଥିଲା। 'ଝଙ୍କାର'ର ଅନ୍ୟତମ ସମ୍ପାଦକ ତରୁଣ କୁମାର ସାହୁ ଅତିଥି ପରିଚୟ, ସମ୍ପାଦକ ସରୋଜ ରଞ୍ଜନ ମହାନ୍ତି ସମ୍ପାଦକୀୟ ସମ୍ଭାଷଣ ଏବଂ ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଟାଙ୍ଗୀ ବସ୍‌ଷ୍ଟାଣ୍ଡଠାରେ ସୋମବାର ଡ୍ରିମ୍‌ସ ୟୁନିଭର୍ସିଟି ଜାତୀୟ ସେବା ଯୋଜନା ପକ୍ଷରୁ ଶୁଭାରମ୍ଭ ହୋଇଥିବା ଜଳ ବିତରଣ କେନ୍ଦ୍ର।

ରାସ୍ତାରେ ମୁଗ ଶୁଖାଇବାକୁ କେନ୍ଦ୍ର କରି ମହିଳାଙ୍କୁ ଆକ୍ରମଣ: ଅଭିଯୋଗରେ ଜଣେ ଗିରଫ

ସାଲେପୁର,୧୪।୪(ଅରବିନ୍ଦ ଭୂୟାଁ)

ରାସ୍ତାରେ ମୁଗ ଶୁଖାଇବାକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ଆକ୍ରମଣ କରାଯାଇଛି। ଏହି ଅଭିଯୋଗରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସାଲେପୁର ଥାନା ରାମେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଉଚ୍ଚଡିହ ଗ୍ରାମର ଜଗତାନନ୍ଦ ଦାସ। ପୋଲିସ ସୂତ୍ରରୁ ପ୍ରକାଶ ଯେ,ଏହି ଗ୍ରାମର ସାଗରିକା ଦାସ ନିଜ ଘର ସମ୍ମୁଖରେ ଥିବା ରାସ୍ତା ଉପରେ ଅମଳ ଉଦ୍ଦେଶ୍ୟରେ ମୁଗ ଶୁଖାଇଥିବାବେଳେ ଜଗତାନନ୍ଦ ହଠାତ୍ ସେଠାରେ ପହଞ୍ଚି ଗାଳିଗୁଳଜ କରିବା ସହ ଆକ୍ରମଣ କରିଥିଲେ। ପାଟି ଶୁଣି ଅନ୍ୟ ଜଣେ ପଡ଼ୋଶୀ ସେଠାରେ ପହଞ୍ଚି ବାରଣ କରିବାରୁ ଜଗତାନନ୍ଦ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏନେଇ ସାଗରିକା ସାଲେପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ. ୧୬୦/୨୫ ରୁଜୁ କରିଛି।

ସ୍କୁଟି ଡିକିରୁ ଟଙ୍କା ଚୋରି ଘଟଣା : ରାୟପୁରରୁ ଅଭିଯୁକ୍ତ ଗିରଫ

ବାଙ୍କୀ, ୧୪।୪(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ବୈଦେଶ୍ୱର ଥାନା ଅନ୍ତର୍ଗତ କନ୍ତକାଇ ଗ୍ରାମର ରୁଦ୍ର ମୋହନ ଭଟ୍ଟଙ୍କ ସ୍କୁଟି ଡିକିରୁ ୨ ଲକ୍ଷ ଟଙ୍କା ଗତ ୪ ତାରିଖରେ ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଛତିଶଗଡ଼ ରାୟପୁରସ୍ଥିତ ରମଣ ଅଞ୍ଚଳରୁ ଗିରଫ କରାଯାଇଛି। ସେ ହେଲେ ଏମ୍. ମୁନା ଓରଫ ଗୁନା (୨୪)। ତାଙ୍କ ଘର ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ପକ୍ରାପାଲି ଅଞ୍ଚଳରେ। ଧରାପଡ଼ିବା ପରେ ତାଙ୍କ ପାଖରୁ ପୋଲିସ ଦେଢ଼ ଲକ୍ଷ ଟଙ୍କା ଜବତ କରିଛି ବୋଲି ବାଙ୍କୀ ଥାନା ଅଧିକାରୀ ଦିଲୀପ କୁମାର ମର୍ଦ୍ଦରାଜ ଭୂଇଁ କହିଛନ୍ତି। ତାଙ୍କ ପାଖରୁ ଦେଢ଼ ଲକ୍ଷ ଟଙ୍କା ଜବତ କରାଯାଇଛି। ଭୂଇଁଙ୍କ ସୂଚନା ଅନୁଯାୟୀ, ଗତ ୪ ତାରିଖ ପୂର୍ବାହ୍ନରେ ରୁଦ୍ର ବାଙ୍କୀ ଷ୍ଟେଟ ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ଗାଡ଼ିରେ ଚାବି ଲଗାଇ ବଜାରରୁ ସାମଗ୍ରୀ କିଣୁଥିବା ବେଳେ ଦୁର୍ବୃତ୍ତମାନେ ଗାଡ଼ି ଡିକି ଖୋଲି ବ୍ୟାଗ ଭିତରେ ଥିବା ଟଙ୍କା, ବ୍ୟାଙ୍କ ପାସ୍ ବୁକ ଓ ଅନ୍ୟାନ୍ୟ କାଗଜ ପତ୍ର ନେଇ ଫେରାର ହୋଇଯାଇଥିଲେ। ଏନେଇ ବାଙ୍କୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଶେଷରେ ରାୟପୁର ଅଞ୍ଚଳରୁ ଧରିବାକୁ ସକ୍ଷମ ହୋଇଛି।

ଭାରତୀୟ ସମ୍ବିଧାନର ସ୍ଥପତି ଆମ୍ବେଡକର

କଟକ,୧୪।୪(କାର୍ତ୍ତିକ ସାହୁ):

ଜାତିଭିତ୍ତିକ ଭେଦଭାବ ଦୂର କରି ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ରତ୍ନ ଡ. ବି. ଆର୍. ଆମ୍ବେଡକର ଅକ୍ଳାନ୍ତ ପ୍ରୟାସ କରିଥିଲେ। ଭାରତୀୟ ସମ୍ବିଧାନର ସ୍ଥପତି ଭାବେ ଆମ୍ବେଡକରଙ୍କ ଅବଦାନକୁ ସମ୍ମାନ ଜଣାଇ ସମାନତା, ନ୍ୟାୟ ଏବଂ ମାନବାଧିକାରରେ ପରିପୂର୍ଣ୍ଣ ସମାଜ ଗଠନ ଦିଗରେ ସଭିଏଁ ବ୍ରତୀ ହେବାକୁ ସୋମବାର ଆମ୍ବେଡକରଙ୍କ ୧୩୪ତମ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି।

କଟକ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଆମ୍ବେଡକରଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ହାଇକୋର୍ଟ ସନ୍ନିକଟ ଆମ୍ବେଡକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସମ୍ପାଦକ ଭିକାରୀ ଦାସ, କର୍ପୋରେଟର ଆରତି ସାହୁ, ଆଇନଜୀବୀ ପ୍ରଶାନ୍ତ ନାୟକ, ଗୋପାଳ ଚନ୍ଦ୍ର ମିଶ୍ର, ସମରେନ୍ଦ୍ର ଘୋଷ, ସୁରେନ୍ଦ୍ରନାଥ ଛୋଟରାୟ, ସାହିତ୍ୟିକା ନଳିନୀପ୍ରଭା ନାୟକ, ଦ୍ୱିପାୟନ ପଟ୍ଟନାୟକ, ଡ. ରଞ୍ଜନ ବିଶ୍ୱାଳ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ସଭାପତି ଡ. ରବିରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ହାଇକୋର୍ଟ ସନ୍ନିକଟ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ହେମନ୍ତ କୁମାର ପରିଡ଼ା, ରବୀନ୍ଦ୍ରନାଥ ପଣ୍ଡା, ସୁରେନ୍ଦ୍ର ନାଥ ଛୋଟରାୟ, ପ୍ରଶାନ୍ତ ନାୟକ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।

ଆରତୀ ଷ୍ଟିଲ ପ୍ରତିଷ୍ଠାତା ଶିବପ୍ରସାଦ ମିତ୍ତଲଙ୍କ ସ୍ମୃତିଚାରଣ

ଖୁଣ୍ଟୁଣୀ,୧୪।୪(ସଚ୍ଚିଦାନନ୍ଦ ପଣ୍ଡା)

ବିଶିଷ୍ଟ ଶିଳ୍ପପତି ତଥା ଆରତୀ ଗ୍ରୁପ୍ ଅଫ୍ କମ୍ପାନୀ ଓ କଟକ ଜିଲା ଆଠଗଡ଼ର ଖୁଣ୍ଟୁଣୀ ଥାନା ଘଣ୍ଟିଖାଲଠାରେ ସ୍ଥାପିତ ଆରତୀ ଷ୍ଟିଲ୍ କାରଖାନାର ପ୍ରତିଷ୍ଠାତା ଶିବ ପ୍ରସାଦ ମିତ୍ତଲଙ୍କ ପରଲୋକରେ ସୋମବାର ଆରତୀ ଷ୍ଟିଲ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଆରତୀ ଷ୍ଟିଲ ସଭାପତି ସୁଦୀପ୍ତ ସଦନ ପଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ମାନବ ସମ୍ବଳ ବରିଷ୍ଠ ଅଧିକାରୀ ଅଶୋକ ପଟ୍ଟନାୟକ ଓ କାରଖାନାର ବିଭିନ୍ନ ବିଭାଗୀୟ ମୁଖ୍ୟ ଅଧିକାରୀ ଏବଂ କର୍ମଚାରୀ ଯୋଗଦେଇ କମ୍ପାନୀର ପ୍ରତିଷ୍ଠାତା ସ୍ୱର୍ଗତ ମିତ୍ତଲଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମସ୍ତେ ସ୍ୱର୍ଗତ ମିତ୍ତଲଙ୍କ କର୍ତ୍ତବ୍ୟ ନିଷ୍ଠା, ପ୍ରେରଣା ଓ ମାର୍ଗଦର୍ଶନର ସ୍ମୃତିଚାରଣ କରି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ମିତ୍ତଲଙ୍କ ବଳିଷ୍ଠ ଉଦ୍ୟମ ଯୋଗୁ ୨୦୦୩ ମସିହାରେ ଘଣ୍ଟିଖାଲଠାରେ ଆରତୀ ଷ୍ଟିଲ କମ୍ପାନୀ ପ୍ରତିଷ୍ଠା ହୋଇ ପାରିଥିଲା। ଆଜି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସ୍ଥାନୀୟ ଅଞ୍ଚଳର ୧୦ ହଜାର ପରିବାରକୁ ଜୀବିକା ଯୋଗାଇ ଦେବା ସହିତ ସମଗ୍ର ଓଡ଼ିଶାର ଅର୍ଥନୈତିକ ସାମାଜିକ ଅଭିବୃଦ୍ଧିରେ ସହଭାଗିତା ଓ ମାଇଲଖୁଣ୍ଟ ହୋଇପାରିଛି।

ଜେମାଦେଇପୁର, ନୂଆପାଟଣାରେ ଖଣ୍ଡାପାଟ ଯାତ୍ରା

**ତିଗିରିଆ,

ସୁନା କାରିଗରଙ୍କଠାରୁ ଲୁଟ୍ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

ବାଣପୁର, (ଦିଲୀପ କୁମାର ସ୍ୱାଇଁ): ଜଣେ ସୁନା କାରିଗରଙ୍କଠାରୁ ସୁନାଅଳଙ୍କାର ଏବଂ ଟଙ୍କା ଲୁଟିନେବା ଘଟଣାରେ ବାଣପୁର ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଦୀର୍ଘ ୧୩ମାସ ପରେ ଗିରଫ କରିଛି। ସେ ହେଲେ ଫିର୍ଦ୍ଦୌଷ ଖାଁ। ତାଙ୍କ ନିକଟରୁ ଏକ ବନ୍ଧୁକ, ଗୁଳି, ଆଇଫୋନ, କାର୍ ଏବଂ ସ୍ମୁଟି ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତି ଥିବା ଆଉ ଜଣେ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ କହିଛନ୍ତି। ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତି ଥିବା ସେକ ଅଜିଦ ଏବଂ ଅମିତ ପଣ୍ଡାଙ୍କୁ ଗତ ଜାନୁଆରୀରେ ପୋଲିସ ଗିରଫ କରିଥିଲା। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ରମେଶ କୁମାର ଦେବତା ଉପସ୍ଥିତ ଥିଲେ।

ସଂକ୍ଷେପରେ

ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଟାଙ୍ଗୀ,୧୪।୪(ରଘୁନାଥ ସାହୁ)

କାଳୁପଡ଼ାଘାଟସ୍ଥିତ ଏକ ବ୍ୟାଙ୍କର କ୍ୟାଶିୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଜରିପଡ଼ା ପଞ୍ଚାୟତର ଆଞ୍ଚଳିକ ମହିଳା ମହାସଂଘର ସଦସ୍ୟାମାନେ ଆର୍ଥିକ ନେଣଦେଣ କରିବା ପାଇଁ ସ୍ଥାନୀୟ ଏକ ବ୍ୟାଙ୍କ ଉପରେ ନିର୍ଭର କରିଥାନ୍ତି। ୨୦୨୪ ଜାନୁଆରୀ ୧ରେ ଉକ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ସ୍ୱାଗତ କରିବା ପାଇଁ ଯିବାବେଳେ କ୍ୟାଶିୟର ମହାସଂଘର ସିଆରପିଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ସଦସ୍ୟାମାନେ ବ୍ୟାଙ୍କ ମ୍ୟାନେଜର, ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଗତ ୧୧ ତାରିଖରେ ଆୟୁଷ୍ମାନ୍ ଭାରତ ଯୋଜନା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସମସ୍ତ ସଦସ୍ୟା ଯାଇଥିଲେ। ବଜାରରେ ଜଳଖିଆ ଖାଇବାକୁ ଯାଉଥିବା ବେଳେ ସମ୍ପୃକ୍ତ କ୍ୟାଶିୟର ପୁଣି ଗାଳିଗୁଲଜ ସହ ଦୁର୍ବ୍ୟବହାର କରିଥିବା ନେଇ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହୋଇଛି।

ବାରହା ଆକ୍ରମଣରେ ମହିଳା ଗୁରୁତର

କୃଷ୍ଣପ୍ରସାଦ,୧୪।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

ବାରହା ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ପଞ୍ଚାୟତ ପାଇକରାପୁର ଗ୍ରାମର ମାନସୀ ବାରିକ(୫୭)। ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସକାଳେ ମାନସୀ ଚିନାବାଦାମ କ୍ଷେତକୁ ଯିବା ସମୟରେ ଏକ ବାରହା ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ଛତ୍ରପୁର ମେଡିକାଲ ଏବଂ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଜଟଣୀ,୧୪।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ପୋଲିସ ସୋମବାର ଦୁଇଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱର ମହିଁଷାଖାଲ ବସ୍ତିର ଛବି ଓରଫ ସୁଧୀର ନାୟକ(୨୬) ଏବଂ ଖଣ୍ଡଗିରି ଥାନା ଅଧୀନ ଜାଗମରା ଅଞ୍ଚଳର ସୁବାସ ପଟ୍ଟନାୟକ(୪୪)। ଏମାନଙ୍କ ନିକଟରୁ ୧୯ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୬୪/୨୫) ରୁଜୁ ପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳ କହିଛନ୍ତି। ସୂଚନା ମୁତାବକ, ଜଟଣୀ ମା' ଖଣ୍ଡୁଆଳି ମନ୍ଦିର ନିକଟରେ ବ୍ରାଉନ୍‌ସୁଗାର ବେପାର ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପରେ ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ବ୍ରାଉନ୍‌ସୁଗାର ଜବତ କରିଥିଲା। ଅଭିଯୁକ୍ତ ସୁବାସଙ୍କ ନାମରେ ଭୁବନେଶ୍ୱର ମହିଳା ଥାନାରେ ଏବଂ ଅଭିଯୁକ୍ତ ଛବିଙ୍କ ନାମରେ ବଡ଼ଗଡ଼ ଥାନାରେ ୫ଟି ମାମଲା ରହିଥିବା ପୋଲିସ କହିଛି।

୧୦,୮୦୦ ଲିଟର ପୋଚ ନଷ୍ଟ

ବେଗୁନିଆ,୧୪।୪(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ଜିଲା ଭ୍ରାମ୍ୟମାଣ ଅଧିକାରୀ ଥାପା ମାରାଣ୍ଡି ଏବଂ ବେଗୁନିଆ ଅବକାରୀ ଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ବରପଦାର ତିନୋଟି ସ୍ଥାନରୁ ମୋଟ ୧୦ ହଜାର ୮ ଶହ ଲିଟର ପୋଚ ଜବତ କରି ନଷ୍ଟ କରାଯାଇଥିବାବେଳେ ୯୧୦ ଲିଟର ଦେଶୀ ମଦ ସହ ବ୍ୟବହୃତ ସରଞ୍ଜାମ ଜବତ କରାଯାଇଥିଲା।

ଆମ୍ବେଡକରଙ୍କ ଜୟନ୍ତୀ ସମାରୋହ

ନିରାକାରପୁର,୧୪।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତ ଅନୁସୂଚିତ ସାହିରେ ଛତ୍ରପତି ସାହୁଜୀ ମହାରାଜ ଯୁବକ ସଂଘ ପକ୍ଷରୁ ଡ.ବି.ଆର୍. ଆମ୍ବେଡକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମିତିସଭ୍ୟ ଦୁର୍ଗାନାଥ ଶର୍ମା, ବ୍ୟାଙ୍କ ପରିଚାଳକ ବାଉରି ବନ୍ଧୁଗୋଚ୍ଛାୟତ, ସାମାଜିକ କର୍ମୀ ବିଦୁଭୂଷଣ ମହାରଣା, ଶୟେଦ୍ ୟାଶିର ନାୱାଜ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ବନୋଜ ନାୟକ, ବାବୁ ନାୟକ, ଆର୍ତ୍ତତ୍ରାଣ ନାୟକଙ୍କ ସମେତ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

'ଯୁବପିଢ଼ି ସାହିତ୍ୟାନୁରାଗୀ ହୁଅନ୍ତୁ'

ଖୋର୍ଦ୍ଧା,୧୪।୪(ପ୍ରଭାତ ପାଣିଗ୍ରାହୀ)

ବନଜା ଦେବୀଙ୍କୁ ଖୋର୍ଦ୍ଧା ବିଷୁବ ସମ୍ମାନ ଏବଂ ମନସ୍ୱିନୀ ଦାଶଙ୍କୁ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

ବିଷୁବ ମିଳନ ଏବଂ ଓଡ଼ିଆ ନବବର୍ଷ ସମାରୋହ

■ବନଜା ଦେବୀଙ୍କୁ ଖୋର୍ଦ୍ଧା ବିଷୁବ ସମ୍ମାନ, ମନସ୍ୱିନୀଙ୍କୁ ସାରସ୍ୱତ ସମ୍ମାନ

ସମାଜରେ ସୁସ୍ଥ ପରମ୍ପରା ବଜାୟ ରଖିବା ପାଇଁ ଭାଷା ସାହିତ୍ୟ ଓ ସଂସ୍କାରମୂଳକ କାର୍ଯ୍ୟର ଗୁରୁତ୍ୱ ରହିଛି। ସମସ୍ତେ ମା', ମାଟି ଓ ମାତୃଭାଷାକୁ ଭଲପାଇବା ଆବଶ୍ୟକ। ଏଥିପ୍ରତି ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ସ୍ଥାନୀୟ ଗୀତା ଭବନ ସଭାଗୃହରେ ସୋମବାର ଅନୁଷ୍ଠିତ ବିଷୁବ ମିଳନ ଏବଂ ଓଡ଼ିଆ ନବବର୍ଷ–୨୦୨୫ ସମାରୋହରେ ମୁଖ୍ୟବକ୍ତା ଡ. କବିତା ବାରିକ ଏହା କହିଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା' ଶାରଳାଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ଉତ୍ସବକୁ ଉଦ୍‌ଘାଟନ କରି ଐତିହାସିକ ପ୍ରଫେସର ନାରାୟଣ ରାଓ ଖୋର୍ଦ୍ଧାର ଇତିହାସ, ସାହିତ୍ୟ ଓ ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଓଡ଼ିଶାର କଳା, ଭାଷା, ସାହିତ୍ୟ, ସ୍ଥାପତ୍ୟ ଅସ୍ମିତାର ପ୍ରତୀକ। ଏଥିପ୍ରତି ପ୍ରତିବଦ୍ଧତା ଜରୁରୀ। ବାସ୍ତବ ଜୀବନରେ ଏହାର ପ୍ରତିଫଳନ ହେଲେ ଓଡ଼ିଶାର ସଂସ୍କୃତି, ପରମ୍ପରାର ଗୌରବ ବଜାୟ ରହିବ। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସତ୍ତ୍ୱେ ଓଡ଼ିଶୀ ସଙ୍ଗୀତ ଆଜି ମଧ୍ୟ ମାନ୍ୟତା ପାଇବା ପାଇଁ ସଂଘର୍ଷ ଜାରି ରହିଛି। ଏଥିପାଇଁ ସାମୂହିକ ଉଦ୍ୟମ ଜରୁରୀ। ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜର ସଭାପତି ତଥା ବରିଷ୍ଠ କଥାଶିଳ୍ପୀ ଡ. ସୁରେଶ ଛୋଟରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ସମ୍ମାନିତ ଅତିଥି ତଥା ପୂର୍ବତନ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶିକା ବିଶିଷ୍ଟ ସାରସ୍ୱତ ସାଧିକା ଡ. ମନସ୍ୱିନୀ ଦାଶ ଖୋର୍ଦ୍ଧାର କଥିତ ଭାଷା ଓଡ଼ିଶାର ଭାଷା ସାହିତ୍ୟକୁ ସମୃଦ୍ଧ କରିଥିବା ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ବନଜା ଦେବୀ କହିଥିଲେ, ଖୋର୍ଦ୍ଧାର ଇତିହାସ ଏବଂ ବର୍ତ୍ତମାନର ଭାଷା, ସାହିତ୍ୟରେ ଯୁବପିଢ଼ିଙ୍କ ସମ୍ପୃକ୍ତି ନେଇ ଆଲୋକପାତ କରିଥିଲେ। ସାହିତ୍ୟରେ ସମାଜର ଆତ୍ମା ଥାଏ। ତେଣୁ ଆଜିର ସାହିତ୍ୟ ସମାଜ ଉପଯୋଗୀ ହେବା ସହ ଭବିଷ୍ୟତର ସମାଜକୁ ସମୃଦ୍ଧ କରିବା ପାଇଁ ପ୍ରେରଣାଦାୟୀ। ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜର ସମ୍ପାଦକ ଜ୍ଞାନ ରଞ୍ଜନ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାମାଜିକ କର୍ମୀ ମିହିର ବିଧାର ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ କଥାଶିଳ୍ପୀ ବନଜା ଦେବୀଙ୍କୁ ଖୋର୍ଦ୍ଧା ବିଷୁବ ସମ୍ମାନ–୨୦୨୫ ଏବଂ ବରିଷ୍ଠ କଥାଶିଳ୍ପୀ, କବି ଡ. ମନସ୍ୱିନୀ ଦାଶଙ୍କୁ ଦ୍ୱିତୀୟ ଯମେଶର କହଲସିଂହ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଥମ ଅଧିବେଶନରେ ଡ. ପ୍ରଫୁଲ୍ଲ ସାମନ୍ତରାୟଙ୍କ ପୌରୋହିତ୍ୟରେ କବି ସମରଜିତ୍ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ମହାରଣା, ଗୋପୀନାଥ ଦାଶ, କମଳିନୀ ମଲ୍ଲିକ ଏବଂ ସୌଦାମିନୀ ବେହେରାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ତ୍ରିଲୋଚନ ଦାସ ଓ ନିଶିକାନ୍ତ କହଲସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜର କୋଷାଧ୍ୟକ୍ଷ ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୃପାସିନ୍ଧୁ ବିଶ୍ୱାଳ, ବିପିନ ମହାନ୍ତି, ସୁନୀଲ ବୋଷ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ତପନ ମହାପାତ୍ର, ଜବାହର ସୁବୁଦ୍ଧି, ବାବାଜୀ ଚରଣ ଜେନା, ଅଖିଳେଶ ମହାପାତ୍ର, ସୁମତୀ ଦେଈ, ଇତିଶ୍ରୀ ସାହୁଙ୍କ ସମେତ ଶତାଧିକ ସଂସ୍କୃତିପ୍ରେମୀ ଓ କବି ଉପସ୍ଥିତ ଥିଲେ।

ଓଡ଼ିଶାର କଳା ସ୍ଥାପତ୍ୟ ଐତିହ୍ୟର ପରିଚୟ ଦିଏ

ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଖୋର୍ଦ୍ଧା,୧୪।୪(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର ଓଡ଼ିଆ ନବବର୍ଷ ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଜିଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଉତ୍କର୍ଷରୁ ଉତ୍କଳ, ଉତ୍କଳୀୟ ସଂସ୍କୃତି ପରମ୍ପରା ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। ଶ୍ରୀମନ୍ଦିର, କୋଣାର୍କ କଳିଙ୍ଗ ସ୍ଥାପତ୍ୟ କଳାର ପ୍ରମାଣ ଦିଏ, ଯାହାକି ବିଶ୍ୱରେ ଅନନ୍ୟ, ଐତିହାସିକ କୀର୍ତ୍ତିରାଜି ଏହାର ତୁଳନା ନାହିଁ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ରବି ସେନାପତି, ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଡେପୁଟି କଲେକ୍ଟର ଟି. ଚୁଲିଆମା, ରଞ୍ଜନ ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା, ଅତିରିକ୍ତ ଜିଲା କଲ୍ୟାଣ ଅଧିକାରୀ ସୁଷମା ମହାନ୍ତି, ସହକାରୀ ଜିଲାପାଳ କ୍ରିଷ୍ଣା କୁମାର ଜେନା, ଭୁବନେଶ୍ୱରୀ କଂହର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ଝୋଟି ଓ ଚିତା, ହୁଳୁହୁଳି, ମୁରୁଜ ଓ ପିଠାପଣା ଆଦି ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ପଣା ବଣ୍ଟନ କରାଯାଇଥିଲା। ପିଠାପଣା ପ୍ରତିଯୋଗିତାରେ ଖୋର୍ଦ୍ଧା ପ୍ରକଳ୍ପ ପ୍ରଥମ, ଜଟଣୀ ପ୍ରକଳ୍ପ ଦ୍ୱିତୀୟ ଏବଂ ବାଲିଅନ୍ତା ପ୍ରକଳ୍ପ ତୃତୀୟ ସ୍ଥାନ ହାସଲ କରିଛି। ଝୋଟି ଓ ଚିତା ପ୍ରତିଯୋଗିତାରେ ଜଙ୍କିଆର ସୁଜାତା ରାଉତରାୟ ପ୍ରଥମ, ବାଣପୁରର ଶିବାନୀ ବାରିକ ଦ୍ୱିତୀୟ ଏବଂ ଚିଲିକାର ପ୍ରିୟଦର୍ଶିନୀ ପ୍ରଧାନ ତୃତୀୟ ସ୍ଥାନରେ ରହିଛନ୍ତି। ମୁରୁଜ ପ୍ରତିଯୋଗିତାରେ ବେଗୁନିଆର ଭାନୁପ୍ରିୟା ବେହେରା ପ୍ରଥମ, ଟାଙ୍ଗୀର ପୁଷ୍ପିତା ଭୋଳ ଦ୍ୱିତୀୟ ଏବଂ ଖୋର୍ଦ୍ଧାର ଦେବଯାନୀ ଦାଶ ତୃତୀୟ ସ୍ଥାନରେ ରହିଛନ୍ତି। ହୁଳହୁଳି ପ୍ରତିଯୋଗିତାରେ ଜଟଣୀର ସାଗରିକା ଦାଶ ପ୍ରଥମ, ଭୁବନେଶ୍ୱର ଗ୍ରାମାଞ୍ଚଳର ସୁଜାତା ଜେନା ଦ୍ୱିତୀୟ ଏବଂ ଜଟଣୀ ବ୍ଲକ ଅଞ୍ଚଳର ପ୍ରତିମା ଖଟୁଆ ତୃତୀୟ ସ୍ଥାନରେ ରହିଛନ୍ତି।

୭୮ତମ ପଣାଯାତ୍ରା ଆରମ୍ଭ

କୃଷ୍ଣପ୍ରସାଦ,୧୪।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଠାକୁରଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଦେଉଳପଡ଼ା ତିତିପଠାରେ ୩୫ ମୌଜା ପରିଚାଳନା କମିଟି ଆନୁକୂଲ୍ୟରେ ୭୮ତମ ପଣାଯାତ୍ରା ମହୋତ୍ସବ ଆରମ୍ଭ ହୋଇଛି। ୩୫ ମୌଜାର ମୁଖ୍ୟ ପୀଠାଧୀଶ କମଳେଶ୍ୱର ଦେବଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମରୁ ୧୮ ଠାକୁର ସୁସଜ୍ଜିତ ବିମାନରେ ପଟୁଆରରେ ଆସି ପଣାଯାତ୍ରା ପଡ଼ିଆରେ ପହଞ୍ଚି ନିଜ ନିଜ ଆସନରେ ବିରାଜମାନ କରିଛନ୍ତି। ଉପସ୍ଥିତ ବହୁ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିଥିଲେ। ଏହି ଯାତ୍ରା ୫ ଦିନ ଧରି ଚାଲିବାକୁ ଥିବା ବେଳେ ପ୍ରତିଦିନ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ପାଲା, ସଂକୀର୍ତ୍ତନ, ପାଇକ ଆଖଡ଼ା, ଭାରତଲୀଳା ପ୍ରତିଯୋଗିତା ହୋଇଥାଏ। ଦୁଇଟି ଗଣନାଟ୍ୟ ନାଟ୍ୟ ପରିବେଷଣ କରୁଛନ୍ତି। ବ୍ରହ୍ମଗିରି ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରଥମ ଦିବସରେ ବିଗ୍ରହଙ୍କୁ ଦର୍ଶନ କରି ବିଭୁକୃପା ଲାଭ କରିବା ସହିତ ଅଞ୍ଚଳର ମଙ୍ଗଳ କାମନା କରିଥିଲେ। ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ, ସମ୍ପାଦକ ଦିଲୀପ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଯାତ୍ରା ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେବା ଯୋଗାଇ ଦିଆଯିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପଡ଼ିଆରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ କୃଷ୍ଣପ୍ରସାଦ ଥାନା ଆଇଆଇସି ଭାବଗ୍ରାହୀ ରାଉତଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଚନ୍ଦ୍ରଶେଖର ନାୟକ, ଏସ୍‌ଆଇ ସୁଜିତ କୁମାର ସାହୁଙ୍କ ସମେତ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅମାନିଆଙ୍କୁ ସାବାଡ଼ କରିବା ପାଇଁ କମିଟି ପକ୍ଷରୁ ଏକ ଅସ୍ଥାୟୀ ହାଜତ କରାଯାଇଛି। ବିଶୃଙ୍ଖଳିତ ବ୍ୟକ୍ତିଙ୍କୁ ରାତିସାରା ହାଜତରେ ରଖାଯିବା ସହ ଚୁକ୍ତିନାମା ପରେ ଛାଡ଼ିଦିଆଯାଇଥାଏ। ଅନ୍ୟପଟେ ବାବା କମଳେଶ୍ୱର ଦେବ ଗୋଲ୍ଡେନ କ୍ଲବ ପକ୍ଷରୁ ଯାତ୍ରା ପଡ଼ିଆର ସ୍ୱଚ୍ଛତା ଦିଗରେ ଗୁରୁତ୍ୱ ଦିଆଯାଉଛି।

ଅଭିଯୋଗର ହେବ ତ୍ୱରିତ ସମାଧାନ

ଖୋର୍ଦ୍ଧା,୧୪।୪(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଆ ନବବର୍ଷ ଏବଂ ହନୁମାନ ଜୟନ୍ତୀ ଅବସରରେ ସୋମବାର ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଲୋକମାନଙ୍କ ସେବା ଉଦ୍ଦେଶ୍ୟରେ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ଓଡ଼ିଆ ନବବର୍ଷ ଶୁଭେଚ୍ଛା ଜଣାଇ ଶ୍ରୀମଦ୍‌ଭଗବଦ୍ ଗୀତା ପ୍ରଦାନ କରି ଜନଶୁଣାଣିର ଶୁଭାରମ୍ଭ କରିଥିଲେ। ବିକାଶ ଓ ସେବା ହିଁ ପ୍ରାଥମିକତା। ଆଗାମୀ ଦିନରେ ଜନସାଧାରଣଙ୍କଠୁ ଆସୁଥିବା ଅଭିଯୋଗର ସ୍ଥାୟୀ ସମାଧାନ କରାଯିବ। ଜନସାଧାରଣଙ୍କ ଅଭିଯୋଗର ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ ପଦକ୍ଷେପ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରାଯିବ। ଜନସାଧାରଣଙ୍କ ସେବା ଓ ବିକାଶ ହିଁ ମୁଖ୍ୟ ସଙ୍କଳ୍ପ ବୋଲି ଜଗଦ୍ଦେବ କହିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପାର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର

ଶୋଭାଯାତ୍ରାରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏମ୍‌ପି ସମିତ୍ ପାତ୍ର ଏବଂ ଅନ୍ୟମାନେ।

ବାଲୁଗାଁ/ବାଣପୁର,୧୪।୪ (ସଂଗ୍ରାମ ପାଇକରାୟ/ଦିଲୀପ ସ୍ୱାଇଁ)

ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏବଂ ହନୁମାନ ଜୟନ୍ତୀ ଉପଲକ

ରଣେନ୍ଦ୍ରଙ୍କ ଚିଠି: ବଢ଼ିଲା ଦଳୀୟ ରାଜନୀତି

ଭୁବନେଶ୍ୱର, ୧୪।୪(ସୁନିତ୍ ମିଶ୍ର)

ଥପୁଣି ବିଜେଡିରେ ୱକ୍‌ଫ ଦ୍ୱନ୍ଦ୍ୱ

■ ଦଳକୁ ହାଇଜାକ୍ କରିବାକୁ କିଛି ଲୋକଙ୍କୁ ସୁଯୋଗ ନ ମିଳୁ: ରଣେନ୍ଦ୍ର

■ ସେ ଯଦି ହାଇଜାକ୍ କଥା କିଛି ଜାଣିଥିବେ କହୁଥିବେ: ଦେବୀ ମିଶ୍ର

ବିଜେଡିରେ ବରିଷ୍ଠ ନେତାମାନଙ୍କ ମୁହଁରେ ତୁଣ୍ଡି ଲଗାଇବାରେ ଦଳର ସଭାପତି ନବୀନ ପଟ୍ଟନାୟକ ଏକ ପ୍ରକାର ବିଫଳ ହେଉଛନ୍ତି। ଅନ୍ୟପଟେ ବରିଷ୍ଠ ନେତାମାନେ ମଧ୍ୟ ଭିନ୍ନ ଭିନ୍ନ ପ୍ରସଙ୍ଗ ଉଠାଇ ସିଧାସଳଖ ନବୀନଙ୍କୁ କାଠଗଡ଼ାରେ ଛଡ଼ାକରିବାରେ ଲାଗିଛନ୍ତି। ୱକ୍‌ଫ ବିଲ୍ ପ୍ରସଙ୍ଗରେ ଏ ପର୍ଯ୍ୟନ୍ତ ନବୀନ ତାଙ୍କ ଦଳର ନେତାଙ୍କୁ ବୁଝାଇପାରିନାହାନ୍ତି। ରବିବାର ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦଳୀୟ ସଭାପତିଙ୍କୁ ଲେଖିଥିବା ଚିଠି ପୁଣି ନବୀନଙ୍କ ପାଇଁ ଆଉ ଏକ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏହାକୁ ନେଇ ବିଜେଡିରେ ପୁଣି ଥରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ଦଳକୁ ହାଇଜାକ୍ କରିବା ଲାଗି କେତେଜଣ ଲୋକଙ୍କୁ ଦିଆ ନ ଯାଉ ବୋଲି ରଣେନ୍ଦ୍ର କହିବା ପରେ ରାଜନୀତି ଆହୁରି ଜୋର୍ ଧରିଛି।

ରଣେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ବିଜୁବାବୁଙ୍କ ରାଜନୀତିର ଆଧାର ଧର୍ମନିରପେକ୍ଷତା, ସାମାଜିକ ନ୍ୟାୟ ଓ ଆଞ୍ଚଳିକ ଅସ୍ମିତା ଥିଲା। ସମାଜରେ ଅବହେଳିତ ଲୋକମାନଙ୍କୁ ସମ୍ମାନର ସହ ସଶକ୍ତ କରାଇବା, ପ୍ରତିନିଧିତ୍ୱ ଦେବା ଓ ସୁଯୋଗ ଦେବା ପାଇଁ ବିଜୁବାବୁ ସ୍ୱପ୍ନ ଦେଖିଥିଲେ। ଏହା ଆପଣଙ୍କ ନେତୃତ୍ୱରେ ମଧ୍ୟ ପ୍ରତିଫଳିତ ହୋଇଥିଲା। ଏବେ ଏହା ଉପରେ ସ୍ପଷ୍ଟତା ଆଣିବା ଲାଗି ପରିସ୍ଥିତି ଆହ୍ୱାନ କରୁଛି। ଦଳର ଆଦର୍ଶ ଓ ସାମାଜିକ ନ୍ୟାୟ ଆଗରେ ରହୁ। ସାମାଜିକ ନ୍ୟାୟ ପାଇଁ ସଂରକ୍ଷଣ ଜରୁରୀ। କେବଳ ରାଜ୍ୟ ନୁହେଁ, ଜିଲା ଓ ବ୍ଲକ୍ ସ୍ତରରେ ମଧ୍ୟ ଏହା କାର୍ଯ୍ୟକାରୀ ହେଉ। ଅର୍ଥାତ୍ ଏସ୍‌ସି, ଏସ୍‌ଟି, ଓବିସି, ସଂଖ୍ୟାଲଘୁ ଓ ମହିଳାଙ୍କୁ ସେମାନଙ୍କ ସଂଖ୍ୟା ଅନୁପାତରେ ବିଜେଡିର ରାଜ୍ୟ, ଜିଲା ଓ ବ୍ଲକ୍ କମିଟିରେ ସ୍ଥାନ ମିଳୁ। କେତେଜଣ ଲୋକଙ୍କୁ ଦଳକୁ ହାଇଜାକ୍ କରିବାକୁ ଦିଆ ନ ଯାଉ। ୱକ୍‌ଫ ବିଲ୍ ବାବଦ ବିଜେଡିର ଧର୍ମନିରପେକ୍ଷତାରେ ପ୍ରଶ୍ନ ଲଗାଇଦେଇଛି। ୱକ୍‌ଫ ବିଲ୍‌କୁ ନେଇ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଏହା ଧର୍ମନିରପେକ୍ଷ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦଳ ସାମାଜିକ ନ୍ୟାୟ ଓ ଧର୍ମନିରପେକ୍ଷତାକୁ ପୁଞ୍ଜିକରି ଆଗକୁ ବଢୁ ବୋଲି ରଣେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

ରଣେନ୍ଦ୍ରଙ୍କ ଚିଠି ଉପରେ ପ୍ରତିକ୍ରିୟା ରଖି ବରିଷ୍ଠ ନେତା ଦେବୀ ମିଶ୍ର କହିଛନ୍ତି, ହାଇଜାକ୍ କଥା ବିଷୟରେ ରଣେନ୍ଦ୍ରବାବୁ ବୁଝାଇପାରିବେ, କାରଣ ସେ ବିଷୟରେ ବେଶି ଜାଣିଥିବେ। ସେ ଜଣେ ବରିଷ୍ଠ ନେତା, ତାଙ୍କର ଯଦି ହାଇଜାକ୍ ବିଷୟରେ ଅଧିକ ଉପଲବ୍ଧି ଥିବ କି ଏ ବିଷୟରେ କିଛି ଜାଣିଥିବେ ତେବେ ସେକଥା କହୁଥିବେ। ଆଗରୁ କ'ଣ ଦଳକୁ କିଏ ହାଇଜାକ୍ କରିଦେଇଛି କି ? ନଈ ନ ଦେଖୁଣୁ ଲଙ୍ଗଳା ହେବା ଉଚିତ ନୁହେଁ। ସାମାଜିକ ନ୍ୟାୟ କଥା କହିଲେ ପ୍ରଥମ କଥା ହେଉଛି ଦଳିତ, ଆଦିବାସୀ କିମ୍ବା ପଛୁଆବର୍ଗଙ୍କ ଆର୍ଥିକ ସ୍ତରରେ ଅଭିବୃଦ୍ଧି ହେବା ଦରକାର। ସେମାନଙ୍କ ଅର୍ଥନୈତିକ ସମୃଦ୍ଧି ଦରକାର, ଯାହା ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ବ୍ୟାପକ ଭାବେ କରାଯାଇଛି।

୩ ଥର ଷଡ଼ଯନ୍ତ୍ରକରି ଆମ୍ବେଡକରଙ୍କୁ ନିର୍ବାଚନରେ ଜିତାଇଦେଇନି କଂଗ୍ରେସ: ଭାଜପା

ଭୁବନେଶ୍ୱର, ୧୪।୪(ସୁନିତ୍ ମିଶ୍ର)

ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଲେ ମୁଖ୍ୟମନ୍ତ୍ରୀ

ଏଜି ଛକସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ବାବା ସାହେବ ଭୀମରାଓ ଆମ୍ବେଡକରଙ୍କ ୧୩୫ତମ ଜୟନ୍ତୀ ପାଳନ ଅବସରରେ କଂଗ୍ରେସକୁ ଟାର୍ଗେଟ କରିଛି ଭାଜପା। ଭାଜପା ନେତାମାନେ ଏହି ଅବସରରେ ଅଭିଯୋଗ କରିଛନ୍ତି, ଆମ୍ବେଡକରଙ୍କୁ କଂଗ୍ରେସ ବହୁବାର ଅସମ୍ମାନିତ କରିଛି। ଏପରିକି ୩ ଥର ଜାଣିଶୁଣି କଂଗ୍ରେସ ଷଡ଼ଯନ୍ତ୍ରକରି ଆମ୍ବେଡ୍‌କରଙ୍କୁ ନିର୍ବାଚନ ମଧ୍ୟ ଜିତାଇଦେଇ ନ ଥିବା ଭାଜପା ଅଭିଯୋଗ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଆମ୍ବେଡକରଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ସମାଜକୁ ନୂଆ ଦିଗ୍‌ଦର୍ଶନ ଦେବାରେ ବାବା ସାହେବ ଅନ୍ୟ ନେତାମାନଙ୍କଠାରୁ ଆଗରେ ଥିଲେ। ହେଲେ ଆମ୍ବେଡକରଙ୍କୁ ବିଭିନ୍ନ ପରିସ୍ଥିତିରେ କଂଗ୍ରେସ ଓ ସେମାନଙ୍କ ନେତୃବୃନ୍ଦ ଯେଉଁଭଳି ବାରମ୍ବାର ଅପମାନିତ କରିଛନ୍ତି, ତାହା ଅକ୍ଷମଣୀୟ। କିନ୍ତୁ ଭାଜପା ସମ୍ବିଧାନର ମର୍ଯ୍ୟାଦାକୁ ଅଟୁଟ ରଖିଛି ବୋଲି ମନମୋହନ କହିଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି, ଦେଶର ସମ୍ବିଧାନ ପ୍ରଣୟନରେ ବାବା ସାହେବ ଅମୂଲ୍ୟ ରତ୍ନ ଥିଲେ। କଂଗ୍ରେସ ଏହି ସମ୍ବିଧାନକୁ ନଷ୍ଟକରିବା ପାଇଁ ବହୁ ଅପଚେଷ୍ଟା କରିଥିଲା, କିନ୍ତୁ ଏଥିରେ ସଫଳ ହୋଇପାରିଲାନାହିଁ। କଂଗ୍ରେସ ଆମ୍ବେଦକରଙ୍କୁ କେବଳ ଉପେକ୍ଷା କରିନାହିଁ ବରଂ ନିର୍ବାଚନରେ ୩ ଥର ବାଧା ସୃଷ୍ଟିକରି ହରାଇଛି ବୋଲି ସେ କହିଛନ୍ତି। ଭୁବନେଶ୍ୱର ଏଜି ଛକ ସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନମୋହନ ସାମଲଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ, ସାଂସଦ, ବିଧାୟକ, ରାଜ୍ୟ ପଦାଧିକାରୀ, ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

କଂଗ୍ରେସ ଏବେ ରାଜ୍ୟବାସୀଙ୍କ ବିକଳ୍ପ: ଭକ୍ତ

ଭୁବନେଶ୍ୱର/ଗୁଡ଼ାରି, ୧୪।୪
(ରବିନାରାୟଣ ଜେନା/ପ୍ରମୋଦ କୁମାର ପତି)

ଗୁଣପୁରର ଶତାଧିକ ବିଜେଡି କର୍ମୀ ଧରିଲେ ହାତ

ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟମାନଙ୍କ ଗହଣରେ ଗୁଣପୁର ବିଜେଡିର ଶତାଧିକ ନେତା ଓ କର୍ମୀ।

ରାଜ୍ୟରେ ଦୁର୍ନୀତି, ନାରୀ ନିର୍ଯାତନା ଓ ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ରାଜ୍ୟର ପ୍ରମୁଖ ବିରୋଧୀଦଳ ବିଜେଡିର ସାଲିସ୍ ନୀତି ଯୋଗୁ ଏବେ କଂଗ୍ରେସ ଲୋକଙ୍କ ଆସ୍ଥାଭାଜନ ହେଉଛି। ଏହି କ୍ରମରେ ଗୁଣପୁର ଓ ରାୟଗଡ଼ାରେ ବିଜେଡି ଗଡ଼ ଭୁଶୁଡ଼ିପଡ଼ିଛି ବୋଲି ଭକ୍ତ କହିଛନ୍ତି। ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ଗୁଡାରୀ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କଠାରୁ ଆରମ୍ଭ କରି ସରପଞ୍ଚ ଓ ୱାର୍ଡମେମ୍ବରଙ୍କ ପର୍ଯ୍ୟନ୍ତ ଅନେକ ବିଜେଡି କର୍ମୀ ଏବେ କଂଗ୍ରେସ ଉପରେ ଆସ୍ଥା ପ୍ରକଟ କରିଛନ୍ତି। କଂଗ୍ରେସର ଏହି ମିଶ୍ରଣ ଅଭିଯାନ ଜାରି ରହିବ। ଆଗାମୀ ଦିନରେ କଂଗ୍ରେସ ରାଜ୍ୟବାସୀଙ୍କ ବିକଳ୍ପ ହେବ ବୋଲି ଭକ୍ତ କହିଛନ୍ତି।

ସୋମବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଲକ୍ଷ୍ମୀଙ୍କ ସହିତ ତନଶହରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗଦେଇଛନ୍ତି। ଏହି ଅବସରରେ ଭକ୍ତ କହିଲେ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ,ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆଦର୍ଶ ଓ ସଂଗ୍ରାମ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ତ୍ୟାଗରେ ଅନୁପ୍ରାଣିତ ହୋଇ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୁଡ଼ାରି ବ୍ଲକ ଅଧ୍ୟକ୍ଷ, ଉପସଭାପତି, ଯୁବ ସଭାପତି, ଛାତ୍ର ସଭାପତି, ସମିତି ସଭ୍ୟ, ସରପଞ୍ଚ ଓ ତିନିଶହରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ କଂଗ୍ରେସ ଦଳରେ ଯୋଗଦେଇଛନ୍ତି। କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକାଙ୍କର ଜନସେବା, ରାୟଗଡ଼ା ଏବଂ କୋରାପୁଟ ଜିଲାର ବିକାଶ ପାଇଁ ତାଙ୍କର ସଂକଳ୍ପ ଓ ନିର୍ଭର ପ୍ରତିଶ୍ରୁତି ହିଁ କଂଗ୍ରେସରେ ଯୋଗଦେବାକୁ ସେମାନଙ୍କୁ ଉତ୍ସାହିତ କରିଥିଲା।

ଏହି ଅବସରରେ ଗୁଡ଼ାରି ବ୍ଲକ ବିଜେଡି ସଭାପତି କାଶୀ ବଳିଆରସିଂ ପ୍ରମୁଖଙ୍କୁ ପିସିସି ସଭାପତି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଆନୁଷ୍ଠାନିକ ଭାବେ ଦଳରେ ସାମିଲ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଧାୟକ ସାଗର ଦାସ, ପୂର୍ବତନ ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ପୂର୍ବତନ ସାଂସଦ ନକୁଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଦଳର ଶୃଙ୍ଖଳାକୁ ଜୁନିୟର ଭଙ୍ଗ କରୁଛନ୍ତି: ଦେବାଶିଷ

କଟକ,୧୪।୪ (ଶିଳ୍ପା ପ୍ରିୟଦର୍ଶିନୀ)

ସୁଲତାଙ୍କ ଟୁଇଟ୍‌ର ଜବାବ୍‌ରେ ପ୍ରତିକ୍ରିୟା ରଖିଲେ

ୱକ୍‌ଫ ବିଲ୍‌କୁ ନେଇ ବିଜେଡିରେ କନ୍ଦଳ ବଢିବାରେ ଲାଗିଛି। ରାଜ୍ୟ ସଭା ସଦସ୍ୟା ସୁଲତା ଦେଓଙ୍କ ସୋସିଆଲ ମିଡିଆ ପୋଷ୍ଟର କଡ଼ା ଜବାବ ଦେଇଛନ୍ତି ରାଜ୍ୟ ସଭା ସଦସ୍ୟ ତଥା କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ। ସୋମବାର କଟକ ଲାଲ୍‌ବାଗଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ଦେବାଶିଷ କହିଛନ୍ତି, ଦଳକୁ ସୁଲତା କେବେ ଆସିଛନ୍ତି ଏକଥା ସମସ୍ତେ ଜାଣନ୍ତି। ଜଣେ ଜୁନିୟର ସଭ୍ୟ ହୋଇ ପୁଣି ମୁଖିଆ ମନା କଲା ପରେ ବି ସେ ଟୁଇଟ୍ କରି ବିବାଦ ବଢ଼ାଉଛନ୍ତି। ଦଳରେ ବରିଷ୍ଠ ନେତାମାନେ ଶୃଙ୍ଖଳା ବଜାୟ ରଖିବା ପାଇଁ ଲାଗିଥିବାବେଳେ ଜୁନିୟରମାନେ ଶୃଙ୍ଖଳା ଭଙ୍ଗ କରୁଛନ୍ତି। ଏକଥା ଆଗାମୀ ଦିନରେ ସଭାପତି ନବୀନ ପଟ୍ଟନାୟକ ବିଚାର କରିବେ ବୋଲି ସାମନ୍ତରାୟ କହିଛନ୍ତି। ସୂଚନା ଥାଉକି, ରବିବାର ସୁଲତା ଦେଓ ଏକ୍ସ'ରେ ଉଲ୍ଲେଖ କରିଥିଲେ, ବିବେକାନୁମୋଦିତ ଭୋଟ୍ ଦେବା ପାଇଁ ଗତ ୭ତାରିଖରେ ନବୀନ ପଟ୍ଟନାୟକ ସିଧା ଶବ୍ଦରେ କହିଥିଲେ। ମୁନା ଖାଁ ଓ ତାଙ୍କ ସହ ଆସିଥିବା ଦେବାଶିଷ ସାମନ୍ତରାୟଙ୍କ ସମର୍ଥକଙ୍କୁ ମଧ୍ୟ ନବୀନ ଏକଥା କହିଥିଲେ। ସୁଲତାଙ୍କ ଏହି ପୋଷ୍ଟ ପରେ ସୋମବାର ଦେବାଶିଷ ଏଭଳି ମନ୍ତବ୍ୟ ଦେଇଛନ୍ତି। ଅନ୍ୟପଟେ ବିଜେଡର ବରିଷ୍ଠ ନେତା ପ୍ରଭାତ ତ୍ରିପାଠୀ ଦଳରେ ନ ଥିବା ନେଇ ନବୀନ ପଟ୍ଟନାୟକ କହିଥିବା ପ୍ରସଙ୍ଗରେ ଖବରଦାତାଙ୍କ ପ୍ରଶ୍ନରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ପ୍ରଭାତ ତ୍ରିପାଠୀ ଯାହା କହିଛନ୍ତି ତାହା ତାଙ୍କ ବ୍ୟକ୍ତିଗତ ମତ। ସେ ଯାହା କହିଛନ୍ତି ଆଗାମୀ ଦିନରେ ଦଳ ତାହାର ବିଚାର କରିବ। ଗଣତାନ୍ତ୍ରିକ ପ୍ରକ୍ରିୟା ମଧ୍ୟରେ ଯେତେବେଳେ ରାଜନୈତିକ ଦଳ ପରିଚାଳିତ ହୁଏ, ସେତେବେଳେ ଭିନ୍ନ ମତ ରହିଥାଏ। ଖାସ୍ କରି ଭିନ୍ନ ମତ ଉପରେ ବିଜେଡି ସମ୍ମାନ ଦେଇ ଆସିଛି। ଏଥିରେ ତାଙ୍କର କୌଣସି ବ୍ୟକ୍ତିଗତ ଭାବେ ସମସ୍ୟା ହେବାର ନାହିଁ ବୋଲ ଦେବୀରଞ୍ଜନ ପ୍ରକାଶ କରଛନ୍ତା।

Business

ବେଦାନ୍ତ ଆଲୁମିନିୟମକୁ ଐତିହାସିକ ସଫଳତା

ଭୁବନେଶ୍ୱର,୧୪।୪

ବେଦାନ୍ତ ଆଲୁମିନିୟମକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଅଷ୍ଟ୍ରେଲିଆର ସର୍ବବୃହତ୍ ଏକ୍ସଟ୍ରୁଡର ଏବଂ ଆଲୁମିନିୟମ ଉତ୍ପାଦର ବିତରକ କାପ୍ରଲ୍ ଆଲୁମିନିୟମକୁ ବେଦାନ୍ତ ଆଲୁମିନିୟମ ପ୍ରଥମ ଥର ପାଇଁ ଆଲୁମିନିୟମ ଷ୍ଟିୱାର୍ଡଶିପ୍ ଇନିସିଏଟିଭ୍ (ଏଏସ୍‌ଆଇ) ଚେନ୍ ଅଫ୍ କଷ୍ଟୋଡି(ସିଓସି) ପ୍ରମାଣିତ ଆଲୁମିନିୟମ ପ୍ରଦାନକରି କମ୍ପାନୀ ଐତିହାସିକ ସଫଳତା ସହ ବିଶ୍ୱ ମାଇଲଖୁଣ୍ଟ ହାସଲ କରିଛି। ଅପରପକ୍ଷରେ ଏହି ଐତିହାସିକ ଯୋଗାଣ ବେଦାନ୍ତର ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି ଏବଂ ବିଶ୍ୱ ସ୍ଥାୟୀ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଚିହ୍ନିତ କରିଛି। ଏଏସ୍‌ଆଇର କଠୋର ମାନଦଣ୍ଡ ସହ ଏହାର ସ୍ଥାୟିତ୍ୱ ପଦକ୍ଷେପଗୁଡ଼ିକୁ ସମାନ କରିବା ପାଇଁ ୨ ବର୍ଷର ସକ୍ରିୟ କାର୍ଯ୍ୟ ପରେ ବେଦାନ୍ତ ଆଲୁମିନିୟମ ୨୦୨୪ ଶେଷ ଭାଗରେ ଏଏସ୍‌ଆଇ ସାର୍ଟିଫିକେଶନ ହାସଲ କରିଥିଲା। ଏଏସ୍‌ଆଇ ସାର୍ଟିଫିକେଶନ ନିଶ୍ଚିତକରେ ଯେ କଞ୍ଚାମାଲର ଦାୟିତ୍ୱପୂର୍ଣ୍ଣ ସୋର୍ସିଂଠାରୁ ଆରମ୍ଭକରି ନୈତିକ ଏବଂ ଶକ୍ତି-ଦକ୍ଷ ଉତ୍ପାଦନ ପର୍ଯ୍ୟନ୍ତ ଆଲୁମିନିୟମ ଉତ୍ପାଦନର ପ୍ରତ୍ୟେକ ପର୍ଯ୍ୟାୟ ସର୍ବୋଚ୍ଚ ପରିବେଶଗତ, ସାମାଜିକ ଏବଂ ଶାସନ (ଇଏସ୍‌ଜି) ମାନଦଣ୍ଡ ପାଳନ କରିଥାଏ। ବିଶ୍ୱବ୍ୟାପୀ ସ୍ଥାୟୀ ସାମଗ୍ରୀର ଚାହିଦା ବୃଦ୍ଧି ପାଉଥିବାରୁ ବେଦାନ୍ତ ଆଲୁମିନିୟମର ଏଏସ୍‌ଆଇ ପ୍ରମାଣିତ ଧାତୁ ଶିଳ୍ପଗୁଡ଼ିକୁ ପରିବେଶଗତ ଭାବେ ଦାୟିତ୍ୱପୂର୍ଣ୍ଣ ପସନ୍ଦ କରିବାକୁ ସକ୍ଷମ କରିବା ପାଇଁ ପ୍ରସ୍ତୁତ ରହିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ମାର୍କେଟିଂ ଅଧିକାରୀ(ସିଏମ୍‌ଓ) ଆଲୋକ ରଞ୍ଜନ କହିଛନ୍ତି, ସ୍ଥାୟିତ୍ୱ ବେଦାନ୍ତ ଆଲୁମିନିୟମର ବ୍ୟବସାୟ ଦର୍ଶନର କେନ୍ଦ୍ରରେ ଅଛି ଏବଂ ଏଏସ୍‌ଆଇ ସିଓସି ସାର୍ଟିଫିକେଶନ ହାସଲ କରିବା ଦାୟିତ୍ୱପୂର୍ଣ୍ଣ ଆଲୁମିନିୟମ ଉତ୍ପାଦନ ଦିଗରେ ଆମର ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତକୁ ପ୍ରତିନିଧିତ୍ୱ କରିଥାଏ। ଆମେ ଆମର ଏଏସ୍‌ଆଇ ପ୍ରମାଣିତ ସାମଗ୍ରୀ ସହ କାପ୍ରଲ ଆଲୁମିନିୟମ ଯୋଗାଣକରି ଗର୍ବିତ ଅଛୁ। ଏକ ସବୁଜ, ଅଧିକ ସ୍ୱଚ୍ଛ ଆଲୁମିନିୟମ ଶିଳ୍ପ ପାଇଁ ଆମର ସହଭାଗୀ ଦୃଷ୍ଟିକୋଣକୁ ମଜଭୁତ କରୁଛି। ଏହି ମାଇଲଖୁଣ୍ଟ ବିଶ୍ୱ ବଜାରର ବିକଶିତ ଇଏସ୍‌ଜି ପ୍ରାଥମିକତା ପୂରଣ କରିବାର ଆମର କ୍ଷମତାକୁ ଉଜ୍ଜ୍ୱଳ କରିଥାଏ ଏବଂ ଦାୟିତ୍ୱପୂର୍ଣ୍ଣ ଭାବେ ଉତ୍ପାଦିତ ଆଲୁମିନିୟମର ଏକ ପସନ୍ଦିତ ଯୋଗାଣକାରୀ ବେଦାନ୍ତ ଆଲୁମିନିୟମକୁ ସ୍ଥାନିତ କରିଥାଏ।

ସେହିଭଳି କାପ୍ରଲ ଆଲୁମିନିୟମର ଶିଳ୍ପ ଏବଂ ଯୋଗାଣ ଶୃଙ୍ଖଳାର ମହାପ୍ରବନ୍ଧକ ଲୁକ୍ ହକିନ୍ସ କହିଛନ୍ତି, ବେଦାନ୍ତ ଆଲୁମିନିୟମ ଏଏସ୍‌ଆଇ ସିଓସି ପ୍ରମାଣପତ୍ର ହାସଲକରି ସ୍ଥାୟିତ୍ୱ ପ୍ରତି ଏକ ଅଟଳ ପ୍ରତିବଦ୍ଧତା ପ୍ରଦର୍ଶନ କରିଛି।

ବନ୍ଧନ ବ୍ୟାଙ୍କର ନୂତନ ଉତ୍ପାଦ

ଭୁବନେଶ୍ୱର,୧୪।୪

ବନ୍ଧନ ବ୍ୟାଙ୍କର ନୂତନ ଉତ୍ପାଦ ତଥା ବହୁ ପ୍ରତୀକ୍ଷିତ ଇଲାଇଟ୍ ପ୍ଲସ୍ ସଞ୍ଚୟ ଖାତାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଯାହା ସ୍ୱଚ୍ଛଳ ବର୍ଗ ଗ୍ରାହକଙ୍କୁ ଉନ୍ନତ ବ୍ୟାଙ୍କିଙ୍ଗ୍ ଅନୁଭୂତି ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ ଓ ପ୍ରସ୍ତୁତ କରାଯାଇଛି। ଏହି ସଞ୍ଚୟ ଖାତାରେ ପ୍ରିମିୟମ ଇଲାଇଟ୍ ପ୍ଲସ୍ ଡେବିଟ୍ କାର୍ଡ ଏବଂ ସ୍ୱତନ୍ତ୍ର ଜୀବନଶୈଳୀ ସୁବିଧା ସମେତ ଆକର୍ଷଣୀୟ ନୂଆ ସୁବିଧା ଉପଲବ୍ଧ କରାଯାଇଛି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ପାର୍ଥ ପ୍ରତିମ ସେନ୍‌ଗୁପ୍ତା କହିଛନ୍ତି, ଆମେ ଆମର ନୂତନ ଉତ୍ପାଦକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ନୂତନ ଉତ୍ପାଦ ଆମ ପ୍ରିମିୟମ ଗ୍ରାହକଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବ ଏବଂ ସେମାନଙ୍କୁ ଅତୁଳନୀୟ ସୁବିଧା, ରିୱାର୍ଡ ଏବଂ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରିବ। ବିଳାସପୂର୍ଣ୍ଣ ଯାତ୍ରା ସୁବିଧାଠାରୁ ଆରମ୍ଭକରି ସ୍ୱତନ୍ତ୍ର ବୀମା ସୁରକ୍ଷା ପର୍ଯ୍ୟନ୍ତ ଇଲାଇଟ୍ ପ୍ଲସ୍ ସଞ୍ଚୟ ଖାତା ଗ୍ରାହକମାନଙ୍କୁ ଉନ୍ନତ ଅନୁଭୂତି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛି।

ପିଏନ୍‌ବିର ପ୍ରତିଷ୍ଠା ଦିବସ

ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୪।୪

ପଞ୍ଜାବ ନ୍ୟାଶନା

ଜନ୍ମଦିନର ଶୁଭେଚ୍ଛା

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଗାଁ ଦାଣ୍ଡରେ ବାପାଙ୍କୁ ହତ୍ୟା, ପୁଅ ଗୁରୁତର

ବୋଲଗଡ଼,୧୪।୪(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ତୃତୀୟାପଡ଼ା ଗାଁ ଦାଣ୍ଡରେ ସୋମବାର ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ସେହି ଗ୍ରାମର ପ୍ରତାପ କୁମାର ସେଠୀ(୪୫)। ସେହିପରି ଅଭିଯୁକ୍ତଙ୍କ ଆକ୍ରମଣରେ ପ୍ରତାପଙ୍କ ପୁଅ ରସାନନ୍ଦ(୨୨) ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ମୃତକଙ୍କ ସ୍ତ୍ରୀ ବୀଣାପାଣିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୮୬/୨୫) ରୁଜୁକରି ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଖୋର୍ଦ୍ଧା ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଜାତିଆଣ ଆକ୍ଷେପକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ଅଭିଯୋଗ ମୁତାବକ, ସ୍ଥାନୀୟ ଶିବ ମନ୍ଦିର ପରିସରରେ ଥିବା କାଳିକା ମନ୍ଦିରଠାରେ ମଧ୍ୟାହ୍ନରେ ଝାମୁଯାତ୍ରା ଚାଲିଥିବାବେଳେ ପ୍ରତାପ ଦଣ୍ଡ ଠାକୁରଙ୍କ ଦର୍ଶନ ପାଇଁ ଯାଇଥିଲେ। ସେ ଠାକୁରଙ୍କୁ ଛୁଇଁ ନମସ୍କାର କରୁଥିବାବେଳେ ଦଣ୍ଡୁଆମେଳର ଜଣେ ପାଟଭଗତାଙ୍କ ପୁଅ ଜାତିଆଣ

ଘଟଣାସ୍ଥଳରେ ପୋଲିସର ତଦନ୍ତ।

- **ଜଣେ ଅଟକ, ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀ ଫେରାର**
- **ଜାତିଆଣ ଆକ୍ଷେପକୁ ନେଇ ହତ୍ୟାକାଣ୍ଡ**

ଆକ୍ଷେପ କରି ପ୍ରତାପଙ୍କୁ ଧକ୍କା ମାରିଥିଲେ। ପରେ ପ୍ରତାପ ଘରକୁ ଆସି ଘଟଣା ସମ୍ପର୍କରେ ଜଣାଇଥିଲେ। ଅପରାହ୍ନରେ ତାଙ୍କ ସ୍ତ୍ରୀ ବୀଣାପାଣି ଓ ପୁଅ ରସାନନ୍ଦଙ୍କ ସହ ପ୍ରତାପ ସମ୍ପୃକ୍ତ ପାଟଭଗତାଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ପାଟଭଗତାଙ୍କ ପୁଅ ଏଥିରେ ଉତ୍କ୍ଷିପ୍ତ ହୋଇ ଏକ ମାରଣାସ୍ତ୍ରରେ ପ୍ରତାପଙ୍କୁ ଆକ୍ରମଣ କରିଥିଲେ। ଫଳରେ ପ୍ରତାପଙ୍କ ଛାତି ଓ ପେଟ ଚିରି ହୋଇ ଗଭୀର କ୍ଷତ ହୋଇଥିଲା। ଆକ୍ରମଣ ସମୟରେ ରସାନନ୍ଦ ପ୍ରତିରୋଧ କରିବାରୁ ସମ୍ପୃକ୍ତ ପାଟଭଗତାଙ୍କ ପୁଅ ଓ ତାଙ୍କର କେତେଜଣ ସହଯୋଗୀ ତାଙ୍କୁ ମଧ୍ୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ରସାନନ୍ଦଙ୍କ ହାତ, ପାପୁଲି ଓ ଆଙ୍ଗୁଠିରେ ଗଭୀର କ୍ଷତ ହୋଇଛି। ପ୍ରତାପ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆସି ଘର ଆଗରେ ପଡ଼ିଯାଇଥିଲେ। ପରେ ଗୁରୁତର ବାପପୁଅଙ୍କୁ ପରିବାର ଲୋକେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରତାପଙ୍କୁ ମୃତ ଘୋଷଣା କରିଥିଲେ। ରସାନନ୍ଦଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ବୀଣାପାଣିଙ୍କ ଅଭିଯୋଗକ୍ରମେ ପୋଲିସ ପହଞ୍ଚି ସମ୍ପୃକ୍ତ ପାଟଭଗତାଙ୍କୁ ଅଟକ ରଖିଥିବା ବେଳେ ତାଙ୍କ ପୁଅ ଏବଂ ସହଯୋଗୀମାନେ ଫେରାର ହୋଇଯାଇଛନ୍ତି। ତେବେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସ୍ନିଗ୍ଧାମୟୀ ବରାଳ କହିଛନ୍ତି।

ଋଣ ଭାର ସହି ନ ପାରି ମହିଳାଙ୍କ ଆତ୍ମହତ୍ୟା

କଟକ ସଦର,୧୪।୪ (ସୁଶାନ୍ତ କୁମାର ଜେନା)

କଟକ ଜିଲା ୪୨ ମୌଜା ଥାନା ଅଞ୍ଚଳର ଜଣେ ମହିଳା ଋଣ ଭାର ସହି ନ ପାରି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବରାଳ ଗ୍ରାମର ଝରଣା ବେଉରା (୪୬)। ପୋଲିସ ବଡ଼ ଡାକ୍ତରଖାନାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଝରଣା ରବିବାର ସନ୍ଧ୍ୟା ୭ଟାରେ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ରାତି ୯ଟା ବେଳକୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କୁ ବାରିପଟ ଏକ ଗଛରେ ଶାଢ଼ୀରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଝରଣା ଗୃହ କାର୍ଯ୍ୟ ଓ ଚାଷ ନିମନ୍ତେ ପ୍ରାୟ ୬ ଲକ୍ଷ ଟଙ୍କା ସମବାୟ ସମିତି ଓ କିଛି ହାତ ଉଧାର କରି ଋଣ ଆଣିଥିଲେ। ସେ ଋଣ ଶୁଝି ନ ପାରିବାରୁ କିଛି ଦିନ ହେବ ଦୁଶ୍ଚିନ୍ତାରେ ରହୁଥିବା ତାଙ୍କ ସ୍ୱାମୀ ରମେଶ ବେଉରା କହିଛନ୍ତି। ତେବେ ସେ ଋଣ ବୋଝ ସହି ନ ପାରି ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ପକ୍ଷରୁ ଜଣାପଡ଼ିଛି।

ସିସିଟିଭି ଫୁଟେଜ ଆଧାରରେ ଚାଲିଛି ତଦନ୍ତ



ମନୋଜ ନାଏକ

ବିଷ୍ଣୁମୁଣ୍ଡା ଗାଁରେ ସିସିଟିଭି ଫୁଟେଜ୍‌ରେ ଜଣେ ଯୁବକ ଟାଙ୍ଗିଆ ଧରି ଯାଉଥିବା ଦୃଶ୍ୟ କଏଦ ହୋଇଛି।

ବଲାଙ୍ଗୀର,୧୪।୪ (ବୀରେନ୍ଦ୍ର କୁମାର ଝାଙ୍କର)

ମନୋଜ ନାଏକ ହତ୍ୟା ଘଟଣା

ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଷ୍ଣୁମୁଣ୍ଡା ଗାଁରେ ପାନ ଓ ଗ୍ରୋସେରି ଦୋକାନ କରିଥିବା ମନୋଜ ନାଏକ(୪୦)ଙ୍କୁ ରବିବାର ରାତିରେ ହତ୍ୟା କରାଯାଇଥିଲା। ଇତିମଧ୍ୟରେ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ହତ୍ୟାକାରୀଙ୍କୁ ଗିରଫ କରିପାରି ନାହିଁ। ସୋମବାର ପୋଲିସ ଟିମ୍, ଡଗ୍ ସ୍କ୍ୱାଡ୍, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଛାନଭିନ୍ ଆରମ୍ଭ କରିଛନ୍ତି। ରବିବାର ରାତି ପ୍ରାୟ ୮ଟା ସମୟରେ ଗାଁ ରାସ୍ତାରେ ଜଣେ ଯୁବକ ଟାଙ୍ଗିଆ ଧରି ଚାଲୁଥିବା ସିସିଟିଭି ଫୁଟେଜରୁ କଏଦ ହୋଇଛି। ସମ୍ପୃକ୍ତ ଯୁବକ ଜଣଙ୍କ ସ୍ଥାନୀୟ ଗ୍ରାମର ହୋଇଥିବାବେଳେ ସେ ଏହି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରି ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। କିଛିଦିନ ପୂର୍ବରୁ ମନୋଜଙ୍କ ସହ ଗ୍ରାମର ଜଣେ ଯୁବକଙ୍କ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା ଏବଂ ସେହି କଥାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ଅପରପକ୍ଷରେ ଜମି କାରବାରକୁ ନେଇ ଏହି ହତ୍ୟାକାଣ୍ଡ ଘଟିଆଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟଙ୍କୁ ପଚାରିବାରୁ, ହତ୍ୟାକାଣ୍ଡର ତଦନ୍ତ ଚାଲିଛି। ହତ୍ୟାକାରୀ ଫେରାର ହୋଇଯାଇଥିବାରୁ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି ବୋଲି ଉପାଧ୍ୟାୟ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ପରେ ମନୋଜଙ୍କ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ପ୍ରକାଶ ଯେ, ରବିବାର ରାତି ପ୍ରାୟ ୮ଟାରେ ବିଷ୍ଣୁମୁଣ୍ଡା ଛକର ଏକ ଦୋକାନ ସମ୍ମୁଖରେ ମନୋଜ ତାଙ୍କର କେତେଜଣ ସାଙ୍ଗଙ୍କ ସହିତ ବସିଥିଲେ। ଏତିକି ବେଳେ ବିଦ୍ୟୁତ୍ କାଟ ହୋଇଥିଲା। ଲାଇନ କଟିବାର କିଛି ସମୟ ମଧ୍ୟରେ କେହି ଜଣେ ଆସି ଏକ ଧାରୁଆ ଅସ୍ତ୍ରରେ ମନୋଜଙ୍କ ମୁଣ୍ଡକୁ ୪ରୁ ୫ ଚୋଟ ମାରିଥିଲେ। ଘଟଣାସ୍ଥଳରେ ମନୋଜ ପଡ଼ି ଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

୮ ବର୍ଷ ପରେ ମୋଷ୍ଟ ୱାଣ୍ଟେଡ୍ ଜଟଣୀରୁ ଗିରଫ

ବହୁ ଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟା ମାଗଲା

ବ୍ରହ୍ମପୁର,୧୪।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଗୋଷାଣି ନୂଆଗାଁ ଅଞ୍ଚଳର ବହୁଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ମଉଜ ମିଶ୍ର ଓରଫ ସତିଶ କୁମାର ମିଶ୍ର(୩୯)ଙ୍କୁ ପୋଲିସ ଜଟଣୀରୁ ଗିରଫ କରିଛି। ସେ ଜିଆର୍‌ପି ଓ ଗୋଷାଣି ନୂଆଗାଁ ଥାନା ଅଞ୍ଚଳର ୨ଟି ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ବେଳେ ବ୍ରହ୍ମପୁର ମହାନଗର ପୂର୍ବତନ ମେୟରଙ୍କ ଉପରକୁ ଗୁଳିମାଡ଼ ଘଟଣାର ମଧ୍ୟ ଅଭିଯୁକ୍ତ ଥିଲେ। କୋର୍ଟ ପକ୍ଷରୁ ତାଙ୍କ ନାମରେ ୪ ଥର ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ୮ବର୍ଷ ହେଲା ବ୍ରହ୍ମପୁର ପୋଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ରହିଥିବା ମଉଜକୁ କାବୁ କରିବା ପାଇଁ ପୋଲିସକୁ ବହୁ କସରତ କରିବାକୁ ପଡିଛି ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

୨୦୧୩ରେ ଶାନ୍ତି ମିଶ୍ରଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ମାମଲାରେ ଅଭିଯୁକ୍ତ ମଉଜଙ୍କ ସମେତ ମୋଟ ୧୨ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇ ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ଜାମିନରେ ଆସିବା ପରେ ୨୦୧୬ ପରଠାରୁ ମଉଜ ଫେରାର ହୋଇଯାଇଥିଲେ। ୨୦୨୪ ନଭେମ୍ବର ୭ ତାରିଖରେ କୋର୍ଟ ଶାନ୍ତି ମିଶ୍ର ହତ୍ୟା

ମୁଖ୍ୟ ଅଭିଯୁକ୍ତ ସତିଶ କୁମାର ମିଶ୍ର

ମାମଲାର ୧୧ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ ମଧ୍ୟ ମଉଜ ଫେରାର ରହିଥିବାରୁ ତାଙ୍କୁ ଦଣ୍ଡବିଧାନ ହୋଇପାରି ନ ଥିଲା । କୋର୍ଟ ପକ୍ଷରୁ ତାଙ୍କ ନାମରେ ୱାରେଣ୍ଟ ଜାରି କରାଯାଇଥିଲା। ସେହିପରି ୨୦୦୬ରେ ରେଳଷ୍ଟେଶନ ନିକଟରେ ଗଣେଶ ସୁନା ହତ୍ୟା ମାମଲାରେ ମଉଜ ଅଭିଯୁକ୍ତ ରହିଥିଲେ। ସେହିବର୍ଷ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଏକ ବୋମାମାଡ଼ ଘଟଣାରେ ମଧ୍ୟ ସେ ସମ୍ପୃକ୍ତ ଥିଲେ। ମଉଜଙ୍କ ଠିକଣା ଜାଣିବାକୁ ପୋଲିସ ଚେଷ୍ଟା ଜାରି ରଖିଥିବା ବେଳେ ସେ ଜଟଣୀରେ ସାଧାରଣ ଲୋକ ଭଳି ରହୁଥିବା ବିଶେଷସୂତ୍ରରୁ ସୂଚନା ମିଳିଥିଲା। ତାଙ୍କୁ ଧରିବାକୁ ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ଗୋଷାଣିନୁଆଗାଁ ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ଜ୍ଞାନରଞ୍ଜନ ବେହେରା, ଏଏସ୍‌ଆଇ ଗୌରବରଞ୍ଜନ ଓ ରଞ୍ଜିତ ରାଉଳ ସମେତ ଅନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ଟିମ ଗଠନ ହୋଇଥିଲା । ଏହି ଟିମ୍ ଜଟଣୀ ଯାଇ ସେଠାରେ ବିଭିନ୍ନ ଦୋକାନର କର୍ମଚାରୀ ଭାବେ କାମ କରୁଥିଲେ । ବେଶ ବଦଳାଇ କିଛି ଦିନ ହେଲା ମଉଜ ଉପରେ ନଜର ରଖିଥିବା ପୋଲିସ ଟିମ୍ ଶେଷରେ ମଉଜଙ୍କୁ କାବୁ କରିଥିଲା। ସୋମବାର ତାଙ୍କୁ ଗିରଫ ପରେ ବ୍ରହ୍ମପୁର କୋର୍ଟରେ ହାଜର କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି ।

୨ଦିନ ପରେ ଚୋରି ଶିଶୁପୁତ୍ରର ମିଳୁନି ପତ୍ତା

ଭୁବନେଶ୍ୱର,୧୪।୪(ସତ୍ୟଜିତ୍ ରାଉତ)

- **ସ୍ୱତନ୍ତ୍ର ଟିମ୍ ଗଠନ କରି ଖୋଜୁଛି ପୋଲିସ**
- **ଜଣେ ସନ୍ଦିଗ୍ଧ ଅଟକ, ବାପାଙ୍କୁ ପଚରାଉଚରା**

ଭୁବନେଶ୍ୱର ରାମ ମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରୁଥିବା ଜଣେ ଦୃଷ୍ଟିବାଧିତ ମା'ଙ୍କ ପାଖରୁ ଦେଢ଼ବର୍ଷର ଶିଶୁପୁତ୍ରକୁ ଚୋରି ଘଟଣାକୁ ନେଇ ଚର୍ଚ୍ଚା ଲାଗିରହିଛି। ଇତିମଧ୍ୟରେ ଦୁଇଦିନ ବିତିଥିଲେ ସୁଦ୍ଧା ପୋଲିସ ଶିଶୁକୁ ଉଦ୍ଧାର କରିପାରି ନ ଥିବାରୁ ନାନା ଆଶଙ୍କା ପ୍ରକାଶ ପାଇଛି। ଏନେଇ ଗଠିତ ସ୍ୱତନ୍ତ୍ର ଟିମ୍ ତଦନ୍ତ ଓ ଖୋଜାଖୋଜି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ସହରର ବହୁ ସିସିଟିଭି ଫୁଟେଜ୍ ଯାଞ୍ଚ ସହ ବିଭିନ୍ନ ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଉଛି। ତେବେ ଏହି ମାମଲାରେ ଜଣେ ସନ୍ଦିଗ୍ଧଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଡିସିପି ମୀନା କହିଛନ୍ତି, ଏହି ଘଟଣାକୁ ଅତି ସମ୍ବେଦନଶୀଳତାର ସହ ନିଆଯାଇ ତଦନ୍ତ କରାଯାଉଛି। ଟେକ୍ନିକାଲ ଡାଟା, ହ୍ୟୁମାନ ଇଣ୍ଟେଲିଜେନ୍ସ, ଗୁପ୍ତ ତଥ୍ୟ ଆଧାରରେ ପିଲାଟିକୁ ଉଦ୍ଧାର କରିବାକୁ ପୋଲିସ ପକ୍ଷରୁ ଚେଷ୍ଟା କରାଯାଉଛି। ଖୁବ୍‌ଶୀଘ୍ର ଉଦ୍ଧାର କରିବୁ ବୋଲି ଡିସିପି କହିଛନ୍ତି। ଅନ୍ୟପକ୍ଷରେ ପୋଲିସ ଏହି ଘଟଣାରେ ଅନ୍ୟଏକ ଲିଙ୍କ୍ ପାଇ ସେହି ଦିଗରେ ମଧ୍ୟ ତଦନ୍ତ ଚଳାଇଛି। ମା' ଜୟନ୍ତୀ ମଲ୍ଲିକଙ୍କ ସ୍ୱାମୀ କାହ୍ନୁଚରଣ ସାହୁ ମଧ୍ୟ ଦୃଷ୍ଟିବାଧିତ ହୋଇଥିବାବେଳେ ସେ ବର୍ଷେ ହେବ ଅଲଗା ହୋଇ ସତ୍ୟନଗରରେ ରହୁଥିବା ପୋଲିସ ଜାଣିବାକୁ ପାଇଛି। ପୋଲିସ ଟିମ୍ ତାଙ୍କୁ ମଧ୍ୟ ଏନେଇ ପଚରାଉଚରା କରି ଅଧିକ ଖୋଳତାଡ଼ କରୁଛି। ସୂଚନାଯୋଗ୍ୟ, ଜୟନ୍ତୀ ତାଙ୍କ ଦୁଇ ପିଲା(ଝିଅ-ପୁଅ)ଙ୍କ ସହ ନୀଳାଦ୍ରି ବିହାରସ୍ଥିତ ଏକ କନ୍ୟାଶ୍ରମରେ ରହି ରାମମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରନ୍ତି। ଶନିବାର ରାତିରେ ବର୍ଷା ହେବାରୁ ଜୟନ୍ତୀ ଆଶ୍ରମକୁ ଫେରିପାରି ନ ଥିଲେ। ସେ ରାତିରେ ରାମମନ୍ଦିର ସାମ୍ନାରେ ରହିଯିବା ସହ ଦୁଇପିଲା ମଧ୍ୟ ତାଙ୍କ ପାଖରେ ଥିଲେ। ଜଣେ ବ୍ୟକ୍ତି ସେଠାକୁ ଆସି ତାଙ୍କ ଦେଢ଼ବର୍ଷର ପୁଅକୁ ଖାଦ୍ୟ ଦେବା ସହ ଜୁସ୍ ପିଇବାକୁ ଦେଇ ଖେଳାଇଥିଲେ। ରାତି ପ୍ରାୟ ୨ଟାବେଳେ ସୁଯୋଗ ଦେଖି ପିଲାଟିକୁ ବ୍ୟକ୍ତି ଜଣକ ନେଇଯାଇଥିଲେ। ଏନେଇ ରବିବାର ଜୟନ୍ତୀ ଖାରବେଳନଗର ଥାନାରେ ଏତଲା ଦେଇଥିଲେ।

SRI GOWTHAMI EDUCATIONAL INSTITUTIONS
Prakasam Dt,Andhra Pradesh-523247.
WANTED TEACHERS / LECTURERS

School Level	+2 Level	+3 Level
Highschool : Hindi English,Mathematics,Biology, Chemistry,Social Studies Physics,Computers Principals	Lecturers : Mathematics,Physics,Chemistry Commerce ,Economics,Civics, Botany,Zoology,Sanskrit,English Principals	Lecturers : Mathematics,English Commerce,Physics, Chemistry, Computer Science

Experience Preferable,Qualification: PG in Concerned Subjects with 55% (Negotiable Salary)
Interseted Candidates Send their Resumes to sgeidirector@gmail.com
Venue: Odisha Teacher's Education and Training (OTET) C-16,HIG BDA Duplex,Baramunda Bhubaneswar,Odisha-751003
8333905106/9494899848 7032285130/9885306573

ଗାଧୁଆଘରୁ ନବ ବିବାହିତାଙ୍କ ମୃତଦେହ ଜବତ

ସୋର, ୧୪।୪ (ଜୟେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ମହୁମୁହାଣ ପଞ୍ଚାୟତ ଯୋଡାମ୍ବ ଗ୍ରାମରେ ଗାଧୁଆ ଘର ମଧ୍ୟରୁ ସନ୍ଦେହଜନକ ଅବସ୍ଥାରେ ଜଣେ ନବବଧୂଙ୍କ ମୃତଦେହ ଜବତ କରାଯାଇଛି। ଏହି ଗ୍ରାମର କରୁଣାକର ମଲିକଙ୍କ ସ୍ତ୍ରୀ ନମିତା ମଲିକ (୨୪) ଗାଧୁଆ ଘରକୁ ଯାଇଥିଲେ। ସେଠାରେ କିଛି ଶବ୍ଦ ଶୁଣି ତାଙ୍କ ବଡ଼ ଯାଆ ସେଠାକୁ ଯାଇଥିଲେ। ଗାଧୁଆଘର କବାଟ ବନ୍ଦ ଥିବାରୁ ପଡୋଶୀଙ୍କ ସହାୟତାରେ କବାଟ ଭାଙ୍ଗି ଭିତରେ ନମିତା ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଦେଖିପାରି ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଏକ ମାମଲା(ନଂ. ୪୧/୨୫) ରୁଜୁ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଉଲ୍ଲେଖଯୋଗ୍ୟ କରୁଣାକର ଗତ ମାର୍ଚ୍ଚ ୧୨ ତାରିଖରେ ନମିତାଙ୍କୁ ବିବାହ କରିଥିଲେ। ବିବାହର ୧ବର୍ଷ ଦୁଇ ଦିନ ପରେ ନମିତାଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

Classified Everyday
0674-2580101, 9692975378

REAL ESTATE SALE

Duplex sale with gated Society near Aiims Hospital, Bhubaneswar. 9777433701. D-76256

Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452. D-76439

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

1000sqft. Office on rent at Jayadev Vihar Square @35000/- one guest house room @15000/- marketing office not allowed, 2years lease only. +916371084018 Sohan. D-163

Newly open Jyoti SPA positively health benefits (Expert therapist). 8458067955. D-76908

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

Full body massage experience, good looking therapist @999 (Bhubaneswar). 9078484455. D-152

AFFIDAVIT

I, DEEPTIBALLAVA MAHAR, S/o- SARAT MAHAR, R/o- Dimiripali, P.O./P.S.- Baunsuni, Dist.- Boudh, Odisha-762015, declare that name of mine has been wrongly written as DIPTIBALLABHA MAHAR in my Aadhaar Card No.-xxxxxxxx0748. The actual name of mine is DEEPTIBALLAVA MAHAR, which may be amended accordingly. D-164

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କ

ଫ୍ୟାଶନ

ସ୍କିନ୍ କଲର ଅନୁଯାୟୀ ପିନ୍ଧନ୍ତୁ ଲେହେଙ୍ଗା

ସମସ୍ତେ ଚାହାନ୍ତି ନିଜକୁ ସମସ୍ତଙ୍କଠାରୁ ଅଲଗା ଲାଗିବା ସହିତ ସୁନ୍ଦର ଦେଖାଯିବେ । ନିଜ ବିବାହରେ ଷ୍ଟାଇଲିଶ୍ ଦେଖାଯିବାକୁ ଚାହୁଁଥିଲେ ଲେହେଙ୍ଗା କିଣିବା ସମୟରେ ନିଜ ବଡି କଲର ଅନୁଯାୟୀ ଲେହେଙ୍ଗା ଯାହା ଆପଣଙ୍କ ଚେହେରାକୁ ମ୍ୟାଚ୍ କରିବ ସେହି ରଙ୍ଗର ଲେହେଙ୍ଗା କିଣନ୍ତୁ, ଯାହା ଫଳରେ ଆପଣ ନିଜେ କନ୍‌ଫିଡେଣ୍ଟ ଏବଂ ଷ୍ଟାଇଲିଶ୍ ଦେଖାଯିବେ। ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ...

▶▶ଯଦି ଆପଣଙ୍କ ରଙ୍ଗ ସଫା ତେବେ ରୁବି ରେଡ୍, ଟମାଟୋ ରେଡ୍ ମେରୁନ୍, ଡାର୍କ ପିଙ୍କ୍,ସିଲ୍‌ଭର, ଗୋଲଡେନ୍, ମେଟାଲିକ୍ ବ୍ଲୁ ଏବଂ ଲାଭେଣ୍ଡର କଲର ବହୁତ ଭଲ ମାନିବ ।

▶▶ଯଦି ଆପଣଙ୍କ ବର୍ଣ୍ଣ ଶ୍ୱାମଳ ତେବେ ଆପଣ ଅରେଞ୍ଜ ବଦଳରେ ୟେଲୋ, ରେଡ୍, ପିଙ୍କ, ପିଚ୍ ପରି ରଙ୍ଗ ଚୟନ କରିପାରିବେ। ମିଡିୟମ୍ ଟୋନ୍‌ରେ ରୟାଲ ବ୍ଲୁ କିମ୍ବା ଡସ୍କି ପିଙ୍କ୍ କଲର ଭଲ ମାନିଥାଏ ।

▶▶ଯଦି ଆପଣଙ୍କ ସ୍କିନ୍ ଟୋନ୍ ଡାର୍କ ତେବେ ଆପଣ ଡିପ୍ ରେଡ୍, ନାଭି ବ୍ଲୁ ଏବଂ ଡାର୍କ ପର୍ପଲ, ଯାହା ଫଳରେ ସ୍କିନ୍ କଲର ଆହୁରି ସୁନ୍ଦର ଲାଗିଥାଏ ।

▶▶ସିଲ୍‌କ ଏବଂ ଭେଲଭେଟ୍ ଭଳି ରିଚ୍ ଫାବ୍ରିକ୍ ସବୁ ପ୍ରକାର ମହିଳାଙ୍କୁ ମାନିଥାଏ ।

▶▶ଗୋଲଡେନ୍ ଏବଂ ସିଲ୍‌ଭର ଆସେସରିଜ୍ ନିଜ ସ୍କିନ୍ ଟୋନ୍ ଅନୁଯାୟୀ ଚୟନ କରନ୍ତୁ। ଫେୟାର ସ୍କିନ୍ ଟୋନ୍‌ରେ ସିଲ୍‌ଭର ଏବଂ କଲର କମ୍‌ଥିବା ବ୍ୟକ୍ତିଙ୍କୁ ଗୋଲଡେନ୍ କିମ୍ବା ରୋଜ୍ ଗୋଲ୍ଡ ଭଲ ମାନିଥାଏ ।

ଆର୍ଥିକ ସମସ୍ୟା ଦୂର କରିବାକୁ ହେଲେ...

▶▶ଘରର ଉତ୍ତର ଦିଗକୁ ଅପରିଷ୍କାର କରି ରଖନ୍ତୁ ନାହିଁ। କାହିଁକି ନା ଏହି ଦିଗ ଧନ ଏବଂ ସମୃଦ୍ଧି ଦ୍ୱାରା ଜଡ଼ିତ। ଏହି ଦିଗରେ ୨୪ ଘଣ୍ଟା ଆଲୋକ ପଡ଼ିବା ନିହାତି ଦରକାର। ଏହି ପରି ସକାରାତ୍ମକ ଊର୍ଜା ଆଣିବାକୁ ହେଲେ ଘରେ ଝରକା ସାମ୍ନାରେ ଏକ ଦର୍ପଣ ରଖନ୍ତୁ। ଧନକୁ ଆକର୍ଷିତ କରିବାକୁ ହେଲେ ଘରର ଉତ୍ତର ଦିଗରେ ଏକ ଛୋଟ ପାଣିର ପାତ୍ର କିମ୍ବା ଆକ୍ୱାରିୟମ୍ ରଖନ୍ତୁ।

▶▶ଧନ ସମୃଦ୍ଧି ଆକର୍ଷିତ କରିବାକୁ ନିଜ ଘର କିମ୍ବା ଅଫିସ୍‌କୁ ସବୁଜ ରଙ୍ଗ ଲଗାନ୍ତୁ। ଘରେ ଆସୁଥିବା ସମସ୍ତ ବାଧାକୁ ଦୂର କରିବାକୁ ହେଲେ ଏବଂ ଧନ ବଢ଼ାଇବାକୁ ହେଲେ ଉତ୍ତର ଦିଗରେ ଘରେ କିମ୍ବା ଅଫିସ୍‌ର ଦ୍ୱାର ମୁହଁରେ ଭଗବାନ୍ ଗଣେଶଙ୍କ ମୂର୍ତ୍ତି କିମ୍ବା ଫଟୋ ଲଗାନ୍ତୁ।

▶▶ଧନକୁ ଆକର୍ଷିତ କରିବାକୁ ହେଲେ ଉତ୍ତର ଦିଗରେ ମନି ପ୍ଲାଣ୍ଟ କିମ୍ବା ତୁଳସୀ ଭଳି ଛୋଟ ଗଛ ଲଗାନ୍ତୁ।

▶▶ଉତ୍ତର ଦିଗରେ ଅଳିଆ ସାମଗ୍ରୀ ରଖିବାଠୁ ଦୂରେଇ ରୁହନ୍ତୁ। କାରଣ ଏହାଦ୍ୱାରା ଧନ ଏବଂ ସମୃଦ୍ଧିର ସ୍ରୋତ ସରିବାକୁ ଲାଗିବ। ନିଜ ଘର କିମ୍ବା କାର୍ଯ୍ୟାଳୟ ପାଇଁ ଲେଆଉଟ୍ ସହିତ ବାସ୍ତୁ ଡିଜାଇନ୍‌ର ଉପଯୋଗ କରନ୍ତୁ।

▶▶ଧନକୁ ସଞ୍ଚିତ ରଖିବାକୁ ହେଲେ ଉତ୍ତର ଦିଗରେ କ୍ରିଷ୍ଟଲ କିମ୍ବା ମାଣିକ ପନ୍ନା ଭଳି ରତ୍ନ ରଖନ୍ତୁ। ନିଜ ଘର କିମ୍ବା ଅଫିସ୍‌କୁ ସଫା ସୁତୁରା ଏବଂ ବ୍ୟବସ୍ଥିତ ରଖନ୍ତୁ। କାହିଁକି ନା ଅବ୍ୟବସ୍ଥା ନକାରାତ୍ମକ ଊର୍ଜାକୁ ଆକର୍ଷିତ କରିଥାଏ ଏବଂ ଧନର ପ୍ରବହକୁ କମ୍ କରିଥାଏ।

କରନ୍ତୁ ନାହିଁ ଉପହାସ

ଅନ୍ୟମାନଙ୍କ ସାମ୍ନାରେ ପତ୍ନୀ–ପତି ଜଣେ ଅନ୍ୟଜଣଙ୍କର ଉପହାସ କରିବା ବେଳେବେଳେ କଳି ଝଗଡ଼ାର କାରଣ ହୋଇପାରେ । ପରସ୍ପର ପ୍ରତି ବିଶ୍ୱାସ, ସମ୍ମାନ ଏବଂ ଭାବନାତ୍ମକ ଆବେଗ ଦୁହିଁଙ୍କ ଭିତରେ ସମ୍ପର୍କକୁ ଆହୁରି ନିବିଡ଼ କରିଥାଏ। ସମ୍ପର୍କର ଏହି ଡୋରି ଉପହାସ ଦ୍ୱାରା ଦୁର୍ବଳ ହୋଇଯାଇପାରେ। ଏ ସମ୍ପର୍କରେ ସୂଚନା...

ଦିନେ ରାଘବ ଏବଂ ନିତୁ ଦୁଇଜଣ ବନ୍ଧୁଙ୍କ ଘରକୁ ଲଞ୍ଚରେ ଯାଇଥିଲେ। ବହୁତ ଦିନ ପରେ ଭେଟ ହୋଇଥିଲା ତାଙ୍କର, ତେବେ ଏହା ମଧ୍ୟରେ ଥଟ୍ଟା ମଜା ଆରମ୍ଭ ହୋଇଯାଇଥିଲା। ଯେତେବେଳେ ଲଞ୍ଚ ସମୟ ହେଲା– ସେ ସମୟରେ ରାଘବବାବୁ କହିଲେ– ଭାଉଜ ତ ଘର ସମ୍ଭାଳୁଛନ୍ତି, କିନ୍ତୁ ନିତୁକୁ ଦେଖ, ସେ କିଛି ଜାଣିନି, ମୋ ଦ୍ୱାରା ସବୁ କାମ କରାନ୍ତି। ସମସ୍ତେ ହସିବାକୁ ଲାଗିଲେ, କିନ୍ତୁ ନିତୁ ଚୁପ୍‌ଚାପ ବସି ରହିଥିଲା। କିନ୍ତୁ ତାଙ୍କୁ ଏହି ଟିପ୍ପଣୀ ମଜା ନୁହେଁ, ଗମ୍ଭୀର ଆରୋପ ପରି ତାଙ୍କୁ ମନେହେଲା। ଖୁସିର ମାହୋଲ ଭିତରେ ରହି ମଧ୍ୟ ତା' ଚେହେରାରେ ଉଦାସୀନତା ସ୍ପଷ୍ଟ ବାରିହୋଇ ପଡୁଥାଏ। ଅସଲ କଥା ହେଲା ନିଜ ଘରର ସମସ୍ତ କାମ ସେ ନିଜେ କରିଥାଏ। କିନ୍ତୁ ସ୍ୱାମୀଙ୍କର ଏଭଳି କଥା ଶୁଣି ସେ ଦୁଃଖରେ ଭାଙ୍ଗି ପଡ଼ିଥିଲା। ସବୁ କଥାରେ ଥଟ୍ଟାମଜା ଗ୍ରହଣୀୟ ନୁହେଁ। କେବଳ ନିତୁ ନୁହନ୍ତି ଏମିତି ଅନେକ ମହିଳା ଥଟ୍ଟାମଜାକୁ ବେଶ୍ ଗମ୍ଭୀରତା ସହ ନେଇଥାଆନ୍ତି। ତା'ସହ ସବୁକ୍ଷେତ୍ରରେ ଥଟ୍ଟାମଜା କେତେ ସମୀଚୀନ ତାହା ମଧ୍ୟ ଚିନ୍ତା କରାଯିବା ଦରକାର। ତେଣୁ କାହାକୁ ଉପହାସ କରିବା ପୂର୍ବରୁ ସେ ବିଷୟରେ ଟିକେ ଚିନ୍ତା କଲେ ଭଲ।

ପରିହାସ ଏବଂ ଉପହାସ ମଧ୍ୟରେ ଅନ୍ତର ରହିଛି : ହସିବା ଜୀବନକୁ ସରଳ କରିବାକୁ ହେଲେ ମଜାକ୍ ବହୁତ ଜରୁରୀ। କିନ୍ତୁ ଏପରି ପରିହାସ ନୁହେଁ ଯେ କାହାକୁ ଆଘାତ ଦେବ। ଯାହା ସମ୍ପର୍କରେ ତିକ୍ତତା ଆଣିଥାଏ। କିନ୍ତୁ ବେଳେ ବେଳେ ଜୀବନସାଥୀ ଜଣେ ଅନ୍ୟଜଣଙ୍କ ବିଷୟରେ ବ୍ୟକ୍ତିଗତ ଜୀବନଠୁ ଆରମ୍ଭ କରି ସାର୍ବଜନୀନ ଜୀବନରେ କେବେ କେବେ ଏପରି କଥା କୁହାଯାଇଛି, ଯାହା ସେ ସମୟରେ ତାକୁ ପରିହାସ ପରି ଲାଗିଥାଏ। କିନ୍ତୁ ଏହି ସମ୍ପର୍କ ସମ୍ମାନ ଲକ୍ଷଣରେଖାର ବାହାରେ ହୋଇଥାଏ। ଏହି ପରିହାସ ଜୀବନସାଥୀର ଆତ୍ମସମ୍ମାନ ଏବଂ ସ୍ୱାଭିମାନକୁ ଦୁଃଖିତ କରିଥାଏ।

ଗୋଟିଏ ମଜାକ ସମ୍ପର୍କକୁ ଦୋହଲାଇ ରଖିଦିଏ : ବିଶ୍ୱାସ ଭାଙ୍ଗିଯାଏ– ଯେତେବେଳେ ସ୍ୱାମୀ–ସ୍ତ୍ରୀ ଜଣେ ଅନ୍ୟ ଜଣଙ୍କ ସାର୍ବଜନିକ ରୂପରେ ମଜାକ କରୁଛନ୍ତି, ଏହା ନିଜ ଭିତରେ ଥିବା ସମ୍ମାନକୁ କମ୍ କରିଥାଏ। ଏହାଦ୍ୱାରା ଜଣଙ୍କୁ ଅନ୍ୟ ଜଣଙ୍କ ସାମ୍ନାରେ କମ୍ଫର୍ଟେବଲ ନ ଲାଗିବା ସହିତ ବିଶ୍ୱାସ ମଧ୍ୟ ଭାଙ୍ଗିଯାଇଥାଏ।

ଆତ୍ମବିଶ୍ୱାସର ହାନି : ଯେତେବେଳେ କୌଣସି ରୂପରେ, ବୁଦ୍ଧି କିମ୍ବା ଅନ୍ୟ ସମ୍ବେଦନଶୀଳ କଥାରେ ବାରମ୍ବାର ପରିହାସ କରାଯାଏ। ତେବେ ସେହି ବ୍ୟକ୍ତି ନିଜକୁ ଅସହଜ ମନେ କରିଥାନ୍ତି। ସମୟ ସହିତ ଏହା ବ୍ୟକ୍ତିର ଆତ୍ମବିଶ୍ୱାସ ଉପରେ ମଧ୍ୟ ପ୍ରଭାବ ପକାଇପାରେ।

ସମ୍ପର୍କରେ ନକାରାତ୍ମକ ଭାବନା: ପାରିବାରିକ କଥାକୁ ସାର୍ବଜନିକ ମଜାକ ଉପହାସ ଏବଂ ଆଲୋଚନା ବ୍ୟକ୍ତ କରିବା ଦ୍ୱାରା ସମ୍ପର୍କରେ ଅହେତୁକ ତିକ୍ତତା ଦେଖାଯାଇଥାଏ। ଯଦି ସମସ୍ୟାର ସମାଧାନ କରିବା ବଦଳରେ ତାକୁ ଥଟ୍ଟା ପରିହାସ ଭାବିବା ତେବେ ଏହା ଦ୍ୱାରା ସମ୍ପର୍କରେ ନକାରାତ୍ମକ ଭାବନା ଦେଖାଯାଇଥାଏ।

ଭାବନାତ୍ମକ ଦୂରତା ବଢ଼ିଯାଇଥାଏ: ପ୍ରଥମରୁ ଥଟ୍ଟା ମଜା ହାଲ୍‌କା ଲାଗିଥାଏ,କିନ୍ତୁ ଏହା ସମୟ ସହିତ ଭାବନାତ୍ମକ ଦୂରତା ବଢ଼ାଇ ଦେଇଥାଏ। ଯେତେବେଳେ ଜଣେ ସାଥୀକୁ ଲାଗିଥାଏ ତା'ର ଉପହାସ କରାଯାଉଛି ତେବେ ସେ ଏଥିରୁ ନିଜକୁ ଦୂରେଇ ଦେଇଥାଏ। ଥଟ୍ଟା ମଜା ଲୋକଙ୍କୁ ଭାବିବାକୁ ବାଧ୍ୟ କରିଥାଏ ଯେ ସମ୍ପର୍କରେ ସମସ୍ୟା ରହିଛି, ଯାହା ଭୁଲ୍ ଧାରଣା ସୃଷ୍ଟି କରିପାରେ। ଏପରି ବି ହୋଇପାରେ ସେ ଆଗପରି ଜୀବନସାଥୀ ସହିତ କେଉଁଠି କି ଯିବେନି କାରଣ ଏହାଦ୍ୱାରା ସେ କାହାର ଯେପରି ପୁନର୍ବାର ଉପହାସର ସମ୍ମୁଖୀନ ନ ହୁଅନ୍ତୁ। ଏହି ଡର ଘରେ ଦୂରତା ବଢ଼ାଇ ଦେଇଥାଏ। ଏହା ଜଣା ନ ଥାଏ ଯେ ଜୀବନସାଥୀ କେଉଁ କଥାକୁ ନେଇ ଆପଣଙ୍କୁ ମଜାକ୍ ବନାଇ ଦେବେ। ତେବେ ଏହା ଦ୍ୱାରା ନିଜ ମଧ୍ୟରେ ଦୂରତା ବଢ଼ାଇ ଦେଇଥାଏ।

ବୁଝାମଣା ଏବଂ ସମାଧାନ ଜରୁରୀ : କୁହାଯାଏ ଯେ ଈଶ୍ୱର ଆଙ୍ଗୁଠି ମଧ୍ୟରେ ଗ୍ୟାପ୍ ଏଥିପାଇଁ ଦେଇଛନ୍ତି କିଏ ଆସିବ ଏହି ଖାଲି ସ୍ଥାନକୁ ନିଜ ହାତରେ ଭରିପାରିବ। ଜୀବନରେ ସାଥୀ ନିଭାଇବାକୁ ଏହି ଯାତ୍ରା ଆନନ୍ଦଦାୟକ ହେବା ସହିତ ସମ୍ମାନଜନକ ହେବା ମଧ୍ୟ ବହୁତ ଜରୁରୀ। ଏଥିପାଇଁ ଯଦି ଆପଣ ନିଜ ଜୀବନସାଥୀ ସହିତ ସମ୍ପର୍କର ସମ୍ମାନ କରିବାକୁ ଚାହାନ୍ତି ତେବେ ଭଲ ହେବ ସମୟ ଥାଉ ଥାଉ ଏହାର ସମାଧାନର ବାଟ ଖୋଜନ୍ତୁ। କାହିଁକି ନା ଶୁଖିଲା ଗଛକୁ ପାଣି ଦେଇ ତାକୁ ହରାଭରା କରିବାର ଆଶା ବ୍ୟର୍ଥ ଯିବ।

କେତୋଟି ଟିପ୍ସ

▶▶ସାର୍ବଜନିକ ରୂପରେ ଜଣେ ଅନ୍ୟ ଜଣକ ବିଷୟରେ କିଛି ବି ଖରାପ୍ କହିବେନି, ଯାହା ଫଳରେ ଜଣକ ଅନ୍ୟଜଣକ ଛବିରେ ଫରକ ଦେଖାଯିବ।

▶▶ଯଦି କୌଣସି କଥାକୁ ନେଇ ମତାନ୍ତର ଥାଏ ତେବେ ଏହାକୁ ଘର ମଧ୍ୟରେ ସୀମିତ ରଖନ୍ତୁ ଏବଂ ଅନ୍ୟ ସାମ୍ନାରେ ଏହାକୁ ଆଣନ୍ତୁ ନାହିଁ।

▶▶ପରିବାର,ବିଶେଷକରି ପିଲାଙ୍କ ସାମ୍ନାରେ, ଜଣେ ଅନ୍ୟ ଜଣଙ୍କର ଦୋଷ ଦୁର୍ବଳତା ନେଇ ଆଲୋଚନା କରନ୍ତୁ ନାହିଁ। ଜଣେ ଅନ୍ୟଜଣଙ୍କୁ ସମ୍ମାନ ଦିଅନ୍ତୁ ।

▶▶କୌଣସି ବି ସମସ୍ୟା ଆସିଲେ ଆପୋସ କଥାବାର୍ତ୍ତା ହୋଇ ଏହାର ସମାଧାନର ବାଟ ଖୋଜନ୍ତୁ।

▶▶ଯଦି କିଏ ବାହାର ଲୋକ ଥଟ୍ଟା ମଜା କରନ୍ତି ତେବେ ଏହି ପରିସ୍ଥିତିକୁ ଉଭୟ ସୁଧାରିବାକୁ ଚେଷ୍ଟା କରନ୍ତୁ।

ସୌନ୍ଦର୍ଯ୍ୟ

ବ୍ଲାକ୍ ହେଡ୍ସର ସହଜ ଉପଚାର

ସାଧାରଣତଃ ନାକ ଏବଂ ଗାଲରେ ବ୍ଲାକ୍ ହେଡ୍ସ ଦେଖାଯାଇଥାଏ। ଏହି ବ୍ଲାକ୍ ହେଡ୍ସ ହେବା କାରଣରୁ ମୁହଁର ସୁନ୍ଦରତା ବିଗିଡ଼ି ଯାଇଥାଏ। ଏହି ବ୍ଲାକ୍ ହେଡ୍ସରୁ ରକ୍ଷା ପାଇବାକୁ ହେଲେ କେତୋଟି ଉପାୟ ଆପଣାନ୍ତୁ ...

- କେତେକ ଲୋକଙ୍କ ନାକ ଏବଂ ଗାଲରେ ଅଧିକ ପରିମାଣରେ ବ୍ଲାକ୍ ହେଡ୍ସ ଦେଖାଯାଇଥାଏ। ବ୍ଲାକ୍ ହେଡ୍ସ ସେତେବେଳେ ହୁଏ ଯେତେବେଳେ ବାହାରର ଧୂଳି,ପ୍ରଦୂଷଣ ଆଦି ନାକର ଚାରିପଟେ ଅପରିଷ୍କାର ଜମା ହୋଇ ରହିଥାଏ।
- ଯଦି ଆପଣଙ୍କ ମୁହଁରେ ଅଧିକ ପରିମାଣରେ ବ୍ଲାକ୍ ହେଡ୍ସ ହୋଇଯାଇଛି ତେବେ ଲେମ୍ବୁ ଏବଂ ଲୁଣର ବ୍ୟବହାର କରିପାରିବେ।

ପ୍ରଥମେ ଲେମ୍ବୁ ରସରେ ଲୁଣ ମିକ୍ସ କରି ଦିଅନ୍ତୁ। ଏହାକୁ ବ୍ଲାକ୍ ହେଡ୍ସ ସ୍ଥାନରେ ଲଗାଇ ତାକୁ ଭଲଭାବେ ଘଷନ୍ତୁ। କିଛି ସମୟ ଛାଡ଼ି ଏହାକୁ ପାଣି ସାହାଯ୍ୟରେ ଧୋଇ ଦିଅନ୍ତୁ। ଲେମ୍ବୁ ଲୁଣ ସାହାଯ୍ୟରେ ପ୍ରତିଦିନ ସଫା କରିବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ।

- ନାକ ଉପରେ ଯଦି ଅଧିକ ବ୍ଲାକ୍ ହେଡ୍ସ ହୋଇଯାଇଛି ତେବେ ବେକିଂ ସୋଡ଼ା ଲଗାନ୍ତୁ। ଏଥିପାଇଁ ପାଣିରେ ଅଧା ଚାମଚ ବେକିଂ ସୋଡ଼ା ମିଶାଇ ଯେଉଁଠି ବ୍ଲାକ୍ ହେଡ୍ସ ହୋଇଛି ସେଇଠି ୧୦ମିନିଟ୍ ପର୍ଯ୍ୟନ୍ତ ଲଗାଇ ଛାଡ଼ି ଦିଅନ୍ତୁ। ଏହାକୁ କିଛି ସମୟ ପରେ ପାଣିରେ ଧୋଇ ସଫା କରି ଦିଅନ୍ତୁ।
- ଆପଣ ସ୍କିନ୍‌ରେ ମହୁ ବି ଲଗାଇ ପାରିବେ। ମହୁ ସହିତ ଡାଲ୍‌ଚିନି ପାଉଡର ମିକ୍ସ କରି ଏହି ପେଷ୍ଟକୁ ଲଗାନ୍ତୁ। ଫଳରେ କିଛି ମାତ୍ରାରେ ବ୍ଲାକ୍ ହେଡ୍ସ ଦୂର ହୋଇଯିବ।
- ଆପଣ ଓଟମିଲ୍‌ର ପେଷ୍ଟ ବନାଇ ବ୍ଲାକ୍ ହେଡ୍ସରେ ଲଗାଇ କିଛି ସମୟ ଲାଗି ଛାଡ଼ି ଦିଅନ୍ତୁ। ଏହା ବ୍ଲାକ୍ ହେଡ୍ସ ଦୂର କରିବାରେ ସାହାଯ୍ୟ କରେ।
- ବଜାରରେ ବିଭିନ୍ନ ପ୍ରକାରର ବ୍ଲାକ୍ ହେଡ୍ସ ଦୂର କରିବା ଲାଗି ମାସ୍କ ମିଳୁଛି, ଯାହା ଦ୍ୱାରା ବ୍ଲାକ୍ ହେଡ୍ସ ସହିତ ଡେଡ୍ ସ୍କିନ୍ ,ଏକ୍ସଟ୍ରା ଅଏଲ ମଧ୍ୟ ଦୂର ହୋଇଥାଏ।

ଖାଦ୍ୟରୁଚି

ଭେଜିଟେବୁଲ ଉପମା



ଆବଶ୍ୟକ ସାମଗ୍ରୀ: ୧ କପ୍ ସୁଜି, ଅଧାକପ୍ ପାଣି, ୧/୪ ପନିପରିବା, ଅଧାକପ ଜୀରା, ଅଧା ଚାମଚ ସୋରିଷ, ଅଧା ଚାମଚ ହଳଦୀ ପାଉଡର, ଅଧା ଚାମଚ ଲାଲ ମିର୍ଚ୍ଚ ପାଉଡର, ଅଧା ଚାମଚ ଗରମ ମସଲା ପାଉଡର, ସ୍ୱାଦ ଅନୁସାରେ ଲୁଣ, ଦୁଇ ବଡ଼ ଚାମଚ ତେଲ, ଧନିଆ ପତ୍ର ସଜାଇବା ଲାଗି।

ପ୍ରସ୍ତୁତି ପ୍ରଣାଳୀ

ସୁଜିକୁ ପ୍ରଥମେ କଡ଼ାଇରେ ଭାଜି ଦିଅନ୍ତୁ। ଏହା ଭାଜି ହୋଇଗଲା ପରେ ଏକ ବଡ଼ ପାତ୍ରରେ କାଢ଼ି ରଖନ୍ତୁ। । ଏବେ ଏକ କଡ଼ାଇ ନିଅନ୍ତୁ ଏବେ ସେଥିରେ ତେଲ ଗରମ କରନ୍ତୁ। ଏବେ ଏଥିରେ ଜୀରା, ହଳଦୀ ପାଉଡର, ନାଲି ଲଙ୍କା ପାଉଡର ଏବଂ ଗରମ ମସଲା ପାଉଡର ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ଏଥିରେ କଟା ହୋଇଥିବା ପନିପରିବାକୁ ପକାଇ ଭଲଭାବେ ଭାଜନ୍ତୁ। ପନିପରିବା ସିଝିବା ପର୍ଯ୍ୟନ୍ତ ଏହାକୁ ଢ଼ାଙ୍କି ରଖନ୍ତୁ। ବର୍ତ୍ତମାନ ଭଜା ହୋଇଥିବା ସୁଜିକୁ ଏଥିରେ ପକାଇ ଘାଣ୍ଟନ୍ତୁ। ଏହା ପରେ ସେଥିରେ ଟିକେ ପାଣି ଦେଇ ସୁଜି ଟିକେ ଫୁଟିବା ଆରମ୍ଭ କଲେ ଏବେ ଏଥିରେ ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହି ଉପମାକୁ ଗରମ ଗରମ ପରଷି ଡାଲ୍‌ମା କିମ୍ବା ମଟର ତରକାରୀ ସହ ଖାଇପାରିବେ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୫/୨୦୨୫ Bhubaneswar, Tuesday, April 15/ 2025

ଅଷ୍ଟ୍ରେଲିଆ ଟୁର୍: ଭାରତୀୟ ଦଳରେ ଓଡ଼ିଶାର ୩

ଅଷ୍ଟ୍ରେଲିଆ ଗସ୍ତ ପାଇଁ ମନୋନୀତ ଭାରତୀୟ ମହିଳା ହକି ଦଳ।

ନୂଆଦିଲ୍ଲୀ, ୧୪।୪ (ପି.ଟି.)

ଏପ୍ରିଲ ୨୬ରୁ ମେ ୪ ପର୍ଯ୍ୟନ୍ତ ହେବାକୁଥିବା ଅଷ୍ଟ୍ରେଲିଆ ଟୁର୍ ପାଇଁ ସୋମବାର ୨୬ଜଣିଆ ମହିଳା ହକି ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୁନେଲିତା ଟପ୍ପୋ, ସୁଜାତା କୁଜୁର ଓ ଅଜମିନା କୁଜୁର। ଭାରତ ପ୍ରଥମ ଦୁଇଟି ଗେମ୍‌ରେ ଅଷ୍ଟ୍ରେଲିଆ 'ଏ'କୁ ଭେଟିବାକୁ ଥିବା ବେଳେ ପରେ ସେମାନେ ଅଷ୍ଟ୍ରେଲିଆ ସିନିୟର ଦଳ ବିପକ୍ଷରେ ୩ଟି ମ୍ୟାଚ ଖେଳିବେ। ସମସ୍ତ ମ୍ୟାଚ ପର୍ଥ ହକି ଷ୍ଟାଡିୟମରେ ହେବ। ଜୁନରେ ହେବାକୁଥିବା ୟୁରୋପ ପର୍ଯ୍ୟାୟ ଏଫଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ ପାଇଁ ପ୍ରସ୍ତୁତି ଦୃଷ୍ଟିରୁ ଏହି ଟୁର୍ ଗୁରୁତ୍ୱପୂର୍ଣ୍ଣ। ଦଳ ଉଭୟ ଅଭିଜ୍ଞ ଓ ନୂଆ ଖେଳାଳିଙ୍କୁ ନେଇ ଗଠିତ। ଦକ୍ଷ ମିଡ୍‌ଫିଲ୍ଡର ସାଲିମା ଟେଟେ ଦଳର ନେତୃତ୍ୱ ନେବାକୁଥିବା ବେଳେ ଅଭିଜ୍ଞ ଫରୱାର୍ଡ ନବନୀତ କୌରଙ୍କୁ ତାଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ପୁରୁଖା ଗୋଲକିପର ଏବଂ ଯୁବ ପ୍ରତିଭା ବିଚୁ ଦେବୀ ଖରିବାମ୍ ଗୋଲ୍‌ପୋଷ୍ଟ ସମ୍ଭାଳିବେ। ଡିଫେନ୍ସ ଲାଇନ୍‌ଅପ୍‌ରେ ଉଭୟ ଅଭିଜ୍ଞ ଓ ଉଦୀୟମାନ ଯୁବ ପ୍ରତିଭା ରହିଛନ୍ତି। ସେମାନେ ହେଲେ ଜ୍ୟୋତି ସିଂ, ଇଶିକା ଚୌଧାରୀ, ସୁଶିଲା ଚୌଧାରୀ ପୁଖରାମବାମ୍, ସୁଜାତା କୁଜୁର, ସୁମନ ଦେବୀ ଥୋଦମ, ଜ୍ୟୋତି, ଅଜମିନା କୁଜୁର ଓ ସାକ୍ଷୀ ରାଣା। ମିଡ୍‌ଫିଲ୍ଡରେ ଅଧିନାୟିକା ଟେଟେ ସେଣ୍ଟରରେ ରହିବେ। ତାଙ୍କୁ ସହାୟତା କରିବେ ବୈଷ୍ଣବୀ ବିଆଲ ଫାଲ୍‌କେ, ନେହା, ଶର୍ମିଳା ଦେବୀ, ମନୀଷା ଚୌହାନ, ସୁନେଲିତା ଟପ୍ପୋ, ମହିମା ଟେଟେ, ପୂଜା ଯାଦବ ଓ ଲାଲ୍ ରେମ୍‌ସିଆମି। ଫରୱାର୍ଡ ଲାଇନ୍‌ରେ ନବନୀତ କୌର, ଦୀପିକା, ରତାଜା ଦାଦାସୋ ପିସାଲ, ମମ୍‌ତାଜ ଖାନ୍, ବଲ୍‌ଜିତ କୌର, ଦୀପିକା ସୋରେଙ୍ଗ ଓ ବିୟୁଟି ଡୁଙ୍ଗ୍ ଡୁଙ୍ଗ୍। ଦଳରେ ଅତିରିକ୍ତ ଖେଳାଳି ଭାବେ ସ୍ଥାନ ପାଇଛନ୍ତି ବନସାରି ସୋଲାଙ୍କି (ଗୋଲ୍‌କିପର), ଅଞ୍ଜନା ଡୁଙ୍ଗଡୁଙ୍ଗ୍ ଓ ଲାଲ୍‌ଥାଣ୍ଟଲୁଆଙ୍ଗି (ଡିଫେଣ୍ଡର), ଶଶି ଶୁକ୍ଲା ଓ ଖାଇଦେମ ଶିଲିମା ଚାନୁ (ମିଡ୍‌ଫିଲ୍ଡର)। ସେହିପରି ଷ୍ଟାଣ୍ଡବାଇ ଖେଳାଳି ଭାବେ ଦୀପି ମୋନିକା ଟପ୍ପୋ ଓ ସୋନମ (ଫରୱାର୍ଡ)ଙ୍କୁ ନିଆଯାଇଛି।

ଡିସ୍‌କସ୍‌ରେ ମିକୋଲାସ ଆଲେକ୍‌ନାଙ୍କ ବିଶ୍ୱ ରେକର୍ଡ

ରାମୋନା, ୧୪।୪ (ଏପି): ମିକୋଲାସ ଆଲେକ୍‌ନା ଡିସ୍‌କସ୍‌ରେ ତାଙ୍କ ନାମରେ ରହିଥିବା ବିଶ୍ୱ ରେକର୍ଡକୁ ଦୁଇଥର ଭଙ୍ଗ କରିଛନ୍ତି। ଓକ୍‌ଲାହୋମା ଥ୍ରୋଜ୍ ସିରିଜ ୱାର୍ଲ୍ଡ ସିରିଜ ଇନ୍‌ଭିଟେଶନାଲରେ ଲିଥୁଆନିଆର ଏହି ଷ୍ଟାର ଆଥ୍‌ଲେଟ ୭୫.୫୬ ମିଟର ଡିସ୍‌କସ୍ ଫିଙ୍ଗି ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଏଠାରେ ସେ ତାଙ୍କ ପ୍ରଥମ ପ୍ରୟାସରେ ୭୪.୮୯ ମିଟର ଡିସ୍‌କସ୍ ଫିଙ୍ଗିଥିଲେ। ଏହା ମଧ୍ୟ ଥିଲା ତାଙ୍କର ଏକ ରେକର୍ଡ ବ୍ରେକିଂ ଥ୍ରୋ। ଗତବର୍ଷ ସେ ଏହି ସମାନ ଇଭେଣ୍ଟରେ ୧୯୮୬ରୁ ରହି ଆସିଥିବା ଏକ ବିଶ୍ୱ ରେକର୍ଡ ଭଙ୍ଗ କରିଥିଲେ। ସୂଚନାଯୋଗ୍ୟ, ୨୨ ବର୍ଷୀୟ ଆଲେକ୍‌ନା ହେଉଛନ୍ତି, କାଲିଫର୍ନିଆ ୟୁନିଭର୍ସିଟିରେ ୪ର୍ଥ ବର୍ଷ ଛାତ୍ର। ଆଲେକ୍‌ନା ରେକର୍ଡ ବୁକ୍‌ରେ ସ୍ଥାନ ପାଇବା ପୂର୍ବରୁ ୨୦୨୪ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜେତା ଅଷ୍ଟ୍ରେଲିଆର ମ୍ୟାଟ୍ ଡେନି ୭୪.୭୮ ମିଟରରେ କିଛିଦିନ ପାଇଁ ବିଶ୍ୱ ରେକର୍ଡ ଅଧିକାରୀ ଥିଲେ।

ପରାଜୟ ଧାରା ଭାଙ୍ଗିଲା ଚେନ୍ନାଇ

ଲକ୍ଷ୍ନୌ, ୧୪।୪

ଲଗାତର ୫ ମ୍ୟାଚରେ ପରାଜୟ ପରେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ବିଜୟ ସ୍ୱାଦ ଚାଖିଛି। ସୋମବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚରେ ସିଏସ୍‌କେ ୫ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ଲକ୍ଷ୍ନୌ ପକ୍ଷରୁ ଧାର୍ଯ୍ୟ ୧୬୭ ରନର ଟାର୍ଗେଟକୁ ସିଏସ୍‌କେ ୧୯.୩ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହା ଚେନ୍ନାଇର ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଲକ୍ଷ୍ନୌ ଲାଗି ଏହା ତୃତୀୟ ପରାଜୟ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୬ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ରିଷଭ ପନ୍ତ ସର୍ବାଧିକ ୬୩ (୪ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ମାର୍ଶ ୩୦ (୨ ଲେଖାଏ ଚୌକା ଓ ଛକା), ଆୟୁଷ ବଦୋନୀ ୨୨ ଓ ଅବଦୁଲ ସମଦ ୨୦ ରନ କରିଥିଲେ। ଚେନ୍ନାଇ ପକ୍ଷରୁ ରବୀନ୍ଦ୍ର ଜାଡେଜା ଓ ମାଥିଶା ପାଥିରାନା ଦୁଇ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପଦାର୍ପଣକାରୀ ଶେଖ ରଶିଦ ଓ ରାଚିନ ରବୀନ୍ଦ୍ର ସିଏସ୍‌କେକୁ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ୪.୫ ଓଭରରେ ୫୨ ରନ କରିଥିଲେ। ରଶିଦ ୬ ଚୌକା ସହିତ ୨୭ ଓ ରାଚିନ ୫ ଚୌକା ସହ ୩୭ ରନ କରି ଆଉଟ୍ ହୋଇଥିଲେ। ଦୁହେଁ ଆଉଟ୍ ହେବା ପରେ ଦଳ କ୍ରମାଗତ ବ୍ୟବଧାନରେ ୩ଟି ଉଇକେଟ ହରାଇଥିଲା। ରାହୁଲ ତ୍ରିପାଠୀ (୯), ରବୀନ୍ଦ୍ର ଜାଡେଜା (୭) ଓ ବିଜୟ ଶଙ୍କର (୯) ଫେଲ ମାରିଥିଲେ। ଏହାପରେ ଶିଭମ ଦୁବେ ଓ ମହେନ୍ଦ୍ର ସିଂ ଧୋନୀ ଷଷ୍ଠ ଉଇକେଟରେ ୫୭ ରନ ଯୋଡ଼ି ଦଳକୁ ଜିତାଇଥିଲେ। ଦୁବେ ୩ ଚୌକା ଓ ୨ ଛକା ସହିତ ୪୩ ଓ ଧୋନୀ ୪ ଚୌକା ଓ ୧ ଛକା ସହିତ ୨୬ ରନ କରି ଅପରାଜିତ ରହିଥିଲେ। ଲକ୍ଷ୍ନୌ ପକ୍ଷରୁ ରବି ବିଷ୍ଣୋଇ ଦୁଇଟି ଉଇକେଟ ନେଇଥିବା ବେଳେ ଆଭେଶ ଖାନ ଓ ଏଡେନ ମାରକ୍ରାମ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମହେନ୍ଦ୍ର ସିଂ ଧୋନୀ।

ସଂକ୍ଷିପ୍ତ ସ୍କୋର

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୬୬/୭ (ରିଷଭ ପନ୍ତ-୬୩, ମିଚେଲ ମାର୍ଶ-୩୦, ଆୟୁଷ ବଦୋନୀ-୨୨, ରବୀନ୍ଦ୍ର ଜାଡେଜା-୨/୨୪, ମାଥିଶା ପାଥିରାନା-୨/୪୫, ଅନଶୁଲ କାମୋଜ-୧/୨୦)। ଚେନ୍ନାଇ ସୁପର କିଙ୍ଗ୍ସ: ୧୯.୩ ଓଭରରେ ୧୬୮/୫ (ଶିବମ ଦୁବେ-୪୩*, ରାଚିନ ରବୀନ୍ଦ୍ର-୩୭, ଶେଖ ରଶିଦ-୨୭, ମହେନ୍ଦ୍ର ସିଂ ଧୋନୀ-୨୬*, ଆଭେଶ ଖାନ-୧/୩୨,ରବି ବିଷ୍ଣୋଇ-୨/୧୮)।

ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
ପଞ୍ଜାବ
ବନାମ କୋଲକାତା
ସ୍ଥାନ: ଚଣ୍ଡିଗଢ଼
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଆଇପିଏଲ୍ ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ	ରନ ହାର
ଗୁଜରାଟ ଟାଇଟନ୍ସ	୬	୪	୨	୮	+୧.୦୮୧
ଦିଲ୍ଲୀ କ୍ୟାପିଟାଲ୍ସ	୫	୪	୧	୮	+୧.୦୦୬
ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ	୬	୪	୨	୮	+୦.୬୭୨
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ	୭	୪	୩	୮	+୦.୦୮୬
କୋଲକାତା ନାଇଟ ରାଇଡର୍ସ	୬	୩	୩	୬	+୦.୮୦୩
ପଞ୍ଜାବ କିଙ୍ଗ୍ସ	୫	୩	୨	୬	+୦.୦୬୫
ମୁମ୍ବାଇ ଇଣ୍ଡିଆନ୍ସ	୬	୨	୪	୪	+୦.୦୨୭
ରାଜସ୍ଥାନ ରୟାଲ୍ସ	୬	୨	୪	୪	-୦.୮୩୮
ସନ୍‌ରାଇଜର୍ସ ହାଇଦ୍ରାବାଦ	୬	୨	୪	୪	-୧.୨୪୫
ଚେନ୍ନାଇ ସୁପର କିଙ୍ଗ୍ସ	୭	୨	୫	୪	-୧.୨୭୬

ଧୀରଜଙ୍କୁ ବ୍ରୋଞ୍ଜ, ପୁରୁଷ ଦଳକୁ ରୌପ୍ୟ

ନୂଆଦିଲ୍ଲୀ, ୧୪।୪(ପି.ଟି.): ଆମେରିକାରେ ଅନୁଷ୍ଠିତ ଆର୍ଚ୍ଚରୀ ୱାର୍ଲ୍ଡକପ୍ ଷ୍ଟେଜ ୧ ପ୍ରତିଯୋଗିତାରେ ଭାରତ ୪ ପଦକ ସହ ଅଭିଯାନ ଶେଷ କରିଛି। ପଦକ ତାଲିକାରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହିତ ଦୁଇଟି ବ୍ରୋଞ୍ଜ ରହିଛି। ଟୁର୍ନାମେଣ୍ଟର ଅନ୍ତିମ ଦିନ ଭାରତୀୟ ପୁରୁଷ ରିକର୍ଭ ଦଳ ରୌପ୍ୟ ପଦକ ଜିତିଥିବା ବେଳେ ଧୀରଜ ବୋମାଦେଭରା ବ୍ରୋଞ୍ଜ ପଦକ ହାତେଇଛନ୍ତି। ସ୍ପେନର ଆଣ୍ଡ୍ରେସ ଟେମିନୋଙ୍କ ବିପକ୍ଷ ୫ ସେଟ୍ ବିଶିଷ୍ଟ ବ୍ରୋଞ୍ଜ ପଦକ ମ୍ୟାଚରେ ପ୍ରାରମ୍ଭିକ ଭାବେ ୨-୪ରେ ପଛୁଆ ଥିବା ୨୩ ବର୍ଷୀୟ ଆର୍ମୀ ଆର୍ଚ୍ଚର ଧୀରଜ ୬-୪ ବ୍ୟବଧାନରେ ମୁକାବିଲାକୁ ଜିତି ନେଇଥିଲେ।

ଆଶୁତୋଷ ପାଢ଼ୀ ଚାମ୍ପିୟନ

ଭୁବନେଶ୍ୱର, ୧୪।୪ (ତପନ ସ୍ୱାଇଁ)

ସ୍ଥାନୀୟ ଭିନ୍‌ଟେଜ କ୍ଲବରେ ଅନୁଷ୍ଠିତ ବକ୍‌ଲାଇନ ସ୍ନୁକର ଜୋନାଲ କ୍ୱାଲିଫାଇଂ ଟୁର୍ନାମେଣ୍ଟରେ ଆଶୁତୋଷ ପାଢ଼ୀ ଚାମ୍ପିୟନ ହୋଇଛନ୍ତି। ସୋମବାର ଅନୁଷ୍ଠିତ ଫାଇନାଲରେ ଆଶୁତୋଷ ୪-୧ (୭୨-୦, ୪୬-୬୭, ୭୫-୦, ୧୦୦-୧, ୭୦-୧୪) ଫ୍ରେମ୍‌ରେ ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଆଶୁତୋଷ ୪-୦ରେ ଅମିୟ ରଞ୍ଜନ ନାୟକ ଓ ରାକେଶ ୪-୧ରେ ସିଦ୍ଧାର୍ଥ ସେନ୍‌ଙ୍କୁ ପରାସ୍ତ କରିଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମାଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଚାମ୍ପିୟନଙ୍କୁ ଫଳକ ସହ ୧୦,୦୦୦ ଓ ରନରଅପ୍‌ଙ୍କୁ ୯୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ନ୍ୟାଶନାଲ ସ୍ପୋର୍ଟ୍ସ କ୍ଲବ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ମୁମ୍ବାଇରେ ଚଳିତ ମାସ ୨୮ରୁ ବକ୍‌ଲାଇନ୍ ୪.୦ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶାରୁ ୪ ଖେଳାଳିଙ୍କୁ ସିଧାସଳଖ ଏଣ୍ଟ୍ରି ମିଳିବ। ଏହି ଖେଳାଳିମାନେ ହେଲେ ବିଜେତା ଆଶୁତୋଷ, ରନରଅପ୍ ରାକେଶ, ସୁବ୍ରତ ଦାସ ଓ ନିଶାନ୍ତ ବିଶ୍ୱାଳ।

ବକ୍‌ଲାଇନ ସ୍ନୁକର ଜୋନାଲ କ୍ୱାଲିଫାଇଂ

ଟ୍ରଫି ସହ ରାକେଶ ରୋଶନ ପ୍ରଧାନ ଓ ଆଶୁତୋଷ ପାଢ଼ୀ।

କୃଷ୍ଣପ୍ରିୟା, ଶୁଭଶ୍ରୀଙ୍କ କୃତିତ୍ୱ

ଭୁବନେଶ୍ୱର, ୧୪।୪ (ତପନ ସ୍ୱାଇଁ)

ସମ୍ବଲପୁରରେ ଅନୁଷ୍ଠିତ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥ୍‌ଲେଟିକ୍ସରେ ଏକାମ୍ର କଲେଜର କୃଷ୍ଣପ୍ରିୟା ବରିସଲ୍ୟ ଓ ଶୁଭଶ୍ରୀ ପରିଜା କୃତିତ୍ୱ ହାସଲ କରିଛନ୍ତି। କୃଷ୍ଣପ୍ରିୟା ୨୦୦ ମିଟରରେ ଦ୍ୱିତୀୟ, ୧୦୦ ମିଟରରେ ତୃତୀୟ ଏବଂ ୪X୧୦୦ ମିଟର ରିଲେ ରେସ୍‌ରେ ଅନନ୍ୟା ସିଂ, ମାନସି ମହାରଣା ଓ କୀର୍ତ୍ତି ରାଉଳଙ୍କ ସହ ମିଶି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଶୁଭଶ୍ରୀ ୪୦୦ ମିଟରରେ ଦ୍ୱିତୀୟ ଏବଂ ୪X୧୦୦ ମିଟର ରିଲେ ରେସ୍‌ରେ ପିଙ୍କି ସାହୁ, ଦୀପ୍ତିରାଣୀ ସାହୁ ଓ ସୁବାସିନୀ ଭୁତିଆଙ୍କ ସହ ମିଶି ପ୍ରଥମସ୍ଥାନ ହାସଲ କରିଛନ୍ତି।

ପଦକ ସହ କୃଷ୍ଣପ୍ରିୟା ବରିସଲ୍ୟ ଓ ଶୁଭଶ୍ରୀ ପରିଜା।

ସିଆରପିଏଫ୍-ଏସ୍‌ଏସ୍‌ବି ମହିଳା ଫାଇନାଲ

ଭୁବନେଶ୍ୱର, ୧୪।୪(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ର ଉଭୟ ମହିଳା ଓ ପୁରୁଷ ବିଭାଗ ସେମିଫାଇନାଲ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହିଳା ବିଭାଗର ପ୍ରଥମ ସେମିଫାଇନାଲରେ ସିଆରପିଏଫ୍ ୧-୦ ଗୋଲରେ ଉତ୍ତର ପ୍ରଦେଶକୁ ଏବଂ ଦ୍ୱିତୀୟ ସେମିରେ ଏସ୍‌ଏସ୍‌ବି ଘରୋଇ ଓଡ଼ିଶାକୁ ୨-୧ ଗୋଲରେ ହରାଇ ଫାଇନାଲରେ ପହଞ୍ଚିଛି। ଫଳରେ ଓଡ଼ିଶା ମହିଳା ଦଳର ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି। ସେହିପରି ପୁରୁଷ ବିଭାଗ ପ୍ରଥମ ସେମିଫାଇନାଲରେ ପଞ୍ଜାବ ୭-୨ରେ ଆଇଟିବିପିକୁ ଏବଂ ଦ୍ୱିତୀୟ ସେମିରେ ସିଆରପିଏଫ୍ ୩-୧ ଗୋଲରେ ବିଏସ୍‌ଏଫ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ବିଭିନ୍ନ ମ୍ୟାଚ୍ ସମୟରେ ଅତିଥି ଭାବେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବହାଦୁର ଖୁରାନିଆ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପସଭାପତି ଦୟାଳ ଗଙ୍ଗୱାର, ଯୁଗ୍ମ ନିର୍ଦ୍ଦେଶକ, ଆଇବି, ରାଜେଶ ସୁବର୍ଣ୍ଣ ଆଇଜିପି (ମହିଳା ଓ ଶିଶୁ ଅପରାଧ ଶାଖା) ଏସ୍. ସାଇନି, ଆଇଜିପି(ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ଅପରାହ୍ନ ୪ଟାରେ ସିଆରପିଏଫ୍-ଏସ୍‌ଏସ୍‌ବି ମହିଳା ଏବଂ ସନ୍ଧ୍ୟା ୬ଟାରେ ପଞ୍ଜାବ ଓ ସିଆରପିଏଫ୍ ମଧ୍ୟରେ ପୁରୁଷ ବିଭାଗ ଫାଇନାଲ ଅନୁଷ୍ଠିତ ହେବ।

ସର୍ବଭାରତୀୟ ପୋଲିସ ହକି

- ପୁରୁଷ ଫାଇନାଲରେ ପଞ୍ଜାବକୁ ଭେଟିବ ଆଇଟିବିପି
- ସେମିରୁ ଓଡ଼ିଶା ମହିଳା ଦଳର ଅଭିଯାନ ଶେଷ

ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଉଦ୍‌ଯାପିତ

ଚାମ୍ପିୟନ୍ ରାମେଶ୍ୱର ସ୍ପୋର୍ଟିଂ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୧୪।୪ (ତପନ ସ୍ୱାଇଁ)

ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ବିଏମ୍ ହାଇସ୍କୁଲ ପଡ଼ିଆରେ ୭ମ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ୧୫ ବର୍ଷରୁ କମ୍ (ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ) କ୍ରିକେଟ ଫାଇନାଲରେ ସହିଦ ସ୍ପୋର୍ଟିଂକୁ ୧ ରନରେ ହରାଇ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୨୩.୩ ଓଭରରେ ୧୦୦ ରନକରି ଅଲ୍‌ଆଉଟ ହୋଇଥିଲା। ଆକାଶ ସାହୁ ୨୩ ଓ ଆହ୍ୱାନ ମିଶ୍ର ୨୨ ରନ କରିଥିବାବେଳେ ବିପକ୍ଷ ଦଳର ଓମ୍ ପ୍ରକାଶ ନାୟକ ଓ ବିଶ୍ୱ ସାମନ୍ତରାୟ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ୨୪.୩ ଓଭରରେ ୯୯ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ସୁପ୍ରତୀକ ମିଶ୍ର ୨୫ ଓ ମହେଶ ପଣ୍ଡା ୨୪ ରନ କରିଥିଲେ। ବିଜୟୀ ଦଳର ବିମଲଜ୍ୟୋତି ବେହେରା ୪ଟି ଓ ସାଇ କୌଶିକ ୨ଟି ଉଇକେଟ ନେଇଥିଲେ। ରାମେଶ୍ୱରର ବିମଲଜ୍ୟୋତି ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ଓ ଶ୍ରେଷ୍ଠ ବୋଲର, ଲିଓନେଲ ମେହେର ଶ୍ରେଷ୍ଠ ବ୍ୟାଟର, ଆକାଶ ସାହୁ ଶ୍ରେଷ୍ଠ ଫିଲ୍ଡର ଓ ସହିଦ ସ୍ପୋର୍ଟିଂର ରତୁରାଜ ମହାନ୍ତି ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଅମ୍ପାୟର ବିଶ୍ୱଜିତ ମଲିକ ଓ ନିରଞ୍ଜନ ଗୌଡ଼ ମ୍ୟାଚ ପରିଚାଳନା କରିଥିଲେ। ବିଧାୟକ ବାବୁ ସିଂ, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ପୂର୍ବତନ ରଣଜୀ ଖେଳାଳି ରଶ୍ମିରଞ୍ଜନ ପରିଡ଼ା, ଉପସଭାପତି ରାଧାନାଥ ମହାପାତ୍ର, ବିଏସ୍‌ଏନ୍‌ଏଲ୍‌ର ସହକାରୀ ଜେନେରାଲ ମ୍ୟାନେଜର ଅରବିନ୍ଦ ପ୍ରସାଦ ବଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବର କାର୍ଯ୍ୟକାରୀ ସଭାପତି ପରେଶ ପଟେଲ, ସମ୍ପାଦକ ଦୀପକ ମଙ୍ଗରାଜ, ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ପ୍ରଧାନ, କୋଷାଧ୍ୟକ୍ଷ ବିଜୟ କୁମାର ରଥ, ସୂର୍ଯ୍ୟକାନ୍ତ ମହାପାତ୍ର, ଅକ୍ଷୟ ଜେନା, ନିର୍ମଳ ବିଶ୍ୱାଳ, ଶୁଭଙ୍କର ସାହୁ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

Since 1939
P. C. CHANDRA JEWELLERS
A jewel of jewels
MORE THAN GOLD
85 Years
AWARDED PRESTIGIOUS BRANDS OF ASIA 2024-25 BY BARC
ଶୁଭ ଅକ୍ଷୟ ତୃତୀୟା ଅଫର୍
15th April to 1st May, 2025
ମେକିଙ୍ଗ ଚାର୍ଜ 10% ରୁ ଆରମ୍ଭ
GUARANTEED
₹200 OFF ପ୍ରତି ଗ୍ରାମ୍ ସୁନା ଗହଣା ଉପରେ
15% DISCOUNT ସମସ୍ତ ଗହଣାର ମେକିଙ୍ଗ୍ ଚାର୍ଜ ଉପରେ
10% DISCOUNT ହୀରା ଓ ଗ୍ରହରତ୍ନର ମୂଲ୍ୟ ଉପରେ
100% EXCHANGE Value ପୁରୁଣା ସୁନା ଗହଣା ଉପରେ
20% DISCOUNT* RIHI - Silver Jewellery Collection ର ମେକିଙ୍ଗ୍ ଚାର୍ଜ ଉପରେ
CERTIFIED ହୀରା* | Golden Dreams - ମାସିକ ସ୍ୱର୍ଣ୍ଣ ସଞ୍ଚୟ